R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୪୮
ତିଥି : ଷଷ୍ଠୀ
୦୫ ମାର୍ଚ୍ଚ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 148
05 March 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଫାଇନାଲରେ ଭାରତ

ଦୁବାଇ, ୪।୩ (ଏଜେନ୍ସି): ପ୍ରତୀକ୍ଷାର ଅନ୍ତ ଘଟିଛି । ଅନେକ ଚର୍ଚ୍ଚା, ତର୍କବିତର୍କ, ଅଙ୍କକଷା, ପୂର୍ବାନୁମାନ ସବୁକୁ ପଛରେ ପକାଇ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଚଳିତ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଧରାଶାୟୀ କରି ଭାରତ ଏହି ଐତିହାସିକ ଉପଲବ୍ଧି ହାସଲ କରିଛି । ୨୦୧୩ରେ ମହେନ୍ଦ୍ରସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ ହୋଇଥିଲା । ଏହାର ୧୨ ବର୍ଷ ପରେ ରୋହିତ ଶର୍ମା ଏହି ଗୌରବ ହାସଲ କରିବାକୁ ଯାଉଛନ୍ତି ।

ସେମିରେ ଅଷ୍ଟ୍ରେଲିଆକୁ ପରାଜିତ କରିବା ଓ ବିଦା କରିବା ସହ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି (୯ ପୃଷ୍ଠାରେ)




# ସରକାରୀ ଛୁଟି ତାଲିକାରୁ ବାଦ୍ ପଞ୍ଚାୟତିରାଜ ଦିବସ



ଭୁବନେଶ୍ୱର, ୪।୩ (ସବ୍ୟୁ) : ପଞ୍ଚାୟତିରାଜ ଦିବସଟିକୁ ସରକାରୀ ଛୁଟି ତାଲିକାରୁ ପ୍ରତ୍ୟାହାର କରିନିଆଯାଇଛି । ରାଜସ୍ୱ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ପଞ୍ଚାୟତ ଦିବସ ପାଳନରେ ଜାତି ଓ ରାଜ୍ୟ ସ୍ତରରେ ଥିବା ଅସଂହତି ଦୂର କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା । ତେବେ ଗତକାଲି ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ଏହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ଯୁକ୍ତି ବଢ଼ାଯାଇଥିଲା ଯେ


### ରାଜସ୍ୱ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି

### ସ୍କୁଲ, କଲେଜ ଆଜି ଖୋଲା ରହିବ

ପ୍ରତିବର୍ଷ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଏ । ଏହି ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମାଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପୁରସ୍କାର ପ୍ରଦାନ କରାଯାଇଥାଏ ଓ ଜାତୀୟ-ରାଜ୍ୟସ୍ତରରେ ଅସଂହତି ଦୂର କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି । ତେବେ ସରକାରଙ୍କ ନିଷ୍ପତ୍ତି ପରେ ମଙ୍ଗଳବାର ରାଜସ୍ୱ ବିଭାଗ ସରକାରୀ ଛୁଟି ତାଲିକାରୁ ଏହାକୁ ବାଦ୍ ଦେଇଛନ୍ତି । ସେହିଭଳି ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସରକାରୀ ଓ (୯ ପୃଷ୍ଠାରେ)

## ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦ କଲା ଆମେରିକା

# ଟ୍ରମ୍ପଙ୍କ ନେତୃତ୍ୱରେ କାର୍ଯ୍ୟ କରିବି : ଜେଲନ୍‌ସ୍କି



ନୂଆଦିଲ୍ଲୀ, ୪।୩ : ୟୁକ୍ରେନ୍‌କୁ ସମସ୍ତ ସାମରିକ ସହାୟତା ବନ୍ଦ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ କି ୟୁକ୍ରେନ୍ ଲାଗି ଏବେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ରୁଷ୍ ସହ ଚାଲିଥିବା ଏହି ଯୁଦ୍ଧର ପ୍ରଭାବ ଆଗକୁ ପଡିପାରେ ବୋଲି ଆଲୋଚନା ହେଉଛି । ଗତ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଟ୍ରମ୍ପଙ୍କୁ ସିଧା ସଳଖ ଅନେକ ପ୍ରସଙ୍ଗରେ ଜେଲେନ୍‌ସ୍କି ଜବାବ ଦେଇଥିଲେ । ଏହାପରେ ଆମେରିକା ଏଭଳି ନିଷ୍ପତ୍ତି ନେଇଛି । ତେବେ ନିଷ୍ପତ୍ତି ପରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ନରମିଛନ୍ତି । ସୋସିଆଲ ମିଡିଆରେ ଟ୍ୱିଟ୍ କରି ଉଲ୍ଲେଖ କରିଛନ୍ତି ଯେ ଟ୍ରମ୍ପଙ୍କ ବଳିଷ୍ଠ ନେତୃତ୍ୱରେ ସେ କାର୍ଯ୍ୟ କରିବାକୁ ପ୍ରସ୍ତୁତ । ରୁଷ୍ ସହ ଚାଲିଥିବା ତାଙ୍କ ଦେଶର ଯୁଦ୍ଧ ବନ୍ଦ କରିବା ସହ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଆଗ୍ରହୀ । ଖୁବ୍ ଶୀଘ୍ର ସେ ବୁଝାମଣା କରିବେ । କେହି ଚାହାଁନ୍ତିନି ଯେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯୁଦ୍ଧ ଚାଲୁ । ୟୁକ୍ରେନ୍ ଶାନ୍ତି ପାଇଁ ପ୍ରସ୍ତୁତ । ୟୁକ୍ରେନ୍‌ବାସୀଙ୍କ ଠାରୁ ଅଧିକ ଶାନ୍ତି କେହି ଚାହୁଁନାହାନ୍ତି ।

ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଆମେରିକା ରାଷ୍ଟ୍ରପତି ଶାନ୍ତି ଉପରେ ଫୋକସ କରୁଛନ୍ତି । ଆମେ ଆମର ସହଭାଗୀମାନଙ୍କୁ (୯ ପୃଷ୍ଠାରେ)

## ଅନ୍‌ଲାଇନ୍ ଗେମ୍ 'ପବଜି' ନେଲା ତିନିମୁଣ୍ଡ

# ବାପା, ମା', ଭଉଣୀକୁ ପଥର ଛେଚି ମାରିଲା ପୁଅ

ଜଗତସିଂହପୁର, ୪।୩ (ସବ୍ୟୁ) : କୁଳ ଉଡାଜି ଦେଲା କୁଳାଙ୍ଗାର । ବାପା ମାଆ ଓ ଭଉଣୀ କାହାରିକୁ ଛାଡିଲାନି ।ରକ୍ତ ସଂପର୍କ ଭୁଲିଗଲା ସୈତାନ ପୁଅ ।ଘର ଭିତରେ ଓ ବାହାରେ ଖେଳିଲା ରକ୍ତର ହୋଲି ।ବାପା ମାଆ ଓ ଭଉଣୀର ମୁଣ୍ଡକୁ ହୁମଦସ୍ତା ପୁଆ ଓ ପଥରରେ ଛେଚି ହତ୍ୟା କରିଥିଲା ଜନ୍ମ କଲା ପୁଅ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପଡିଥିଲା ପରିବାରର ତିନି ସଦସ୍ୟଙ୍କ ରକ୍ତାକ୍ତ ମୃତଦେହ । ବିଳମ୍ବିତ ରାତିରେ ଜହ୍ଲାଦ ପୁଅ ହତ୍ୟା କରିବା ପରେ ପଡୋଶୀଙ୍କୁ ଡାକି ସବୁ କଥା କହି ଥାନାରେ ଆତ୍ମ ସମର୍ପଣ ପାଇଁ ଯିବାକୁ ବି ଘରୁ ଚାଲିଯାଇଥିଲା ।ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲା ତଦନ୍ତ ।ଏଭଳି ନୃସଂଶ ହତ୍ୟାକାଣ୍ଡ



ଘଟିଛି ଜଗତସିଂହପୁର ସଦର ଥାନା ଜୟବଡ ଗାଁରେ ।

ସକାଳ ୬ଟାରେ ଜୟବଡ ଗାଁ ହୋଇଥିଲା ଲୋକାରଣ୍ୟ ।ଗୋଟିଏ ପରିବାରର ତିନି ଜଣଙ୍କୁ ହତ୍ୟା କରାଯାଇଥିବା ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଜଗତସିଂହପୁର ଥାନା ଅଧିକାରୀ ପ୍ରଭାସ କୁମାର ସାହୁ ଓ ଟିମ ମଧ୍ୟ ପହଞ୍ଚିଥିଲ। ଘଟଣା ସ୍ଥଳରେ ।ଜଗତସିଂହପୁର ଏସପି ଭବାନୀ ଶଙ୍କର ଉଦଗାତା ମଧ୍ୟ ପହଞ୍ଚିଥିଲେ । ଘର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲା ପ୍ରଶାନ୍ତ ସେଠୀ, ତାଙ୍କ ସ୍ତ୍ରୀ କନକଲତା ସେଠୀ ଓ ଝିଅ ରୋଜାଲିନ ସେଠୀଙ୍କ ମୃତ ଦେହ । ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଏହି ଜଘନ୍ୟ ହତ୍ୟାକାଣ୍ଡ କାହିଁକି ହେଲା ତାର ତଦନ୍ତ ଆରମ୍ଭ କରିଥିଲା ପୋଲିସ ।

ଜୟବଡ ଗାଁରେ ରୁହନ୍ତି କାଳିଆ ଓରଫ ପ୍ରଶାନ୍ତ ସେଠୀ (୬୫) । ପରିବାର କହିଲେ ସ୍ତ୍ରୀ କନକଲତା ସେଠୀ(୬୦), ୩ ପୁଅ ବଡପୁଅ ରମାକାନ୍ତ, ମଝିଆ ପୁଅ ଉମାକାନ୍ତ, ସାନପୁଅ ସୂର୍ଯ୍ୟକାନ୍ତ ଓ ଗୋଟିଏ ଝିଅ ମାମା ଓରଫ (୯ ପୃଷ୍ଠାରେ)







# ବିଜୁ ଜୟନ୍ତୀରେ ବିଶିଷ୍ଟ ଅତିଥି ହେବାକୁ ନବୀନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ

ଭୁବନେଶ୍ୱର, ୪।୩ (ସବ୍ୟୁ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ହେବ । ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଏହି ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ 'ଆପଣଙ୍କୁ ମୋର ସାଦର ନମସ୍କାର । ୫ ତାରିଖରେ ରାଜ୍ୟ ସରକାର ମହାନ ବରପୁତ୍ର, ପ୍ରବାଦ ପୁରୁଷ, ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହେବ । ଜୟଦେବ ଭାବନରେ ସନ୍ଧ୍ୟା ୭ଟାରେ ରାଜ୍ୟସ୍ତରୀୟ ସଭା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଯୋଗଦେବାକୁ ଅନୁରୋଧ କରୁଛି । ଆପଣଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଶୋଭା ବଢ଼ାଇବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ।

# ଅଧା ରହିଲା ଚାକିରି ସ୍ୱପ୍ନ : ଶାରୀରିକ ପରୀକ୍ଷାବେଳେ ଟଳିପଡ଼ିଲେ ୨ ପ୍ରାର୍ଥୀ

କେନ୍ଦୁଝର/ସୁନ୍ଦରଗଡ଼, ୪।୩ (ସ୍ୱପ୍ର/ସବ୍ୟୁ) : ଅଧା ରହିଲା ଚାକିରି ସ୍ୱପ୍ନ। ଶାରୀରିକ ପରୀକ୍ଷାବେଳେ ଟଳିପଡ଼ିଲେ ୨ ଚାକିରି ଆଶାୟି ପ୍ରାର୍ଥୀ । ଏହି ଘଟଣା ସୋମବାର ଦିନ କେନ୍ଦୁଝର ସହର ଉପକଣ୍ଠ ଓ ସୁନ୍ଦରଗଡ଼ ଭବାନିପୁର ନିକଟରେଘଟିଛି । କେନ୍ଦୁଝର ଜିଲାରେ ଅନୁଷ୍ଠିତ ହେଉଥିବା ବନବିଭାଗ ପାଇଁ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷା ସୋମବାର କେନ୍ଦୁଝର ସହର ଉପକଣ୍ଠ ନରଣପୁର କା।ଠ ଡିପୋ।ଠାରୁ ଆରମ୍ଭ ହୋଇଥିଲା । ଏଥିପାଇଁ ନରଣ ପୁର ଠାରୁ କଦଳିପସୀ ଭାୟା ଖୋଲପା

### ଦୁଇ ମୃତକଙ୍କୁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା

ଦେଇ ଯାଇଥିବା ରାସ୍ତା ଗାଡି ଚଳାଚଳ ବନ୍ଦ ରହିବ ବୋଲି ଜିଲାପାଳ ଏକ ବିଜ୍ଞପ୍ତିରେ ସୂଚନା ଦେଇଥିଲେ ।

ଶାରୀରିକ ପରୀକ୍ଷା ପାଇଁ ଏହି ରାସ୍ତାରେ ଆଶାୟୀମାନେ ପ୍ରାୟ ୧୨. ୫କିଲୋମିଟର ରାସ୍ତା ଚାଲିବାକୁ ଥିବାବେଳେ ୧୫୦ଜଣ ଆଶାୟୀ ଏଥିରେ ଭାଗ ନେଇଥିଲେ। ତେବେ ସୋମବାର ୨୫ କିମି ଚାଲିବା ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ ଜଣେ ଆଶାୟୀ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ନାମ ବ୍ୟୋମକେଶ ନାଏକ। ଘର ହରିଚନ୍ଦନପୁର ବ୍ଲକ ଓସ୍ତପଙ୍ଗା ବୋଲି ଜଣାପଡିଛି। ସେ ଅସୁସ୍ଥ ହେବା ପରେ ତାଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା।। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡିଏଫଓ କେନ୍ଦୁଝର ଧନରାଜ ଏଚଡି ସୂଚନା ଦେଇଛନ୍ତି। ଦୁଇଦିନ ହେଲା ଖରାର ପ୍ରକୋପ ବୃଦ୍ଧି ପାଇଥିବାରୁ ଦୀର୍ଘ ବାଟ ଚାଲିବା କାରଣରୁ ଅସୁସ୍ଥ ହୋଇ ପଡିଥିବା ଏବଂ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ସେହିପରି (୯ ପୃଷ୍ଠାରେ)

# ଫଗୁଣରେ ଝାଞ୍ଜି ମାଡ଼

ଭୁବନେଶ୍ୱର, ୪।୩ (ସବ୍ୟୁ) : ରାଜ୍ୟରେ ତାତି ୪୦ ଡିଗ୍ରୀ ମୁହାଁ ହୋଇଛି । ଫଗୁଣରେ ଝାଞ୍ଜି ମାଡ଼ ଆରମ୍ଭ ହୋଇଛି । ସକାଳ ୯ଟାରୁ ସୂର୍ଯ୍ୟଙ୍କ ପ୍ରକୋପ ବଢୁଛି । ଦିନ ୧୧ଟା ହେଲେ ତାଉ ଦେଖାଉଛି ଖରା । ପରିସ୍ଥିତି ଏପରି ହେଉଛି ଯେ ଘରୁ ବାହାରି ହେଉନି । ଆଜି ଝାରସୁଗୁଡ଼ା ୩୯ ଡିଗ୍ରୀ ଛୁଇଁଛି । ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରହିଥିବା ବେଳେ ଦିନ ତମାମ ଝାଞ୍ଜି ମାଡ଼ ହୋଇଥିଲା ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ 'ଏକ୍ସ' ଲେଖିଛନ୍ତି ଯେ, ଆଜି ଅପରାହ୍ଣ ୨ଟା ୩୦ରେ ରାଜଧାନୀ ଭୁବନେଶ୍ୱରରେ ୩୬ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଝାରସୁଗୁଡାରେ ୩୭.୮ ଡିଗ୍ରୀ, ସମ୍ବଲପୁରରେ ୩୭.୬ ଡିଗ୍ରୀ, ହୀରାକୁଦରେ ୩୫.୪ ଡିଗ୍ରୀ, ରାଉରକେଲାରେ ୩୫ ଡିଗ୍ରୀ ଓ ଚାନ୍ଦବାଲିରେ ୩୪ ଡିଗ୍ରୀ ରେକର୍ଡ କରାଯାଇଥିଲା । ମଙ୍ଗଳବାର ଚଳିତ ବର୍ଷ ପ୍ରଥମ ଥର ପାଇଁ ଝାରସୁଗୁଡ଼ାରେ ୩୯ ଡ଼ିଗ୍ରୀ (୯ ପୃଷ୍ଠାରେ)

# ଛୁଟି ପ୍ରତ୍ୟାହାର ନେଇ ବିଜେଡି-ବିଜେପି ମୁହାଁମୁହିଁ

ଭୁବନେଶ୍ୱର, ୪।୩ (ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସ ଓ ଏନେଇ ଯେଉଁ ସରକାରୀ ଛୁଟି ଘୋଷଣା କରାଯାଇଥିଲା, ତାହାକୁ ରାଜ୍ୟ ସରକାର ବାତିଲ କରିଥିବା ନେଇ ଏବେ ରାଜନୈତିକ ବାଦ ବିବାଦ ସୃଷ୍ଟି ହୋଇଛି । ବିରୋଧୀ ବିଜେଡି ପକ୍ଷରୁ ଏହାକୁ ବିଜୁ ବାବୁଙ୍କ ପ୍ରତି ଅପମାନ ବୋଲି ଟିପ୍ପଣୀ ଦିଆଯାଉଥିଲା ବେଳେ ବିଜେପି ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା ବୋଲି ଅଭିଯୋଗ ଆଣିଛି ।

### ବିଜୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ବିବାଦ

### ୬ରେ ରାଜ୍ୟବ୍ୟାପୀ ପ୍ରତିବାଦ କରିବ ବିଜେଡି

### ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଭ୍ରାନ୍ତ କରିଥିଲା ବିଜେଡି : ବିଜେପି

ପଞ୍ଚାୟତିରାଜ ଦିବସ ବାତିଲ ହୋଇଥିବା ପ୍ରତିବାଦରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇଛି । ବିଜୁ ଜୟନ୍ତୀରେ ସରକାରୀ ଛୁଟି ବାତିଲକୁ ନେଇ ମଧ୍ୟ ଦଳ ପ୍ରତିବାଦ କରୁଛି । ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ନୀରବ ପ୍ରତିବାଦ କରିଛି । ବିଜେଡି ଅଭିଯୋଗ କରିଛି ଯେ କେବଳ ଓଡ଼ିଶା କି ଭାରତ ନୁହେଁ ସାରା ବିଶ୍ୱରେ ବରପୁତ୍ର ଆଖ୍ୟା ପାଇଥିବା ବିଜୁ ବାବୁଙ୍କୁ ଡବଲ ଇଞ୍ଜିନ ସରକାର ଅସମ୍ମାନ କରିଛନ୍ତି । ବିଜୁ ପଟ୍ଟନାୟକ କେବଳ ବିଜେଡିର ନୁହନ୍ତି । ଗତ ୩୦ ବର୍ଷ ଧରି ରାଜ୍ୟ ସରକାର ଏହି ଦିବସ ପାଳନ କରିଆସୁଥିଲେ । ସମଗ୍ର ବିଶ୍ୱ ତାଙ୍କୁ ମନେରଖିଛି । ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ସରକାରଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ମାର୍ଚ୍ଚ ୬ରେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ସଭା ଆୟୋଜନ କରାଯିବ । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟର ଭୂମିକା ନିର୍ବାହ କରିଥିଲା । ୧୯୯୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିଥିଲେ । (୯ ପୃଷ୍ଠାରେ)

# ସମ୍ବଲପୁରରେ ଏନ୍‌କାଉଣ୍ଟର, ଦୁର୍ଦ୍ଦାନ୍ତ ମହେଶ ଆହତ

ସମ୍ବଲପୁର, ୪।୩ (ସବ୍ୟୁ) : ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଓ ଅପରାଧିଙ୍କ ମଧ୍ୟରେ ମଙ୍ଗଳବାର ଭୋର ସମୟରେ ଗୁଳି ବିନିମୟ ହୋଇଛି । ଏଥିରେ ଦୁର୍ଦ୍ଦାନ୍ତ ଅପରାଧି ମହେଶ କୁମାର ଶର୍ମା(୩୫)ଙ୍କ ବାମ ଗୋଡରେ ଗୁଳି ବାଜିଥିବାରୁ ସେ ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ସେ ବିପଦମୁକ୍ତ ଥିବା ପୋଲିସ ପକ୍ଷରୁ ଜଣାପଡିଛି । ତାଙ୍କ ଠାରୁ ଗୋଟିଏ ୭ ଏମ୍‌ଏମ୍ ପିସ୍ତଲ, ଦୁଇଟି ବ୍ୟବହୃତ ଗୁଳି, ନଗଦ ୪୦ ହଜାର ଟଙ୍କା,ବାଇକ୍ ଓ ମୋବାଇଲ ଜବତ ହୋଇଛି । ଅନ୍ୟପଟେ ଗୁଳି ମିନିମୟରେ ପୋଲିସ କର୍ମଚାରୀଙ୍କ କୌଣସି କ୍ଷତି ହୋଇନଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି । (୯ ପୃଷ୍ଠାରେ)






# କଳିଙ୍ଗର କୀର୍ତ୍ତିମାନ ଜନନାୟକ ବିଜୁବାବୁ


ବିଜୁ ପଟ୍ଟନାୟକ, ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ । ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି । ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥାନ୍ତି । ବିଜୁପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ, ଏହା ହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡ଼ିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ । ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଂ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା । ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ । ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ । ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ । ବିଜୁପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ । ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ । ନିଜର କୃତଜ୍ଞତା ଜଣାଇବାକୁ ଯାଇ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ସେହିପରି ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ । ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ । ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀଙ୍କ ମଧ୍ୟରେ ଜଣେ ଥିଲେ । ବିଜୁ ପଟ୍ଟନାୟକଙ୍କ ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ମୃତ୍ୟୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ । ଦୀର୍ଘ ୮୧ ବର୍ଷର ଜୀବନ ଯାତ୍ରା । ସେ ଜୀବନ ଆରମ୍ଭ ହୋଇଥିଲା କଟକସ୍ଥ ତୁଳସୀପୁର ଅନନ୍ଦ ଭବନରେ । ଆଉ ଶେଷ ହୋଇଥିଲା ପୁରୀର ସ୍ୱର୍ଗ ଦ୍ୱାରରେ । ତାଙ୍କ ଆବର୍ତ୍ତମାନରେ ଆଜି ବିରାଟ ଶୂନ୍ୟତା ।

ହିମାଂଶୁ ଶେଖର ଆଚାର୍ଯ୍ୟ
ମୋ : ୯୯୩୭୧୫୧୦୫୨

## ଇତିହାସ

୧୮୫୧ – ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ସ୍ଥାପନା କରାଯାଇଥିଲା ।
୧୯୧୮ – ମସ୍କୋ ରୁଷର ରାଜଧାନୀ ଘୋଷିତ ।
୧୯୩୧ – ସବିନୟ ଅବଜ୍ଞା ଆନ୍ଦୋଳନର ସମାପ୍ତି ।
୧୯୪୯ – ଭାରତରେ ଝାଡଖଣ୍ଡ ପାର୍ଟିର ସ୍ଥାପନା ।
୧୯୬୨ – କାନାଡାର ଆୟକର ନିୟମରେ ପରିବର୍ତ୍ତନ ।
୧୯୮୨ – ରୁଷ ଉପଗ୍ରହ ବୁଧର କକ୍ଷପଥରେ ପହଞ୍ଚିଥିଲା ।
୧୯୯୭ – ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ପ୍ରଥମ ଶାନ୍ତି ବାର୍ତ୍ତା ଉପରେ ଆଲୋଚନା ।
୨୦୦୮ – ବ୍ରହ୍ମୋସର ସଫଳ ପରୀକ୍ଷଣ ।




# ଆଇଫା ଗାର୍ଡେନ୍


ଆସନ୍ତା ମାର୍ଚ୍ଚ ୮ ଓ ୯ରେ ଆଇଫା ଆୱାର୍ଡ ଅନୁଷ୍ଠିତ ହେବାକୁ ଯାଉଛି । ଜୟପୁରରେ ଏହି ଆୱାର୍ଡର ଆୟୋଜନ କରାଯାଇଛି । ତେବେ ଏହା ପୂର୍ବରୁ ସେଲିବ୍ରିଟିମାନେ ଏକ ଆଇଫା ଗାର୍ଡେନ୍ ନିର୍ମାଣ କରିବେ ବୋଲି ଜଣା ପଡିଛି । ଏହି ବଗିଚାରେ ପାଖାପାଖି ୧୫ ହଜାର ଗଛ ରହିବ । ଏହି ଗଛ ଗୁଡିକର ନାଁ ମଧ୍ୟ ସେଲିବ୍ରିଟିଙ୍କ ନାଁ ଅନୁସାରେ ଦିଆ ହେବ । ଏହି ବଗିଚାରେ ମାଧୁରୀ, ଶାହରୁଖ, ଶାହିଦ କପୁର, କାର୍ତ୍ତିକ ଆରିଅନଙ୍କ ଭଳି ସେଲିବ୍ରିଟିଙ୍କ ନାଁରେ ଏହି ଗଛ ଗୁଡିକ ନାମିତ ମଧ୍ୟ କରାଯିବ । ତେବେ ଜୟପୁରରେ ଏହି ଆୟୋଜିତ ଏହି ଅଭିଯାନରେ କେବଳ ସେଲିବ୍ରିଟି ନୁହେଁ ସାଧାରଣ ଲୋକ ବି ସାମିଲ ହୋଇ ପାରିବେ । ଜୟପୁର ଆୟୋଜିତ ହୋଇଥିବା ଏହି ଆଇଫାର କାର୍ଡ ମଧ୍ୟ ବେଶ୍ ଭାଇରାଲ ହେଉଛି । ଏହି କାର୍ଡର ଓଜନ ରହିଛି ୭କିଗ୍ରା, ଯେଉଁଥିରେ ଜୟପୁରରେ ଥିବା ପ୍ରସିଦ୍ଧ ସ୍ଥାନ ମାନଙ୍କର ଝଲକ ରହିଛି । ଏଥିରେ ଆମ ପରିବେଶକୁ ଖୁବ ଗୁରୁତ୍ୱ ଦିଆଯାଇଛି । ଏହି ଗାର୍ଡେନ୍‌ର ଉଦ୍ଘାଟନ ଆଇଫା ଆୱାର୍ଡର ଆରମ୍ଭ ଦିନ କରାଯିବ । ଏହି ଗାର୍ଡେନରେ କିଛି ଦିନ ହେବ ଆଇଫା ଆୱାର୍ଡ ଜିତିଥିବା ସେଲିବ୍ରିଟିଙ୍କ ନାଁରେ ବୃକ୍ଷ ରୋପଣ ଜାରି ରହିଛି । ଏହି ଗାର୍ଡେନ୍‌ରେ ଅଶୋକା, ତେନ୍ତୁଳି, ନିମ, ପିପ୍ଳଳୀ ଆଦି ମୂଲ୍ୟବାନ ଗଛ ରୋପଣ କରାଯିବ । ସେହିଭଳି ସମସ୍ତ ଗଛରେ ଏକ କ୍ୟୁଆର୍ କୋର୍ଡ ରହିବ ଯାହା ସାହାଯ୍ୟରେ ଗଛର ଅବସ୍ଥା ସମ୍ପର୍କରେ ଯିଏ ଗଛ ଲଗାଇଛନ୍ତି ସିଏ ଜାଣି ପାରିବେ । ଏହି ତଥ୍ୟ ଗ୍ରୀନ ଫର ଚାଲେଞ୍ଜ ଏନ୍‌ଜିଓ ୱେବସାଇଟ୍‌ରେ ମିଳିଯିବ । ଏହି ଅଭିଯାନରେ ରାଜସ୍ଥାନରେ କୋଟିଏରୁ ଅଧିକ ଗଛ ଲଗାଯିବାର ଯୋଜନା ରହିଛି । ଅଭିଯାନରେ ଏକ ହଜାରରୁ ଅଧିକ ସ୍ୱୟଂ ସେବକ, ୧୦ ହଜାରରୁ ଅଧିକ ସଂସ୍ଥା ଅନ୍ତର୍ଭୁକ୍ତ ଅଛନ୍ତି । ଯେଉଁମାନେ ବୃକ୍ଷରୋପଣ ଓ ଏହାର ଯତ୍ନ ନେବାରେ ଲାଗିଛନ୍ତି । ସୋସିଆଲ ମିଡିଆରେ ଏଭଳି ଚିନ୍ତାଧାରାର ଖୁବ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳୁଛି ।

# ବଢୁଛି ଫ୍ୟାଟି ଲିଭର ସମସ୍ୟା



ବର୍ତ୍ତମାନ ଭାରତରେ ଫ୍ୟାଟି ଲିଭର ଏକ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି । ତେବେ ଫ୍ୟାଟି ଲିଭର ଭିତରେ ମେଟାବଲିକ୍ ଆସୋସିଏଟେଡ ଫ୍ୟାଟି ଲିଭର ସବୁଠାରୁ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି । ଭାରତୀୟ ଲାଇଫ୍ ଷ୍ଟାଇଲକୁ ଏଥିପାଇଁ ବିଶେଷଭାବେ ଦାୟୀ କରାଯାଉଛି । ତେବେ ଏକ ନୂଆ ଷ୍ଟଡି ଅନୁସାରେ କର୍ପୋରେଟ ଅଫିସ୍ ଷ୍ଟାଇଲ୍ ଏଥିପାଇଁ ବିଶେଷଭାବେ ଦାୟୀ ରହୁଛି । ଏହି ରିପୋର୍ଟ ଅନୁସାରେ ଭାରତରେ ଥିବା ପାଖାପାଖି ୮୪ ପ୍ରତିଶତ ଆଇଟି କର୍ମଚାରୀଙ୍କ କ୍ଷେତ୍ରରେ ଫ୍ୟାଟି ଲିଭରର ଏମ୍‌ଏଏଫ୍‌ଏଲ୍‌ଡି ପ୍ରକାର ଦେଖିବାକୁ ମିଳୁଛି । ହାଇଦ୍ରାବାଦର ଏକ କମ୍ପାନୀରେ ଏସମ୍ପର୍କିତ ଗବେଷଣା କରାଯାଇଥିଲା । ଏହି ରିପୋର୍ଟ ଅନୁସାରେ ଅଧିକ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ନିଦ୍ରାହୀନତା, ଶାରୀରିକ ପରିଶ୍ରମରେ ଅଭାବ ଆଦି କାରଣରୁ ସେମାନଙ୍କ ନିକଟରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି । ସେହିଭଳି ୭୧ ପ୍ରତିଶତ ଆଇଟି କର୍ମଚାରୀଙ୍କ ନିକଟରେ ଓବେସିଟି ମଧ୍ୟ ଦେଖିବାକୁ ମିଳୁଛି ।

## ହାଃହାଃ.....



ସ୍ୱାମୀ – ତୁମେ ଆଜିକାଲି ବହୁତ ସୁନ୍ଦର ଦେଖାଯାଉଛ ।
ସ୍ତ୍ରୀ – ହଠାତ୍ କାହିଁକି ଏପରି କହିଲ ?
ସ୍ୱାମୀ – ନା ଯେ, ଏବେ ତୁମ ସୁନ୍ଦରତାକୁ ଦେଖି ରୁଟି ବି ଜଳିବାକୁ ଲାଗିଲେଣି ସେଥିପାଇଁ କହିଲି ।



### ନନ୍ଦନକାନନରେ ନୂତନ ପ୍ରାଣୀ ସଂଗ୍ରହ ପାଇଁ

## ଗୀତାରାଣୀ ମହାନ୍ତି ଆଇରନ ଓର ମାଇନ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ




ଭୁବନେଶ୍ବର, (ସବ୍ୟୁ): ନନ୍ଦନକାନନରେ ଜୈବ ବିବିଧତାକୁ ସମୃଦ୍ଧ କରିବା ପାଇଁ ଦେଶ ବିଦେଶର ବିଭିନ୍ନ ଚିଡ଼ିଆଖାନାରୁ ନୂତନ ପ୍ରାଣୀ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି । ଏଥିସହିତ ପୋଷ୍ୟ ପ୍ରାଣୀ କାର୍ଯ୍ୟକ୍ରମ ଜରିଆରେ ନନ୍ଦନକାନନ ପ୍ରାଣୀମାନଙ୍କର ଯତ୍ନ, ପାଳନପୋଷଣ ଏବଂ ଅନ୍ୟ ଚିଡ଼ିଆଖାନା ମାନଙ୍କରୁ ପ୍ରାଣୀ ସଂଗ୍ରହ ପାଇଁ ବିଭିନ୍ନ ଘରୋଇ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସାମିଲ କରାଯାଉଛି । ଏହି କ୍ରମରେ ଆଜି ସୁନ୍ଦରଗଡ଼ର ମେସର୍ସ ଗୀତାରାଣୀ ମହାନ୍ତି ରାଇକେଲା ଆଇରନ ଓର ମାଇନ୍ସ ପକ୍ଷରୁ ମ୍ୟାନେଜିଂ ପାର୍ଟନର ଶ୍ରୀନିବାସ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ସାକ୍ଷାତ କରି ପ୍ରାଣୀ ସଂଗ୍ରହ ଓ ପାଳନପୋଷଣ ପାଇଁ ୧ କୋଟି ୬୭ ଲକ୍ଷ ୧୭ ହଜାର ୪୦୦ ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ପ୍ରଦାନ କରିଛନ୍ତି । ଏହି ସହାୟତା ରାଶି ନନ୍ଦନକାନନ ଚିଡିଆଖାନା ପ୍ରକଳ୍ପର ଆନିମଲ ଆଡପସନ୍ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ଚେକ୍ ଗ୍ରହଣ କରି କହିଥିଲେ ଯେ ନନ୍ଦନକାନନ ଆମ ଓଡିଶାର ଗର୍ବ । ଏହାର ବିକାଶ ପାଇଁ ଅନୁଷ୍ଠାନ ତାର ପ୍ରତିବଦ୍ଧତା ଦର୍ଶାଇଛି । ଏଥିପାଇଁ ମୁଁ ତାଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ଜଣାଉଛି । ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏଭଳି ସହଯୋଗ ରହିଲେ, ନନ୍ଦନକାନନ ସହିତ ଏହାର ପ୍ରାଣୀସଂପଦର ଉନ୍ନତି ନିଶ୍ଚିତ ହେବ ।

### ୫କେଜି ଗଞ୍ଜେଇ ଜବତ

## ଯୁବକ ଗିରଫ

ଭୁବନେଶ୍ବର, (ସବ୍ୟୁ) : ଭରତପୁର ଥାନା ପୋଲିସ ୫ କେଜି ଗଞ୍ଜେଇ ଜବତ କରିବା ସହ ଚାଲାଣକାରୀ ଯୁବକ ଚନ୍ଦନ ମାଝୀକୁ ମଙ୍ଗଳବାର ଗିରଫ କରିଛି ।

ଭରତପୁର ଥାନା ପୋଲିସ ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ବରମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ୍ ପଛପାଖରେ ଥିବା ଓୟୁଏଟି ଫାର୍ମ ରାସ୍ତାରେ ଚଢାଉ କରିଥିଲା । ସେଠାରୁ ଅଭିଯୁକ୍ତ ଚନ୍ଦନ ମାଝୀକୁ କାବୁ କରିବା ସହ ତା'ନିକଟରୁ ୫କେଜି ଗଞ୍ଜେଇ ଜବତ କରାଯାଇଥିବା ପୋଲିସ କହିଛି । ଚନ୍ଦନ ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରିଆସୁଥିବା ପୋଲିସ କହିଛି । ସେ ଗଞ୍ଜେଇ ଭୁବନେଶ୍ବର ବାହାରୁ ଆଣି ଏଠାରେ ବ୍ୟବସାୟୀଙ୍କୁ ଯୋଗାଇ ଥାଏ ।

କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଚନ୍ଦନ ମାଝୀକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ତା' ଘର ବାଲେଶ୍ବର ଜିଲ୍ଲା ସଦର ଥାନା ଅନ୍ତର୍ଗତ କାଞ୍ଚନିବାଗ ବୋଲି ପୋଲିସ କହିଛି । ସେ ଗଞ୍ଜେଇ ଆଣି ଭୁବନେଶ୍ବରରେ ବ୍ୟବସାୟୀଙ୍କୁ ଦେବା ପରେ ଘରକୁ ଫେରିଯାଇଥାଏ ।

### ରାଷ୍ଟ୍ରପତି ଭବନରେ 'ଭିଜିଟର୍ସ କନଫରେନ୍ସ' ଉଦଯାପିତ

## ଜାତୀୟ ଶିକ୍ଷା ନୀତିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ରାଷ୍ଟ୍ରୀୟ ମିଶନ ହେଉ : ଧର୍ମେନ୍ଦ୍ର




ଭୁବନେଶ୍ବର (ସବ୍ୟୁ): ଭାରତର ଶିକ୍ଷାକୁ ଆକାର ଦେବାର ଦାୟିତ୍ବ ଆମ କାନ୍ଧ ଉପରେ ନ୍ୟସ୍ତ ରହିଛି । ତେଣୁ ଜାତୀୟ ଶିକ୍ଷା ନୀତି – ୨୦୨୦କୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଆମର ରାଷ୍ଟ୍ରୀୟ ମିଶନ ହେବା ହେବା ଦରକାର ବୋଲି ମଙ୍ଗଳବାର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ 'ଭିଜଟର୍ସ କନଫରେନ୍ସ– ୨୦୨୪–୨୫ର ଉଦଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ଅଧିବେଶନରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭିଜିଟର୍ସ କନଫରେନ୍ସରେ ସକ୍ରିୟ ଯୋଗଦାନ ଏବଂ ଫଳପ୍ରଦ ଆଲୋଚନା ପାଇଁ ଆମର ଶିକ୍ଷାବିତ୍ ନେତୃତ୍ବମାନଙ୍କୁ ଧନ୍ୟବାଦ । ସେମାନଙ୍କର ବିବିଧ ଦୃଷ୍ଟିକୋଣ ଏବଂ ଭବିଷ୍ୟତବାଦୀ ଚିନ୍ତାଧାରା ଏହି ସଂଗମକୁ ସମୃଦ୍ଧ କରିଛି ଏବଂ ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି । ଏହି ଦୁଇ ଦିବସୀୟ ଅଧିବେଶନରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଗାମୀ ରାସ୍ତା ଆହ୍ବାନପୂର୍ଣ୍ଣ ହୋଇପାରେ, କିନ୍ତୁ ସାମୂହିକ ପ୍ରୟାସ, ମିଳିତ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ଦ୍ବାରା ଆମେ ଆମର ଶିକ୍ଷା ବ୍ୟବସ୍ଥାର ପୁନଃକଳ୍ପନା କରିପାରିବା । ଆମେ ଏକ ଜ୍ଞାନ–ପରିଚାଳିତ, ଆତ୍ମନିର୍ଭର ଭାରତ ଗଠନ କରିବା ଦରକାର, ଯାହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ଗତି ଦେବ । ଛାତ୍ରଛାତ୍ରୀମାନେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେକହୋଲଡର ଅଟନ୍ତି । ସେମାନେ ହେଉଛନ୍ତି ଆମ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ । ଆମେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଥିବା ବିଷୟ ଗୁଡିକୁ କେବେବି ଭୁଲିବା ଉଚିତ୍ ନୁହେଁ । ରାଷ୍ଟ୍ରପତି ଭବନରେ ଦୁଇ ଦିନିଆ ଭିଜିଟର୍ସ କନଫରେନ୍ସ ସମାପ୍ତ ହୋଇଛି । ଏହି ସମ୍ମିଳନୀରେ ଏକାଡେମିକ୍ ପାଠ୍ୟକ୍ରମରେ ସୁଗମତା, କ୍ରେଡିଟ୍ ସେୟାରିଂ ଏବଂ କ୍ରେଡିଟ୍ ଟ୍ରାନ୍ସଫର ସହିତ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବିକଳ୍ପ ଉପରେ ଆଲୋଚନା କରାଯାଇଥିଲା । ଅନ୍ତର୍ଜାତୀୟକରଣ ପ୍ରୟାସ ଏବଂ ସହଯୋଗ ଗବେଷଣା, ଉଦ୍ଭାବନ, ପ୍ରଭାବଶାଳୀ ଛାତ୍ରଛାତ୍ରୀ ଚୟନ ପ୍ରକ୍ରିୟା ଏବଂ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗ ମାନ୍ୟବର ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ।

## ତିନି ରୁଟରେ ଚାଲିବ ସବୁଜ ହାଇଡ୍ରୋଜେନ୍ ବସ୍

ଭୁବନେଶ୍ବର(ସବ୍ୟୁ): କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିସନ ଅନ୍ତର୍ଗତ ପରୀକ୍ଷାମୂଳକ ଭାବରେ ଓଡ଼ିଶାରେ ଖୁବ୍‌ଶୀଘ୍ର ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବ । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଭୁବନେଶ୍ବର–କୋଣାର୍କ–ପୁରୀ ରୁଟ୍ ସମେତ ଦେଶର ବିଭିନ୍ନ ରୁଟରେ ମୋଟ ୩୭ଟି ଯାନ (ବସ୍ ଏବଂ ଟ୍ରକ୍) ଚଳାଚଳ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହା ସହିତ ନଅଟି ହାଇଡ୍ରୋଜେନ୍ ରିଫ୍ୟୁଏଲ୍ ଷ୍ଟେସନ୍ ସହିତ ପାଞ୍ଚଟି ପାଇଲଟ୍ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି ।

ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଆରଏଆଇ) ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯.୫ କୋଟି ଟଙ୍କା ନିବେଶରେ ଓଡ଼ିଶାରେ ସବୁଜ ହାଇଡ୍ରୋଜେନ୍ ବସ୍ କାର୍ଯ୍ୟକାରୀ କରିବ ବୋଲି ସୂତ୍ରରୁ ଜଣାପଡ଼ିଛି । ଏଥିପାଇଁ ନ୍ୟାସନାଲ୍ ଥର୍ମାଲ୍ ପାୱାର କର୍ପୋରେସନ୍ (ଏନଟିପିସି), ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା (ଗ୍ରୀଡକୋ) ଏବଂ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୟୁଟି) ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ବାକ୍ଷରିତ ହୋଇଛି । ପରୀକ୍ଷାମୂଳକ ଭାବରେ ସବୁଜ ହାଇଡ୍ରୋଜେନ୍ ବସ୍ ପ୍ରଚଳନ କରାଯିବା ପାଇଁ ଅନ୍ୟ ଯେଉଁ ରୁଟଗୁଡ଼ିକ ରହିଛି ସେଗୁଡ଼ିକ ହେଉଛି, ଗ୍ରେଟର ନୋଏଡା–ଦିଲ୍ଲୀ–ଆଗ୍ରା, ଅହମ୍ମଦାବାଦ–ବଡୋଦରା–ସୁରଟ, ସାହିବାବାଦ–ଫରିଦାବାଦ–ଦିଲ୍ଲୀ, ପୁଣେ–ମୁମ୍ବାଇ, ଜାମସେଦପୁର–କଳିଙ୍ଗ ନଗର, ତିରୁବନନ୍ତପୁରମ–କୋଚି, କୋଚି–ଏଡାପାଲି, ଜାମନଗର–ଅହମ୍ମଦାବାଦ, ଏବଂ ଏନଏଚ–୧୬ ବିଶାଖାପାଟଣା–ବାୟାଭରମ ।

## ୩ୟ ରାଜ୍ୟ ସ୍ତରୀୟ ସମବାୟ ଉନ୍ନୟନ କମିଟି ବୈଠକ

ଭୁବନେଶ୍ବର, (ସବ୍ୟୁ): ମୁଖ୍ୟ ଶାସନସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ୩ୟ ରାଜ୍ୟସ୍ତରୀୟ ସମବାୟ ଉନ୍ନୟନ (ଏସସିଡିସି) କମିଟି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆନ୍ତର୍ଜାତିକ ସମବାୟବର୍ଷ ୨୦୨୫ ପାଳନ ପ୍ରସ୍ତୁତି ସଂପର୍କତ ଆଲୋଚନା କରାଯାଇଥିଲା । ମିଳିତ ଜାତିସଂଘ ସାଧାରଣସଭାରେ ୨୦୨୫କୁ ଆନ୍ତର୍ଜାତିକ ସମବାୟବର୍ଷ (ଆଇୱାଇସି) ଭାବେ ଘୋଷଣା କରାଯାଇଛି । ଉତ୍ତମ ବିଶ୍ବଗଠନରେ ସମବାୟ ଶୀର୍ଷକ ଆଧାରରେ ଏହି ବର୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଓଡ଼ିଶାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ପରିପ୍ରେକ୍ଷୀରେ ରାଜ୍ୟ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଚଳିତ ମାର୍ଚ୍ଚ ୨୦୨୫ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । କୃଷି ଓ କୃଷକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମବାୟ କ୍ଷେତ୍ରରେଗଠନାତ୍ମକ ପରିବର୍ତ୍ତନ ଓ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ୨୦୨୫ ବର୍ଷରେ ପ୍ରତିମାସରେ ରାଜ୍ୟ, ଜିଲ୍ଲା ଓ ତୃଣମୂଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ କାର୍ଯ୍ୟ ଯୋଜନା ଉପସ୍ଥାପନ କରାଯାଇଥିଲା । ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ସର୍ବୋଚ୍ଚ କମିଟିର ମୁଖ୍ୟ ରହିଛନ୍ତି । ଓଡ଼ିଶାରେ ଉତ୍ସବ ପାଳନ ପାଇଁ ଏକ ଆକ୍ସନ ପ୍ଲାନ୍ ଉପସ୍ଥାପିତ ହୋଇଛି । ଏହି ସର୍ବୋଚ୍ଚ କମିଟି ରାଜ୍ୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ, ଏବଂ ମାର୍ଗଦର୍ଶନ କରିବ । ମୁଖ୍ୟ ଶାସନସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସମବାୟ ଉନ୍ନୟନ ସମିତି (ଏସସିଡିସି) ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟକାରିତା ତଦାରଖ କରିବ । ଗଠିତ ଜିଲ୍ଲାସ୍ତରୀୟ ସମବାୟ ଉନ୍ନୟନ କମିଟି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକର ତଦାରଖ, ସହଯୋଗ ଏବଂ ମାର୍ଗଦର୍ଶନକରିବ । ବର୍ଷସାରା ବିଭିନ୍ନ ମାସରେ ସମବାୟର ବିକାଶ ଉପରେ ଆଲୋଚନା ଚକ୍ର, କର୍ମଶାଳା, ବୈଠକ ଏବଂ ବିଶେଷଜ୍ଞଙ୍କ ଦ୍ବାରା ଆଲୋଚନା ଆୟୋଜନ କରାଯିବ ।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ବର, (ସବ୍ୟୁ) : ଶାରୀରିକ ସମ୍ପର୍କ ପରେ ବିବାହ ପାଇଁ ମନା କରିବାରୁ ଜଣେ ଯୁବକକୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଅଭିଯୋଗକାରିଣୀ ଲିଙ୍ଗରାଜ ଥାନା ଅଞ୍ଚଳରେ ରୁହନ୍ତି । ଦେଢ ବର୍ଷ ପୂର୍ବେ ଅଭିଯୁକ୍ତ ସୌରଭ ସୁମନ ବେହେରା ସହ କ୍ୟାପିଟାଲ ହସ୍ପିଟାଲରେ ପରିଚୟ ହୋଇଥିଲା । ପରସ୍ପର ମଧ୍ୟରେ ଫୋନ୍ ନମ୍ବର ଆଦାନପ୍ରଦାନ ହେଲା ଏବଂ ପରସ୍ପର ହସ୍ପିଟାଲରୁ ଆସିବା ପରେ କଥାବାର୍ତ୍ତା ମଧ୍ୟ ହେଲେ । ଅନ୍‌ଲାଇନ ଭିଡିଓ କଲ୍‌ରେ ମଧ୍ୟ ଉଭୟ ପରସ୍ପର ଆପତ୍ତିଜନକ ଅଙ୍ଗପ୍ରତ୍ୟଙ୍ଗ ପ୍ରଦର୍ଶିତ କରାକରି ହେଲେ । ଏହା ପରେ ଉଭୟଙ୍କ ଘନିଷ୍ଠତା ବଢିଲା । ସୌରଭ ବିବାହ ପ୍ରତିଶ୍ରୁତି ଦେଇ ଅଭିଯୋଗକାରିଣୀଙ୍କୁ ନିଜ ଭଡା ଘର ତଥା ଅନ୍ୟାନ୍ୟ ସ୍ଥାନକୁ ନେବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଲେ । ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଲେ ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ବହୁବାର ଶାରୀରିକ ସମ୍ପର୍କ ରଖିବା ସହ ଅଭିଯୋଗକାରିଣୀଙ୍କ ଠାରୁ ୪୦ ହଜାର ଟଙ୍କା ଫୋନ୍ ପେ'ମାଧ୍ୟମରେ ସୌରଭ ନେଇଥିବା ସେ ଅଭିଯୋଗ କରିଛନ୍ତି ।

ଏସବୁ ପରେ ବିବାହ ପାଇଁ ମନା କରିବା ସହ କେଉଁଆଡେ ସୌରଭ ଫେରାର ହୋଇଗଲେ ବୋଲି ଅଭିଯୋଗକାରିଣୀ ଅଭିଯୋଗରେ ଲେଖିଛନ୍ତି । ଅଭିଯୋଗକାରିଣୀ ନିରାଶ ହୋଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସୌରଭ ସୁମନ ବେହେରାକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସୌରଭ ଘର ଜଗତସିଂହପୁର ଜିଲ୍ଲା ବିରିଡି ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ନୀଳାଦ୍ରୀବିହାର ଅଞ୍ଚଳରେ ରୁହେ ବୋଲି ପୋଲିସ କହିଛି ।




ବିଜୁ ପଟ୍ଟନାୟକ
୫ ମାର୍ଚ୍ଚ ୧୯୧୬ - ୧୭ ଅପ୍ରେଲ ୧୯୯୭

ମହାନ ଜନନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
ସ୍ବର୍ଗତ ବିଜୁ ପଟ୍ଟନାୟକଙ୍କ
ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୫ ମାର୍ଚ୍ଚ ୨୦୨୫

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/13/0440/2425 DADLS-103

### ଏମ୍ସରେ ସମୀକ୍ଷା କଲେ ଗଭର୍ଣ୍ଣିଙ୍ଗ ବଡି ସଦସ୍ୟା ଅପରାଜିତା ଷଡ଼ଙ୍ଗୀ

# ଅତିରିକ୍ତ ଶହେ ଏକର ଜମି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ କରିବେ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏମସରେ ସମୀକ୍ଷା ବୈଠକ କରିଛନ୍ତି । ୨୦୨୫- ୨୬ ପାଇଁ ଗଭର୍ଣ୍ଣିଂ ବଡିର ସଦସ୍ୟ ଭାବେ ମନୋନୀତ ହେଲା ପରେ ପ୍ରଥମଥର ପାଇଁ ଆଜି ଏମସ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ହସ୍ପିଟାଲରେ ଚିକିତ୍ସାଧୀନ ବିଭିନ୍ନ ବର୍ଗର ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ମେଡ଼ିସିନ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଜରୁରୀକାଳୀନ ବିଭାଗ, ଶିଶୁରୋଗ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ବିଭିନ୍ନ ବିଭାଗରେ ଆଇସିୟୁ ପରିଦର୍ଶନ କରିଥିଲେ । ହସ୍ପିଟାଲରେ ମିଳୁଥିବା ସେବାକୁ ନେଇ ରୋଗମାନଙ୍କ ମତ ନେବା ସହ ସମସ୍ୟା ପଚାରି ବୁଝିଥିଲେ । ଏହାପରେ ଏକାଡ଼େମିକ ବ୍ଲକର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଥିଲେ । ଏଥିରେ ଏମସର ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ, ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ ପରିଡାଙ୍କ ସମେତ ସବୁ ବିଭାଗୀୟ ମୁଖ୍ୟଙ୍କ ମାନେ ଉପସ୍ଥିତ ଥିଲେ । ସେମାନଙ୍କ ସହ ହସ୍ପିଟାଲର ବିଭିନ୍ନ ସେବା ଓ ଭିତ୍ତିଭୂମି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଓଡ଼ିଶା ସମେତ ଏହାର ପଡୋଶୀ ୪ଟି ରାଜ୍ୟରୁ ଦୈନିକ ୫ହଜାର ରୋଗୀ ଏମ୍ସ ଆସୁଛନ୍ତି ଟା ସେମାନେ ଚିକିତ୍ସା ସେବା ପାଇଁ ଭୁବନେଶ୍ୱର ଏମ୍ସ ଉପରେ ନିର୍ଭରଶୀଳ । ରୋଗୀ ସେବାକୁ ନେଇ ଆମ ପାଖରେ ଅନେକ ଆହ୍ୱାନ ରହିଛି । ଭିତ୍ତିଭୂମି ବିକାଶ, କର୍ମଚାରୀ ଓ ପାରାମେଡିକାଲ ଷ୍ଟାଫ, ଟେକନିସିଆନଙ୍କ ସଂଖ୍ୟା କିଭଳି ବଢାଯିବ, ତା ଉପରେ ପଦକ୍ଷେପ ନେବାକୁ ସାଂସଦ ଆଲୋଚନା କରିଥିଲେ ।

ଏହି ବୈଠକରେ ଏମସ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାସ ସାଂସଦଙ୍କ ସାମ୍ନାରେ ଅନେକ ପ୍ରସ୍ତାବ ରଖିଥିଲେ । ଭୁବନେଶ୍ୱର ଏମସ ପ୍ରତିଷ୍ଠା ଦିନଠାରୁ ଏହା ବିଏମସି ସେବାରୁ ବଞ୍ଚିତ ହେଉଛି । ଫଳରେ ଷ୍ଟ୍ରିଟଲାଇଟ, ପାଣି, ସଫେଇ ଓ ପରିମଳ, ଜଳଯୋଗାଣ ସୁବିଧାରୁ ବଞ୍ଚିତ ହୋଇରହିଛି । ଖୁବଶୀଘ୍ର ବିଏମସି ମେୟର ଓ କମିଶନରଙ୍କ ସହ ସେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏମସକୁ ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ୧୦୦ ଏକର ଜମି ଦେବାକୁ ମଧ ନିର୍ଦ୍ଦେଶକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଖୁବଶୀଘ୍ର ଏ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାଇଥିଲେ । ବାଲେଶ୍ୱରଠାରେ ଏମସର ସାଟେଲାଇଟ ସେଣ୍ଟରରେ ପର୍ଯ୍ୟାପ୍ତ ଚିକିତ୍ସା ସେବା ମିଳିପାରୁନି । ଏହି ସେଣ୍ଟର କିଭଳି ଅଧିକ କ୍ରିୟାଶୀଳ ହେବ ସେଥିପାଇଁ ପଦକ୍ଷେପ ନିଆଯିବ । ଭୁବନେଶ୍ୱର ଏମସକୁ ଦେଶର ୧ନଂ ଏମସ କରିବା ଆମର ଲକ୍ଷ୍ୟ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ।



### ୫ ମାସର ପାରିଶ୍ରମିକ ପାଇଲେ ୮୧ ଜଣ କନିଷ୍ଠ ଶିକ୍ଷକ

ଟାଙ୍ଗୀ,(ସବ୍ୟୁ) : ରାଜ୍ୟ ଗଣଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତ ୮୧ କନିଷ୍ଠ ଶିକ୍ଷକଙ୍କୁ ମିଳିଛି ସେମାନଙ୍କର ୫ ମାସର ପାରିଶ୍ରମିକ। ନୂତନ ଭାବେ ଦାୟିତ୍ୱ ନେଇଥିବା ଟାଙ୍ଗୀ ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ଏହାକୁ ମଞ୍ଜୁର କରିଥିବାରୁ ତାଙ୍କୁ ସାଧୁବାଦ ପ୍ରଦାନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଗତ ୨୦୨୪ ସେପଟେମ୍ବର ୭ ତାରିଖ ରେ ଓଡିଶା ସରକାର ଗଣଶିକ୍ଷା ବିଭାଗଦ୍ୱାରା ଟାଙ୍ଗୀ ବ୍ଲକରେ ୮୧ ଜଣ କନଷ୍ଠ ଶିକ୍ଷକ ନିଯୁକ୍ତି ପାଇଥିଲେ ମଧ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇନଥିଲା। ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ବନଲତା ବେହେରା ଗତ ମାସ ଶେଷ ସପ୍ତାହ ରେ କାର୍ଯ୍ୟ ରେ ଯୋଗଦେବା ପରେ ଗୁରୁବର ଏହି ଶିକ୍ଷକ ମାନଙ୍କ ବକେୟା ପାରିଶ୍ରମିକ ସଂପର୍କରେ ବିଚାର କରି ସମସ୍ତ ୮୧ ଜଣ ଶିକ୍ଷକଙ୍କ ପ୍ରାପ୍ୟ ମଂଜୁର କରିଥିବାରୁ ଏହି ଶିକ୍ଷକ ସଂଘ ସଭାପତି ଗଦାଧର ସାହୁ ,ସଂପାଦକ ଲକ୍ଷ୍ମୀଧର ଭୋଳ,ଓ ଖୋର୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଗୋଷ୍ଠୀ ଶିକ୍ଷାଧିକାରି ଶ୍ରୀ ମତି ବେହେରା ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଡ୍ରିମ୍ସ ନର୍ସିଂ ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା




କଟକ, (ସବ୍ୟୁ): ଡ୍ରିମ୍ସ ସ୍କୁଲ ଅଫ ନର୍ସିଂରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏସ୍ସି ନର୍ସିଂ (୨୦୨୦-୨୧) ବ୍ୟାଚ୍ର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ନର୍ସିଂ ଛାତ୍ରଛାତ୍ରୀଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବରେ ବର୍ଣ୍ଣନା କରି ବୃତ୍ତିଗତ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ସେମାନେ ପ୍ରଶଂସିତ ହେବା ସହ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରି ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ୪ବର୍ଷର ରହଣି ଅନେକ ସ୍ମୃତିବିଜଡିତ ଥିବା ଉଲ୍ଲେଖ କରି ନର୍ସିଂ ଭଳି ମହନୀୟ ସେବାକୁ ସାଧନା ପଥ ଭାବରେ ଗ୍ରହଣ କରିଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଡିନ୍ ଏନ୍ ପ୍ରେମଲତା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପକ ସତୀଶ ରାଜମଣି ଓ ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ନୂତନ ଜୀବନ ଆରମ୍ଭ କରିବାକୁ ଦିଗ୍ଦର୍ଶନ ଦେଇଥିଲେ । ବିଦାୟୀ ଛାତ୍ରଛାତ୍ରୀ ମଦ୍ୟ ଅଧ୍ୟୟନ କାଳର ଅନୁଭୂତି ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦାୟୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏଟିଏମ୍ ଲୁଟ୍ ମାମଲା : ଆଉ ଦୁଇ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପୁରୁଣା ଭୁବନେଶ୍ୱର ଶ୍ରୀରାମନଗର ଷ୍ଟେଟ୍ବ୍ୟାଙ୍କ ଏଟିଏମ୍ ଲୁଟ୍ ଘଟଣାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଆଉ ଦୁଇ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକମାନଙ୍କୁ କହିଛନ୍ତି । ଏହି ମାମଲାରେ ପୂର୍ବରୁ ୬ଜଣ ଗିରଫ ହୋଇ ଜେଲ୍ରେ ଅଛନ୍ତି । ଜାନୁଆରୀ ୪ ତାରିଖ ରାତିରେ ଲୁଟେରାମାନେ ଶ୍ରୀରାମନଗର ଏସ୍ବିଆଇ ଏଟିଏମ୍କୁ କାଟି ନେଇଥିଲେ । ସେହି ମାମଲାର ତଦନ୍ତ କରି ପୋଲିସ ଦୁଇଦିନ ତଳେ ୬ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିବା ବେଳେ ସେମାନଙ୍କ କହିବାନୁଯାୟୀ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆଉ ଦୁଇଜଣଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇଜଣ ହେଲେ ଉତ୍ତରପ୍ରଦେଶର ଏ.ରୁସ୍ତମ (୩୬), ପଶ୍ଚିମବଙ୍ଗର ରାଜୁ ଓରଫ ଏସ୍.କେ.ମିଜାନୁର ରେହେମାନ ମୁଲ୍ଲା (୪୫) । ଏହି ଦୁଇଜଣ ଏଟିଏମ୍ ଲୁଟ୍ର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି । ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଦୁଇଜଣଙ୍କୁ ଗିରଫ କରି ଭୁବନେଶ୍ୱର ଆଣିବା ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏମାନଙ୍କ ନାଁରେ ବିଭିନ୍ନ ରାଜ୍ୟରେ ବହୁ ଅପରାଧିକ ମାମଲା ପଞ୍ଜୀକୃତ ଥିବା ସୂଚନା ମିଳିଛି ।

# ୫ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ନିର୍ଦ୍ଦେଶ

### ୨,୧୫, ୧୯୨ ହେକ୍ଟର ଜମିକୁ ଜଳସେଚନ ସୁବିଧା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଜଳ ସମ୍ପଦ ବିଭାଗର ବିଭିନ୍ନ ଡ୍ୟାମ ଓ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଉପରେ ସମୀକ୍ଷା କରି ୫ଟି ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାରେ ଇବ ଜଳସେଚନ ପ୍ରକଳ୍ପ, ବରଗଡ଼ ଜିଲ୍ଲାରେ ଅଙ୍ଗ ଜଳସେଚନ ପ୍ରକଳ୍ପ, କେନ୍ଦୁଝର ଜିଲ୍ଲାରେ ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ, ଝାରପଡା ଜଳସେଚନ ପ୍ରକଳ୍ପ, ଓ କାନୁପୁର ଜଳସେଚନ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡିକ କିପରି ତ୍ୱରାନ୍ୱିତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ ଦୀର୍ଘ ଦିନ ଧରି ପ୍ରସ୍ତାବିତ ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।



ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସମସ୍ତ ଅଂଚଳରେ ଚାଷୀମାନଙ୍କ ଜଳସେଚନ ସମସ୍ୟା ଦୂର କରିବା ପାଇଁ ବ୍ୟାରେଜ ଏବଂ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ । ଉଭୟ ଖରିଫ୍ ଏବଂ ରବି ଋତୁରେ ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀ ଭାଇଭଉଣୀମାନେ ଉପକୃତ ହେବା ଦରକାର । ଏଥିସହିତ ଉକ୍ତ ଅଂଚଳରେ ଏହି ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣକୁ ମଧ ବ୍ୟବସ୍ଥିତ କରାଯାଇ ପାରିବ ବୋଲି ସେ କହିଥିଲେ । ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଇବ୍ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧,୦୬,୨୭୯ ହେକ୍ଟର ଜମି ଜଳସେଚିତ ହୋଇପାରିବ । ସେହିପରି ଅଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦,୦୦୦ ହେକ୍ଟର, ଭୀମକୁଣ୍ଡ ବ୍ୟାରେଜ ପ୍ରକଳ୍ପ ଦ୍ୱାରା ୩୧,୮୩୫ ହେକ୍ଟର, କେନ୍ଦୁଝରର ଝାରପଡା ଜଳସେଚନ ପ୍ରକଳ୍ପ ଦ୍ୱାରା ୧୭,୫୦୦ ହେକ୍ଟର, ଓ କାନୁପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୨୯,୫୭୮ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆ ଯାଇ ପାରିବ ଛ ଏହି ୫ଟି ପ୍ରକଳ୍ପ ଦ୍ୱାରା ସମୁଦାୟ ୨,୧୫, ୧୯୨ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ । ଏଥିପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଧନିତ୍ରୀ ସେବା ସମବାୟ ସମ୍ପାଦକ ନିଲମ୍ବିତ

କାକଟପୁର (ସବ୍ୟୁ) : କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ଗ୍ରାମ ପଞ୍ଚାୟତ ଧନୀତ୍ରୀ ସେବା ସମବାୟ ସମିତି ସମ୍ପାଦକ ବିଷ୍ଣୁ ଚରଣ ବେହୁରା ଧାନ କିଣାରେ ବ୍ୟାପକ ଅନିୟମିତତା ଓ ନିଜ ପରିବାର ଓ ଧାନ ବେପାରୀଙ୍କ ନାମରେ ଧାନ ଉଠାଇ ନିରୀହ ଧାନ ଚାଷୀମାନଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଥିବା ଅଭିଯୋଗରେ ଚାଷୀ ଶଙ୍କର ଭୂୟାଁ, ଘନଶ୍ୟାମ ବେହେରା, ନୃସିଂହ ବେହେରା, ସୁଦର୍ଶନ ବେହେରା, ବିଜୟ ପଣ୍ଡା ପ୍ରମୁଖ ଗ୍ରାମବାସୀ ଗତ ୧୮/୨/୨୦୨୫ ରେ ପୁରୀ ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଲିଖିତ ଅଭିଯୋଗ କରିଥିଲେ । ପୁରୀ ଜିଲ୍ଲାପାଳ ଘଟଣାର ତଦନ୍ତ କରି ସତ୍ୟାସତ ଜାଣିବା ପରେ ସୋମବାର ୩/୩/୨୦୨୫ ଚିଠି ନଂ ୪୫୪(୨) ରେ ସମ୍ପାଦକ ବିଷ୍ଣୁ ଚରଣ ବେହୁରାଙ୍କୁ ନିଲମ୍ବିତ କରିଛନ୍ତି । କୈବଲ୍ୟ ସେନାପତିଙ୍କୁ ସମିତି ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଛନ୍ତି।

### ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ

# ଓସ୍ମେ ଓମେନ୍ ୱିଙ୍ଗ ପକ୍ଷରୁ କାର୍ଯ୍ୟକ୍ରମ ହରଷ୍ଟୋରୀ ୨୦୨୫



**ପଛୁଆ ମହିଳା ସଫଳତା ହାସଲକାରୀଙ୍କୁ ସମ୍ମାନିତ କରାଯିବ**

**ମହିଳାଙ୍କ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍ ଦ୍ୱାରା ଲାଇଭ୍ ପ୍ରଡକ୍ଟ ଉନ୍ମୋଚନ**

ଭୁବନେଶ୍ୱର, (ସବ୍ୟୁ): ଚଳିତ ମାର୍ଚ୍ଚ ୯ ତାରିଖରେ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଷଦ (ଓସ୍ମେ) ର ଓମେନ୍ ୱିଙ୍ଗ ପକ୍ଷରୁ ଏକ ପ୍ରମୁଖ କାର୍ଯ୍ୟକ୍ରମ ହରଷ୍ଟୋରୀ ୨୦୨୫ ର ଆୟୋଜନ ବିଷୟ ଘୋଷଣା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓସ୍ମେ ଓମେନ ୱିଙ୍ଗର ଅଧକ୍ଷା ଜ୍ୟୋର୍ତିମୟୀ ମହାନ୍ତି, ଉପାଧ୍ୟକ୍ଷା ଅମ୍ରିତା ପାତ୍ର, ସମ୍ପାଦିକା ଅନ୍ୱେଷା ରାଉତ, ଖୋର୍ଦ୍ଧା ଶାଖା ଅଧକ୍ଷା ପ୍ରତିଶୃତି ଜେନା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା ଓ ଆଲୋଚନା କରିଥିଲେ । ହର୍ ଷ୍ଟୋରୀ ୨୦୨୫ର ଉଦଘାଟନୀ ଅବସରରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ, ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଓସ୍ମେ ଅଧକ୍ଷ ଗୌରୀ ଶଙ୍କର ଦାଶ, ମହାସଚିବ ସାତ୍ୱିକ ସ୍ୱାଇଁ, ଓସ୍ମେ ଓମେନ ୱିଙ୍ଗର ସମସ୍ତ ସଦସ୍ୟା ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତି ରହିବେ । କାର୍ଯ୍ୟକ୍ରମରେ ମହିଳାଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଦ୍ୱାରା ଲାଇଭ୍ ପ୍ରଡକ୍ଟ ଉନ୍ମୋଚନ, ଏକ ପ୍ରେରଣାଦାୟୀ କୋଚିଂ ମାଷ୍ଟରକ୍ଲାସ ଏବଂ ଇ-କମର୍ସ, କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ବିଫଳତାକୁ ଦୂର କରିବା ଉପରେ ଆକର୍ଷଣୀୟ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୨୫୦ ରୁ ଅଧିକ ମହିଳା ଶିଳ୍ପ ଉଦ୍ୟୋଗୀ ଅଂଶଗ୍ରହଣ କରି ନିଜର ଦକ୍ଷତା, ପ୍ରଡକ୍ଟ ଆଦି ପ୍ରଦର୍ଶିତ କରିବେ ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଗଡଜାତ ଜିଲ୍ଲା ଜମିର ମ୍ୟୁଟେସନ୍ କେସ୍ ରେ ସରକାରୀ ପ୍ରମାଣ ପତ୍ରର ଆବଶ୍ୟକତା ନାହିଁ

କଟକ,(ସବ୍ୟୁ): ଗଡ଼ଜାତ ଜିଲ୍ଲା ତଥା ପୂର୍ବରୁ ରାଜାଙ୍କ ଶାସନାଧୀନ ଥିବା ଜିଲ୍ଲାଗୁଡ଼ିକରେ ଜମି ଦାଖଲ-ଖାରଜ ପାଇଁ ସରକାରୀ ପ୍ରମାଣ ପତ୍ରର କୌଣସି ଆବଶ୍ୟକତା ନାହିଁ । ସ୍ଥାନୀୟ ତହସିଲଦାର କୌଣସି ବ୍ୟକ୍ତିଙ୍କୁ ଏହି ସରକାରୀ ପ୍ରମାଣପତ୍ର ନଥିବା ଦର୍ଶାଇ ତାଙ୍କ ଜମି ଦାଖଲ-ଖାରଜ(ମ୍ୟୁଟେସନ୍) କେସ୍କୁ ଖାରଜ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ମର୍ମରେ ହାଇକୋର୍ଟ ଗଡ଼ଜାତ ଜିଲ୍ଲା ଯଥା ମୟୂରଭଞ୍ଜ, ବଲାଙ୍ଗୀର, କୋରାପୁଟ, ଢେଙ୍କାନାଳ, ଗଞ୍ଜାମ, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ରାୟଗଡ଼ା, ଝାରସୁଗୁଡ଼ା, ମାଲକାନାଗିରି ଏବଂ ଅନ୍ୟ କେତୋଟି ଜିଲ୍ଲାରେ ଜମିର ମ୍ୟୁଟେସନ୍ କେସ୍ କିପରି କରାଯିବ ସେଥିଲାଗି ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ପ୍ରତ୍ୟେକ ତହସିଲଦାର ମାନେ ଏହି ନିର୍ଦ୍ଦେଶାବଳୀ ଆଧାରରେ ଜମିର ମ୍ୟୁଟେସନ୍ କରିବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ଔ ରାୟଗଡ଼ା ଜିଲ୍ଲାର ରମେଶ ଚନ୍ଦ୍ର ସାହୁ ଏବଂ ନମିତା ସାହୁଙ୍କ ପକ୍ଷରୁ ଆଗତ ପିଟିସନ୍କୁ ଗ୍ରହଣ କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ରାୟ ଦେଇଛନ୍ତି ।

ଉପରୋକ୍ତ ଗଡ଼ଜାତ ଜିଲ୍ଲାରେ ତହସିଲଦାର ମାନେ କେଉଁ ଆଧାରରେ ମ୍ୟୁଟେସନ୍ କରିବେ ସେନେଇ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଯେଉଁଥିରେ ହାଇକୋର୍ଟ ଦର୍ଶାଇଛନ୍ତି ଯେ, ତହସିଲଦାର ବା ଅନ୍ୟ ରାଜସ୍ୱ ଅଧିକାରୀ ଯେଉଁମାନେ ଏହି ଗଡ଼ଜାତ ଜିଲ୍ଲା ଅଧୀନରେ ଆସୁଛନ୍ତି ସେମାନେ ସରକାରୀ ପ୍ରମାଣପତ୍ର ନଥିବା କାରଣରୁ କାହାର ମ୍ୟୁଟେସନ୍ କେସ୍କୁ ଖାରଜ କରିପାରିବେ ନାହିଁ । ଯଦି ଜଣେ ସରକାରୀ ପ୍ରମାଣପତ୍ର ବିନା ମ୍ୟୁଟେସନ୍ କେସ୍ ରୁଜୁ କରୁଛନ୍ତି ତାହେଲେ ସ୍ଥାନୀୟ ରାଜସ୍ୱ ଅଧିକାରୀ(ଆଇଆଇ) ବା ଅନ୍ୟ କୌଣସି ଅଧିକାରୀଙ୍କ ନିକଟରୁ ତହସିଲଦାର ରିପୋର୍ଟ ମଗାଇବେ । ଉକ୍ତ ରିପୋର୍ଟରେ ଜମି ମାଲିକଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀଙ୍କ ନାମ ଏବଂ ଠିକଣା ଉଲ୍ଲେଖ କରାଯାଇଥିବ । ସମସ୍ତଙ୍କ ନାମ ଏବଂ ଠିକଣା ଆସିଯିବା ପରେ ପ୍ରତ୍ୟେକ ପକ୍ଷଙ୍କୁ ଜବାବ ରଖିବା ଲାଗି ତହସିଲଦାର ନୋଟିସ୍ କରିବେ । ଅନ୍ୟ ଯେଉଁମାନଙ୍କର ଏହି ଜମିକୁ ନେଇ କିଛି ଅଭିଯୋଗ ରହିଥାଏ ସେମାନେ ମଧ ଏଥିରେ ପକ୍ଷ ରଖିବାକୁ ସୁଯୋଗ ଦିଆଯିବ । ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ଯଦି ଜମି ଇଛାପତ୍ରକୁ ନେଇ କିଛି ବିବାଦ ଦେଖାଯାଏ ଏବଂ ଉତ୍ତାଧିକାରୀ ସୂତ୍ରରେ ଦାବିଦାରଙ୍କୁ ନେଇ କିଛି ଭୁଲ୍ ସୂଚନା ଥାଏ । ତାହେଲେ ତହସିଲ୍ଦାର ଏହି ମ୍ୟୁଟେସନ୍ କେସ୍କୁ ବାତିଲ କରିପାରିବେ । ଏହି ମାମଲାର ପକ୍ଷମାନେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁ ଥିଲେ ସେମାନେ ସିଭିଲ୍ କୋର୍ଟକୁ ଯାଇ ପାରିବେ । ସିଭିଲ୍ କୋର୍ଟର ଡିଗ୍ରୀ ଆଧାରରେ ପୁନର୍ବାର ତହସିଲଦାର ଏହି ମ୍ୟୁଟେସନ୍ କେସ୍ର ସମାଧାନ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରିଛନ୍ତି ।

# ସୋଆରେ ସପ୍ତାହ ବ୍ୟାପୀ ଜାତୀୟ ଏକତା ଶିବିର

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଠାରେ ଫେବୃଆରୀ ୨୧ ରୁ ଏକ ସପ୍ତାହ ବ୍ୟାପୀ ଜାତୀୟ ଏକତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ୧୧ଟି ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ସୋଆ ଏବଂ ଭୁବନେଶ୍ୱର ସ୍ଥିତ ଏନ୍ଏସ୍ଏସ୍ ରିଜିଓନାଲ୍ ଡାଇରେକ୍ଟୋରେଟର ସହଯୋଗିତାରେ ଏହି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଓଡ଼ିଶାର ୧୫ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ଝାଡଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ଉତରପ୍ରଦେଶର ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ। ଫେବୃଆରୀ ୨୭ ତାରିଖରେ ଅନୁଷ୍ଠିତ ସମାବର୍ତନ ଉତ୍ସବରେ ସୋଆ ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ଏକତାକୁ ସୁଦୃଢ଼ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଏନଏସ୍ଏସ୍ ବ୍ୟୁରୋ ପ୍ରୋଗ୍ରାମ କୋର୍ଡିନେଟର ତଥା ଇଣ୍ଟରନ୍ୟାସ୍ନାଲ ରିଲେସନ୍ସ ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଉପସ୍ଥିତ ଥାଇ ବକ୍ତବ୍ୟ ପ୍ରଦାନ ରଖିଥିଲେ ।



### ୭ରୁ ଗ୍ରେଟ୍ ଇଣ୍ଡିଆନ୍ କୋଷ୍ଟାଲ୍ ସାଇକ୍ଲୋଥନ୍

ଭୁବନେଶ୍ୱର(ସବ୍ୟୁ): ସିଆଇଏସଏଫ୍ ୫୬ତମ ପ୍ରତିଷ୍ଠା ଦିବସ ପାଳନ ସହିତ ଜାତୀୟ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରେଟ୍ ଇଣ୍ଡିଆନ୍ କୋଷ୍ଟାଲ୍ ସାଇକ୍ଲୋଥନ୍ ଆରମ୍ଭ କରୁଛି । ଏହି ଅଭିଯାନ ଆସନ୍ତା ୭ତାରିଖରୁ ଗୁଜୁରାଟର ଲଖପତ ଏବଂ ପଶ୍ଚିମବଙ୍ଗର ବକ୍କାଲିରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ସୁରକ୍ଷିତ କୂଳ, ସମୃଦ୍ଧ ଭାରତ । ଏହାର ଲକ୍ଷ୍ୟ ଜାତୀୟ ସୁରକ୍ଷା ଏବଂ ଚୋରା ଚାଲାଣ ଭଳି ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା । ୧୪ ମହିଳା ସମେତ ମୋଟ ୧୨୫ ଜଣ ସାଇକେଲ ଚାଳକ ଅଂଶଗ୍ରହଣ କରିବେ । ଏହି ଯାତ୍ରା ୨୫ ଦିନରେ ୬୫୫୩ କିଲୋମିଟର ବ୍ୟାପି ୧୧ଟି ରାଜ୍ୟକୁ କଭର କରିବ । ପ୍ରମୁଖ ଉପକୂଳ ସହରଗୁଡ଼ିକ ମଧ୍ୟରେ ମୁମ୍ବାଇ, ଗୋଆ, ମାଙ୍ଗାଲୋର, କୋଚି ଏବଂ ଚେନ୍ନାଇ ଅନ୍ତର୍ଭୁକ୍ତ । କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରଦର୍ଶନ ଓ ସାମୁଦାୟିକ ଯୋଗାଯୋଗ ପ୍ରଦର୍ଶିତ ହେବ । ଯେକୌଣସି ସ୍ଥାନରେ ସାଇକ୍ଲୋଥନରେ ଯୋଗଦେବାକୁ ନାଗରିକମାନଙ୍କୁ ନିମନ୍ତ୍ରଣ କରାଯାଇଛି । www.cisfcyclothon.comରେ ପଞ୍ଜିକରଣ ମାଧ୍ୟମରେ ଭର୍ଚୁଆଲ୍ ଅଂଶଗ୍ରହଣ ଉପଲବ୍ଧ ଅଛି ।

# ରାଜ୍ୟ ସ୍ତରୀୟ ଲେଟ୍ସ ସଟଲ ୩.୦ ଉଦଯାପିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ରେଲୱେ ଇନ୍ଡୋର ଷ୍ଟାଡିୟମ୍ରେ ଶନିବାର ସମ୍ବାଦ ଡିଜିଟାଲ୍'ର ରାଜ୍ୟସ୍ତରୀୟ ଲେଟ୍ ସଟଲ୍ ୩.୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି । ସିନିୟର୍ ବର୍ଗରେ ଡିବିଏସ୍ ଚନ୍ଦ୍ର କୁମାର-ଜେ ଜଗଦୀ ବିଜେତା ହୋଇଥିବାବେଳେ ଅର୍ନିବାଣ ମଣ୍ଡଳ ଓ ପରାସ ମାଥୁରଙ୍କ ଦଳ ଉପବିଜେତା ହୋଇଛନ୍ତି । କର୍ପୋରେଟ୍ ବର୍ଗରେ ସୁମନ୍ତ ମହାନ୍ତି ଓ ପରମ୍ ମହାନ୍ତି ବିଜେତା ଏବଂ ଦିବ୍ୟଜ୍ୟୋତି ସିଂହ ଓ ତାରିଣୀ ପ୍ରସାଦ ମାଝୀ ଉପବିଜେତା ହୋଇଛନ୍ତିଛ ଜମ୍ବଲ୍ ବର୍ଗରେ ଦୀପ୍ତି ପ୍ରକାଶ ସୁବୁଦ୍ଧି ଓ କେ ମୁରଲୀକୃଷ୍ଣ ବିଜେତା ଏବଂ ଅଭିଷେକ ପଟ୍ଟନାୟକ-ଦୀପକ କୁମାର ବେଶ୍ରା ଉପବିଜେତା ହୋଇଛନ୍ତି ସମସ୍ତ ସେମିଫାଇନାଲିସ୍ଙ୍କୁ ମଧ ପୁରସ୍କୃତ କରାଯାଇଛି ସେହିଭଳି ସିନିୟର୍ ସୁପର୍ ସଟଲର୍ ବର୍ଗରେ ଏଟି ମିଶ୍ର-ଡକ୍ଟର ପି କେ ପଟ୍ଟନାୟକ ମୁକୁଟ ଜିତିଥିବାବେଳେ ଭରତ ସାହୁ ଓ ମନୋଜ ଗନ୍ତାୟତ ଉପ ବିଜେତାରେ ସନ୍ତୁଷ୍ଟ ହୋଇଛନ୍ତି ।

ଏହି ଦୁଇ ଦିନିଆ ପ୍ରତିଯୋଗିତାର ଉଦ୍ୟାପନା ଉତ୍ସବରେ 'ସମ୍ବାଦ' ଓ 'କନକ ନିଉଜ୍'ର ସମ୍ପାଦକ ତନୟା ପଟ୍ଟନାୟକ, ନିର୍ଦ୍ଦେଶିକା ମୋନିକା ନୈୟର ପଟ୍ଟନାୟକ, ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡକ୍ଟର ବଙ୍କିମ ମହାନ୍ତି, କାନାଡ଼ା ବ୍ୟାଙ୍କ ମହାପ୍ରବଂଧକ ଜଗଦୀଶ ଚନ୍ଦର, କେୟାର୍ ହସ୍ପିଟାଲ୍ କାର୍ପୋରେଟ୍ କମ୍ୟୁନିକେସନ୍ସ ଉପସଭାପତି ଲୋକନାଥ ଦାସ, ସମ୍ବାଦ ଡିଜିଟାଲ୍ର ମାର୍କେଟିଂ ମୁଖ୍ୟ ଲିଙ୍ଗରାଜ ଲେଙ୍କା, ସମ୍ବାଦର ଡିଜିଏମ୍ ମାର୍କେଟିଂ ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ସାରା ରାଜ୍ୟରୁ ଯୋଗ୍ୟତା ଅର୍ଜନ କରିଥିବା ୧୦୮ ଦଳ ଅଂଶଗ୍ରହଣ କରିଥିଲେ ।



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ହଲ ଠାରେ ଆଜି ଜାତୀୟ ସଂହତି ଶିବିର ୨୦୨୫ ଉଦଘାଟନ ହୋଇଛି । ଏନଏସଏସ ବ୍ୟୁରୋ ଓଡ଼ିଆ କାର୍ଯ୍ୟକ୍ରମ ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଏହାର ଉଦଘାଟନ କରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ । ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତେ ଏକତ୍ରିତ ହୋଇ ନିଜ ନିଜ ଭିତରେ ଭାଷା, ଜ୍ଞାନ, ସେବା, ଅନୁଭୂତିର ଆଦାନ ପ୍ରଦାନ ହୋଇ ପାରିବ ବୋଲି କହିଥିଲେ । ତାଙ୍କସହ ସମାଜ ସେବା ଓ ଶୃଙ୍ଖଳିତ ଜୀବନ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ଉପ ଶାସନ ସଚିବ ଡ଼. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ସମସ୍ତେ ଏକତ୍ରିତ ହେବା ସହ ଗଞ୍ଜାମରେ ଥିବା କଳା, ସଂସ୍କୃତି ଆଦି ଉପରେ ଆଦାନ ପ୍ରଦାନ ହୋଇପାରିବ ବୋଲି କହିଛନ୍ତି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶଙ୍କର୍ଷଣ ମଲ୍ଲିକ ସ୍ୱାଗତ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ସଂଯୋଜକ ଡ଼. ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିବିରର ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଶେଷରେ କନ୍ଧମାଳ ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ନଳିନୀ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଏନଏସଏସ ସ୍ୱେଚ୍ଛାସେବୀ ଶାନ୍ତି ସୁନ୍ଦର ସିଆ ସଭା ପରିଚାଳନା କରିଥିଲେ । ଏଥିରେ ଓଡ଼ିଶାର ୨୨ ଟି ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ବାହାରର ୧୪ ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ, ବିଭିନ୍ନ କଲେଜର ଅଧ୍ୟକ୍ଷ, ପୂର୍ବତନ ସଂଯୋଜକ ଯୋଗ ଦେଇଥିଲେ ।

## ୧୬୦ କିଲୋ ଗଞ୍ଜେଇ ସହ ୩ କାର୍ ଜବତ, ୭ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ବେଆଇନ ଭାବେ ମଦ ଓ ଗଞ୍ଜେଇ ଚୋରାରେ ବିକ୍ରି ହେଉଥିବା ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ବେଆଇନ ଭାବେ ମଦ ତିଆରି କରି ବିକ୍ରି କରି ବେପାରୀ ମାଲାମାଲ ହେଉଛନ୍ତି। ହେଲେ ଏହି ମଦ ପିଇ ବିଭିନ୍ନ ପ୍ରକାର ରୋଗରେ ପଡି ଜୀବନ ହାନି ଘଟୁଛି। ଯାହା ଜ୍ୱଳନ୍ତ ଉଦାହରଣ ଗଞ୍ଜାମ ଜିଲ୍ଲା ଚିକିଟି କରବାଲୁଆ ଗ୍ରାମର ମଦ ମୃତ୍ୟୁ ଘଟଣା। ହେଲେ ଏହି ଭଳି ମଦ ବିକ୍ରି ଗଞ୍ଜାମ ଜିଲ୍ଲାର ଛୋଟ ଛୋଟ ଦୋକାନ, ଢାବା ହୋଟେଲ, ପାନ ଦୋକାନ ସହିତ ଗଳି କନ୍ଦିରେ ବିକ୍ରି ହେଉଥିବା ଏବେ ଚର୍ଚ୍ଚା ହେଉଛି। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବେଆଇନ ଭାବେ ଗଞ୍ଜେଇ ଜବତ କରିବା ବେଳେ ୩ ଟି କାରରୁ ଏକ ଶହ ୬୦ କିଲୋ ଗଞ୍ଜେଇ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତ ମାନଙ୍କ ଠାରୁ ୧୦ ଟି ମୋବାଇଲ ଫୋନ ଜବତ କରିଛି। କାରରେ ଚୋରା ଗଞ୍ଜେଇ ଚାଲାଣ ହେଉ ଥିବା ବିଭାଗକୁ ଆଜି ସକାଳୁ କୌଣସି ଏକ ସୂତ୍ରରୁ ଅବକାରୀ ଗୁଇନ୍ଦା ବିଭାଗ ଖବର ପାଇଥିଲେ। ସବୁର ଉକଣ୍ଠ କନିଷ୍ଠ ହାଟ ରାସ୍ତାର ଏକ ପଡିଆରେ ଗଜପତି ଜିଲ୍ଲାରୁ ଦୁଇଟି କାରରେ ଗଞ୍ଜେଇ ଆଣି ଅନ୍ୟ ଏକ କାରକୁ ସ୍ଥାନାନ୍ତର କରାଯାଉ ଥିଲା। ଅବକାରୀ ଗୋଇନ୍ଦା ବିଭାଗ କର୍ମଚାରୀ ମାନେ ସେଠାରେ ପହଞ୍ଚି ଚଢାଉ କରିଥିଲେ। କାର ଯାଞ୍ଚ କରି ସେଥିରେ ଥିବା ଏକ ଶହ ୬୦ କିଲୋ ଗଞ୍ଜେଇକୁ ଜବତ କରିଥିଲେ। ସେଠାରେ ଥିବା ୭ ଜଣ ଅଭିଯୁକ୍ତଙ୍କୁ ବିଭାଗ କର୍ମଚାରୀ ମାନେ କାବୁ କରିଥିଲେ। ଗଜପତି ଜିଲ୍ଲାର ୪ ଜଣ ଥିବା ବେଳେ ମହାରାଷ୍ଟ୍ରର ତିନି ଜଣ ଯୁବକ ରହିଥିଲେ। ଗିରଫ ଅଭିଯୁକ୍ତମାନେ ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାରେ ନେବା ଲାଗି ଏକ ଇନୋଭା କାରର ସିକ୍ରେଟ ଚ୍ୟାମ୍ବରରେ ଗଞ୍ଜେଇ ରଖାଯାଉଥିଲା। ଜବତ ଗଞ୍ଜେଇ ଓ କାରର ଆନ୍ତର୍ଜାତିକ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ, ଗଜପତି ଜିଲ୍ଲା ମୋହନା ଅଞ୍ଚଳର ସାଜନ ନାୟକ (୩୦), ପିତରା ନାୟକ (୨୮), ନୟନ ଚାନ୍ଦ ନାୟକ (୩୫) ଡ୍ରାଇଭର, ତରୁଣ ନାୟକ (୨୧) ମୋହନ ଅଞ୍ଚଳ ରୁ ଗଞ୍ଜେଇ ଚାଲାଣ କରିବା ନିମନ୍ତେ ସିହଳା ଠାରେ ପହଞ୍ଚି ଥିବା ବେଳେ ମହାରାଷ୍ଟ୍ରର ଅଜୟ ଭଜନ ବିରାଡ(୨୫), ବିଶାଳ ବାବୁସାହେବ ରହିଞ୍ଜି(୩୨) ଡ୍ରାଇଭର ଓ ଅମୁଲ ମୁରଲୀଧର ରହିଞ୍ଜି (୨୬) ଏକ ଇନୋଭା କାରରେ ନେବା ନିମନ୍ତେ ଆସିଥିଲେ। ହେଲେ ଅବକାରୀ ବିଭାଗ ପକ୍ଷରୁ ସୂଚନା ପାଇ ଚଢ଼ଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଏକ ଇନୋଭା କାର ନମ୍ବର( ଏମ ଏଚ-୧୨-ଆର ଡବ୍ଲୁ-୦୮୧୦), ହୁଣ୍ଡାଇ ଏସେଣ୍ଟ (ଓଡି ୩୩-ସି-୩୨୧୪) ଓ ଵାଲିନୋ( ଓଡି ୦୨-ବିଏସ-୩୯୫୯)ଗଜପତି ଜିଲ୍ଲାରୁ ଗଞ୍ଜେଇ ଚାଲାଣ କରୁଥିବା ମୁଖ୍ୟଙ୍କୁ ଠାବ କରାଯାଉଛି ଓ ତାଙ୍କୁ ଗିରଫ କରାଯିବ ବୋଲି ଅବକାରୀ ଡେପୁଟି ସୁପେରିଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି।

## ଟ୍ରେନ ଯାତ୍ରୀଙ୍କ ଠାରୁ ମୋବାଇଲ ଲୁଟେରା ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବିଭିନ୍ନ ଯାତ୍ରୀବାହୀ ଟ୍ରେନରୁ ଲୋକଙ୍କ ମୋବାଇଲ ଚୋରି କରି ନେଇଯାଉଥିବା ୨ ଜଣିଆ ଗ୍ୟାଙ୍ଗକୁ ବ୍ରହ୍ମପୁର ସରକାରୀ ରେଳବାଇ ଥାନା ପୁଲିସ(ଜିଆରପି) ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ରମ୍ଭା ଥାନା କାହାପୁର ଗ୍ରାମର ବାବୁଲା ସେଠୀ (୨୨) ଓ ଛତ୍ରପୁର ଥାନା ଚିକଲଖଣ୍ଡି ଗ୍ରାମର ଚିନ୍ମୟ କୁମାର ପଣ୍ଡା(୨୪) । ସୂଚନା ପ୍ରକାରେ, ଗତ ୨ ତାରିଖରେ ଆସିକା ଥାନା ଅଂଚଳର ତରସାଇଁ ଗ୍ରାମର ସାଗର କୁମାର ନାହାକ ଜଣେ ବ୍ୟକ୍ତି ଟ୍ରେନରେ ଯାତ୍ରା କରୁଥିବା ବେଳେ ତାଙ୍କ ମୋବାଇଲ୍ ଟି ଚୋରି ହୋଇ ଯାଇଥିଲା । ଏନେଇ ସେ ଜିଆରପି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(୩୦/୨୫) ରୁଜୁ ହୋଇଥିଲା । ପୁଲିସ ଘଟଣାର ତଦନ୍ତ କରିବା ସହ ପ୍ରଥମେ ଅଭିଯୁକ୍ତ ବାବୁଲଙ୍କୁ କାବୁ କରି ପଚରା ଉଚରା କରିଥିଲା । ବାବୁଲା ନିକଟରୁ ଏକ ଭିଭୋ ମୋବାଇଲ ଜବତ କରିଥିଲା । ସେହିପରି ବାବୁଲା ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ବିଷୟରେ ପୁଲିସ କୁ ସୂଚନା ଦେଇଥିଲା । ଉଭୟ ମିଶି ବ୍ରହ୍ମପୁର ରେଳ ଷ୍ଟେସନ ବିଭିନ୍ନ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷାରତ ଯାତ୍ରୀ ଓ ଟ୍ରେନ ଭିତରେ ବସି ଯାତ୍ରା କରିଥିବା ଯାତ୍ରୀଙ୍କ ଠାରୁ କିଭଳି ମୋବାଇଲ୍ ଲୁଟ କରିଥିଲେ ସେ ବିଷୟରେ ସୂଚନା ଦେଇଥିଲା । ବାବୁଲାର ସୂଚନାକୁ ଆଧାର କରି ପୁଲିସ ଚିନ୍ମୟଙ୍କୁ କାବୁ କରିଥିଲା। ଚିନ୍ମୟ ନିକଟରୁ ପୁଲିସ ୨ ଟି ଚୋରି ମୋବାଇଲ ଜବତ କରିଥିଲା । ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ପକ୍ଷରୁ ସୂଚନା ମିଳିଛି।

## ପାରିବାରିକ କଳହରୁ ବାପାର ମୁଣ୍ଡ କାଟି ହତ୍ୟା କଲା ପୁଅ

ବାରିପଦା/କୁଳିଅଣା, (ସବ୍ୟୁ) : ବାପାର ମୁଣ୍ଡ କାଟି ହତ୍ୟା କଲା ପୁଅ । ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଞ୍ଚଳରେ ଏହି ଘଟଣାଟି ଘଟିଛି । ପ୍ରକାଶ ଯେ, ପାରିବାରିକ କଳହକୁ କେନ୍ଦ୍ର କରି ସୋମବାର ବିଳମ୍ବିତ ରାତିରେ ପୁଅ ଡାଙ୍ଗ ସିଂ ବାପା ବାଇଧର ସିଂଙ୍କ ମୁଣ୍ଡ କାଟି ଦେଇଥିବାବେଳେ ମା'ଙ୍କୁ ମଧ୍ୟ ମାରିବାକୁ ଉଦ୍ୟମ କରିଥିଲେ । କିନ୍ତୁ କୌଣସି କାରଣ ବସତଃ ମା'ଙ୍କୁ ମାରିବାରେ ବିଫଳ ହୋଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ପୁଅ ଡାଙ୍ଗ ସିଂଙ୍କ ମାନସିକ ବିକାର ଗ୍ରସ୍ତ ବୋଲି ପରିବାର ପକ୍ଷରୁ କୁହାଯାଇଛି । ଏହି ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।

## ଭାରିଯାନ ଯୋଗୁଁ ନଷ୍ଟ ହେଲାଣି ଫେବର୍ ରାସ୍ତା, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଏନଏସି ଅନ୍ତର୍ଗତ ଅରବିନ୍ଦ ନଗର-୧ ଫେବର୍ ରାସ୍ତାରେ ଭାରିଯାନ ଚଳାଚଳ ସାଙ୍ଗକୁ ରକ୍ଷଣାବେକ୍ଷଣ ଅଭାବରୁ ତାହାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କୁ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଥିସହ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସେହି ରାସ୍ତା ମରାମତି କରିବା ପାଇଁ ଦାବି ଉଠୁଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଉନ୍ନତିକରଣ ଆଳରେ ପୂର୍ବରୁ ଭଲ ଥିବା କଂକ୍ରିଟ୍ ରାସ୍ତାକୁ ଖୋଳି ତାହାରି ଉପରେ ଫେବର୍ ବିଛାଇ ତିନି ବର୍ଷ ଯାଏଁ ମରାମତିର ପ୍ରତିଶ୍ରୁତି ଦେଇଥିଲେ ହେଁ ଏବେ ତାହା ପାଣିରେ ଗାର ଭଳି ହୋଇଛି । ସାମାନ୍ୟ ବର୍ଷା ହେଲେ ସେହି ରାସ୍ତାର ଅନେକ ଖାଲଖମାରେ ପାଣି ଜମି ରହି ବହୁ ସମସ୍ୟା ସୃଷ୍ଟି କରୁଛି। ସୂଚନାଯୋଗ୍ୟ ଯେ, ଦୁଇ ବର୍ଷ ହେବ ସେହି ପେବର ରାସ୍ତାଟି ୭ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ସେହି ରାସ୍ତା ଦେଇ ଭାରିଯାନ ଚଳାଚଳ ନିଷେଧ ହୋଇଥିଲେ ହେଁ କିଛି ବ୍ୟବସାୟୀଙ୍କ ପରିବା ବୋଝେଇ ଭାରିଯାନ ସେହି ପଟ ଦେଇ ଯାତାୟାତ କରୁଥିବାରୁ ରାସ୍ତାଟି ଦବିଯାଇ ଏପରି ଦୂରାବସ୍ଥାରେ ରହିଛି । ଏନ୍‌ଏସି ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଦୈନିକ ମାଳ ମାଳ ପରିବା ବୋଝେଇ ଭାରିଯାନ ଚଳାଚଳ ହେଉଥିବାରୁ ସାହି ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଅନ୍ୟପକ୍ଷରେ କେଉଁ କାରଣରୁ ଏନ୍‌ଏସି କର୍ତ୍ତୃପକ୍ଷ ଏ ଦିଗରେ ଉଦାସୀନତା ମନୋଭାବ ପୋଷଣ କରିଆସୁଛନ୍ତି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜନହିତ ଦୃଷ୍ଟିରୁ ଶୋଚନୀୟ ଅବସ୍ଥାରେ ଥିବା ସେହି ରାସ୍ତାର ମରାମତି ସହ ଭାରିଯାନ ଚଳାଚଳରେ ପ୍ରତିବନ୍ଧକ ଲଗାଇବା ନେଇ ସାଧାରଣ ଦୃଢ ଦାବି ହେଉଛି ।

## ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଅଭିଯାନ ଗୋପାଳପୁର ବନ୍ଦରର ଶତାଧିକ ଶ୍ରମିକ ନେଲେ ସୁରକ୍ଷା ଶପଥ

ଛତ୍ରପୁର, (ସବ୍ୟୁ): ସୁରକ୍ଷା ଏବଂ ସ୍ୱାସ୍ଥ୍ୟ –ବିକଶିତ ଭାରତ ପାଇଁ ଅତ୍ୟାବଶ୍ୟକ ବିଷୟକୁ ନେଇ ୫୪ ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହର ଶୁଭାରମ୍ଭ ଅବଶରରେ ଗୋପାଳପୁର ବନ୍ଦରର ବହୁ ଅଧିକାରୀ ଓ ଶତାଧିକ ଶ୍ରମିକ ସୁରକ୍ଷା ଶପଥ ପାଠ କରିଛନ୍ତି ।ଆଜି ଆରମ୍ଭ ହୋଇଥିବା ଏହି ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ ସୁରକ୍ଷା ପତାକା ଉତ୍ତଳନ କରି ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ କାର୍ଯକ୍ରମକୁ ବିଦ୍ଧିବଦ୍ଧ ଭାବେ ଆରମ୍ଭ କରିଥିଲେ। ଏହି ଉଦଘାଟନି ଅବସରରେ ସନ୍ଦୀପ ଜୈସୱାଲଯୋଗଦେଇ ଆଦାନୀ ଗୃପର ବିଭିନ୍ନ ସୁରକ୍ଷା ନିୟମାବଳୀ ଓ ସୁରକ୍ଷାମୂଳକ ପଦକ୍ଷେପ ଗୁଡିକୁ ସମସ୍ତେ ଅବଗତ ହେବାର ଆବଶ୍ୟକ ରହିଛି ଏବଂ ବନ୍ଦରପରିସରରେ କାର୍ଯ୍ୟରତ ଶ୍ରମିକମାନେ କିପରି ସୁରକ୍ଷା ଓ ସଚେତନ ସହ କାର୍ଯ୍ୟନିର୍ବାହ କରିବେ । ସେଥିପ୍ରତି ଆଦାନୀ ଗୃପ ସର୍ବଦା ବଦ୍ଧପରିକର ଅଟେ ତଥା କର୍ମଚାରୀମାନଙ୍କ ସୁରକ୍ଷା ସହ ପରିବେଶର ସୁରକ୍ଷା ମଧ୍ୟ ଅତ୍ୟନ୍ତ ଗରୁତ୍ୱପୁର୍ଣ୍ଣ ବୋଲି ସେ କହିଥିଲେ। ବନ୍ଦର ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ପ୍ଲାଷ୍ଟିକର କମ୍ ବ୍ୟବହାର କରିବା ପାଇଁ ସେ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଗାପାଳପୁର ବନ୍ଦରର ଅପରେଶନ ଏବଂ ମେଣ୍ଟେନାଂଶ ବିଭାଗର ମୁଖ୍ୟ ଅଜିତ କୁମାର ପିଶରୋଡି ଯୋଗଦେଇ ମୁଖ୍ୟତଃ ଚାରୋଟି ସୁରକ୍ଷା ଉପରେ ବିଶେଷ ଭାବେ ଧ୍ୟାନ ଦେବାପାଇଁ କହିଥିଲେ। ସେଗୁଡିକ ହେଲା କାର୍ଯ୍ୟସ୍ଥଳ ସୁରକ୍ଷା, ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଡିଜିଟାଲ ସୁରକ୍ଷା। ଗୋପାଳପୁରବନ୍ଦରର ବିଭିନ୍ନ ବିଭାଗର ଅଧିକାରୀମାନେ ସୁରକ୍ଷା ସହ ଶୃଙ୍ଖଳାଗତ କାର୍ଯ୍ୟନିର୍ବାହ ଉପରେ ବିଶେଷ ଧ୍ୟାନ ଦେଇଥିଲେ। ସପ୍ତାହବ୍ୟାପୀ ଆୟୋଜିତ ହେବାକୁ ଥିବା ବିଭିନ୍ନ ସୁରକ୍ଷାମୂଳକ ପଦକ୍ଷେପ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିଲା। ସୁରକ୍ଷା ଶପଥ ପାଠ, ଫାଷ୍ଟଏଡ୍ ତାଲିମ, ପୋଷ୍ଟର ମାଧ୍ୟମରେ ସୁରକ୍ଷାର ପ୍ରତିଯୋଗିତା, ସୁରକ୍ଷା ଶ୍ଲୋଗାନ ପ୍ରତିଯୋଗିତା, ସାମୁହିକ ସ୍ୱଚ୍ଛତା ଅଭିଯାନ, କୁଇଜ ପ୍ରତିଯୋଗିତା ମାଧ୍ୟମରେ ଜନ ସଚେତନତା, କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ସୁରକ୍ଷାମୂଳକ ଆଲୋଚନା, ଗୋପାଳପୁର ପୋର୍ଟ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଡ୍ରିଲ୍ ଓ ଉଦ୍ଧାର କାର୍ଯ୍ୟର ମକଡିଲ୍ ମାଧ୍ୟମରେ ସଚେତନତା ଆଦି କରାଯିବାର କାର୍ଯ୍ୟକ୍ରମ ରହିଛି । ପୋର୍ଟ ପକ୍ଷରୁ ଏସବୁ କାର୍ଯ୍ୟକ୍ରମରେ ଶ୍ରମିକ ତଥା ତାଙ୍କ ପରିବାରର ସହଭାଗିତା କାମନା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯିବା ସହ ସୁରକ୍ଷା ଉପରେ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଗୋପାଳପୁର ବନ୍ଦର ସୁରକ୍ଷା ବିଭାଗ ମୁଖ୍ୟ ସିଦ୍ଧାର୍ଥ ଦ୍ୱିବେଦୀ, ସୁରକ୍ଷା ଅଧିକାରୀ ମହେନ୍ଦ୍ର କୁମାର ନାୟକ ଏବଂ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଭିରାମ ଅଭିନୟ ଅନୁଷ୍ଠାନର ପକ୍ଷରୁ ମହାନାୟକ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, (ସବ୍ୟୁ) : ବାରିପଦା ପୁରୁଣା ହାଟସାହି ସ୍ଥିତ ଅଭିରାମ ଅଭିନୟ ଅନୁଷ୍ଠାନ ଆନୁକୂଲ୍ୟରେ କାଳଜୟୀ ଅଭିନେତା କିମ୍ବଦନ୍ତୀ କଳାକାର ଉତ୍ତମ ମହାନ୍ତିଙ୍କ ଦୁଃଖଦ ବିୟୋଗରେ ଡଃ ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ଅନନ୍ୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଓଡିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଲେଖକ, ଅଭିନେତା, ନିର୍ଦ୍ଦେଷକ ଚିନ୍ମୟ ଦାସ ପଟ୍ଟନାୟକ ଉତ୍ତମ ମହାନ୍ତିଙ୍କ କୃତିତ୍ୱର ସ୍ତୁତିଚରଣ କରିବା ସଙ୍ଗେ ସଙ୍ଗେ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ବହୁ ଉତ୍ତମ ପ୍ରେମୀ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ଅଫିସର, ନେତା, ଅଭିନେତା, ବୁଦ୍ଧିଜିବୀ ଉପସ୍ଥତି ରହି ଉତ୍ତମ ମହାନ୍ତିଙ୍କର ଜୀବନ ବୃତ୍ତାନ୍ତ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ମୟୂରଭଞ୍ଜର ମଉଡମଣି ନିଖୋଜ ହୋଇଗଲେ ବୋଲି ମତପ୍ରକାଶ କରିଥିଲେ । ସଭାରେ ଉପସ୍ଥିତ ଥିଲେ ପ୍ରାକ୍ତନ ସିଡିଏମ୍‌ଓ ଡାଃ କୈଳାସ ଚନ୍ଦ୍ର ମହାନ୍ତି, ମୟୂରଭଞ୍ଜ ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଅଧକ୍ଷା ଡଃ ପୁଷ୍ପାରାଣୀ ପାତ୍ର, ବରିଷ୍ଠ କଳାକାର ସୁଧିର ମହାନ୍ତି, ସୁଧିର ନାୟକ, ସୁନାମଧନ୍ୟ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର, ନାଟ୍ୟକାର ଗୋକୁଳ ଚନ୍ଦ୍ର ଦାସ, ପ୍ରଦୀପ ପାଣିଗ୍ରାହୀ, ଅରୁଣ କୁମାର ପାତ୍ର, ପ୍ରଦୀପ ମହାନ୍ତି, ରାଜୀବ୍ ପାତ୍ର, ଶିବଶଙ୍କର ବାରିକ, ଗୀତିକାର ଅନିଲ ପଟ୍ଟନାୟକ, ଚକ୍ରଧର ମହାପାତ୍ର, କ୍ଷେତ୍ରମୋହନ ପଣ୍ଡା, କୁମାର ସୌରଭ ପଣ୍ଡା, ରାହୁଲ କୁମାର, ଲିଟନ ପଟ୍ଟନାୟକ, ସଜ୍ଜୁୟ ମହାନ୍ତି, ମୁନା ମୋଦୀ, ବାସୁଦେବ ବେହେରା, ଲମ୍ବୋଦର ରଣା, ଜ୍ଞାନରଞ୍ଜନ ପଣ୍ଡା, ଡିଜେଲ ନାୟକ, ପ୍ରସନ୍ନ ମହାନ୍ତି, ସନ୍ତୋଷ ନାୟକ, ସୁଜିତ୍ ନାଥ ଓ ନଳିନୀ ମହାନ୍ତି ପ୍ରମୁଖଙ୍କ ସହ ଉତ୍ତମ ପ୍ରେମୀ ବାରିପଦା ବାସୀ, ସମସ୍ତେ ଉତ୍ତମ ମହାନ୍ତି ଓରଫ କୁନିଆଁ ଭାଇ ଉଦାରପଣ, ନିଛଦ ବାରିପଦିଆ ଗୁଣ ଓ ସର୍ବୋପରି ପ୍ରଚଣ୍ଡ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଉତ୍ତମଙ୍କୁ ପଦ୍ମଶ୍ରୀ ପାଇଁ ଭାରତ ସରକାରଙ୍କ ଠାରେ ନିବେଦନ କରିବା ପ୍ରସଙ୍ଗ ଉଠାଯାଇଥିବା ବେଳେ ଅଭିରାମ ଅଭିନୟ ଅନୁଷ୍ଠାନର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଉତ୍ତମ ମହାନ୍ତିଙ୍କ ଜୀବନବୃତ୍ତାନ୍ତ ଉପରେ ଏକ ବାୟୋପିକ୍ ନିର୍ମାଣ କରିବାର ପ୍ରସ୍ତାବ ରଖିଥିଲେ । ଶେଷରେ ନେତା ଓ ଅଭିନେତା ଲମ୍ବୋଦର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ରିୟଲ ଇଷ୍ଟେଟରେ ୧୦ କୋଟି ଠକେଇ ମାମଲା ତେଲେଙ୍ଗାନା ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁରରୁ ବାନ୍ଧିଲା

ବ୍ରହ୍ମପୁର, (ସବ୍ୟୁ): ତେଲେଙ୍ଗାନାରେ ରିୟଲ ଇଷ୍ଟେଟ ବ୍ୟବସାୟ ଆଳରେ ୧୦ କୋଟି ଠକେଇ ମାମଲାର ଜଣେ ଅଭିଯୁକ୍ତଙ୍କ ବ୍ରହ୍ମପୁରରେ ଲୁଚିଥିଲା। ଅର୍ଥନୈତିକ ଅପରାଧ ଶାଖା ବ୍ରହ୍ମପୁର ଆସି ବୈଦ୍ୟନାଥପୁର ଥାନା ପୋଲିସ ସହାୟତାରେ ତାଙ୍କୁ ବାନ୍ଧିଛି। ରସେ ହେଲେ ଏ. ଭେଙ୍କେଟେସ(୩୮) । ଗଞ୍ଜାମ ଜିଲ୍ଲା ଗୋଇଲଉଣ୍ଡି ନିକଟ ଫିଜିକାଲ ଏକାଡେମୀରେ ରହି ସେ ଫିଟନେସ ତାଲିମ ନେଉଥିଲେ ବୋଲି ଜଣାପଡିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା । ତେଲେଙ୍ଗାନାରେ କିଛି ବ୍ୟକ୍ତି ରିୟଲ ଇଷ୍ଟେଟ ବ୍ୟବସାୟ ନାଁରେ ବହୁ ଜମାକାରୀଙ୍କ ଠାରୁ ପ୍ରାୟ ୧୦ କୋଟି ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା । ସେହି ଅଭିଯୋଗର ତଦନ୍ତ ତେଲେଙ୍ଗାନା ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ କରାଯାଉଛି । ଏହି ଠକେଇରେ ଅଭିଯୁକ୍ତ ଭେଙ୍କେଟେସ ସଂପୃକ୍ତ ଥିବା ଜଣାପଡିବା ପରେ ତେଲେଙ୍ଗାନା କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କୁ କାବୁ କରିବାକୁ ଯୋଜନା ହୋଇଥିଲା । ଭେଙ୍କେଟେସଙ୍କ ମୋବାଇଲ ଟ୍ରାକିଂ ବେଳେ ସେ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ପଛ ଅଞ୍ଚଳ ଗୋଇଲୁଣ୍ଡିରେ ରହୁଥିବା ଜଣାପଡିଥିଲା। ସେହିକ୍ରମରେ ଅର୍ଥନୈତିକ ଅପରାଧ ଶାଖାର ଏକାଧିକ ଅଧିକାରୀ ବ୍ରହ୍ମପୁରରେ ପହଞ୍ଚି ତାଙ୍କୁ କାବୁ କରି ପଚରାଉଚରା ପାଇଁ ତେଲେଙ୍ଗାନା ନେଇଥିବା ସୂଚନା ମିଳିଛି ।

## ଏକ ସବୁଜ ଓଡ଼ିଶା ଭାରତ ପାଇଁ ଏକ ଶକ୍ତିଶାଳୀ ଅର୍ଥନୀତିର ପଥପ୍ରଦର୍ଶକ ହୋଇପାରିବ

ଭୁବନେଶ୍ୱରରେ ସଂପ୍ରତି ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଭା ହୋଇଥିଲା ଯେ, ଓଡ଼ିଶା କିପରି ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ସହିତ ଜଳବାୟୁ ପରିବର୍ତ୍ତନ ପ୍ରତି ଏହାର ଆର୍ଥିକ ପ୍ରଗତିକୁ ସ୍ଥିର କରିପାରିବ? ଏହାର ଉତ୍ତର ଏକ ସବୁଜ ଅର୍ଥନୀତିର ଆଦର୍ଶକୁ ଗ୍ରହଣ କରିବାରେ ନିହିତ । ଗତ କିଛି ବର୍ଷ ଧରି, ଚରମ ଜଳବାୟୁ ଘଟଣାଗୁଡ଼ିକର ସମ୍ମୁଖୀନ ହେଉଥିବା ରାଜ୍ୟ, ବିଶେଷ କରି ନବୀକରଣୀୟ ଶକ୍ତି କ୍ଷେତ୍ରରେ ସବୁଜ ନିବେଶରେ ମଧ୍ୟ ବୃଦ୍ଧି ପାଇଛି । କିନ୍ତୁ, ଓଡ଼ିଶାରେ ଏକ ସବୁଜ ଅର୍ଥନୀତିର ସମ୍ଭାବନା ବହୁତ ଅଧିକ । ଏହାର ଶିଳ୍ପ ଏବଂ କୃଷି ଭିତିଭୂମିକୁ ସ୍ଥାୟୀ ଉତ୍ପାଦ ଏବଂ ସେବାକୁ ବିସ୍ତାର କରି ସବୁଜ ଉଦ୍ୟୋଗ ଏବଂ ଶିଳ୍ପଗୁଡ଼ିକୁ ଆକର୍ଷିତ କରିପାରିବ । ସମୃଦ୍ଧ ଭୌଗୋଳିକ ବିବିଧତା, ଯୁବ ଜନସଂଖ୍ୟା, ଶିଳ୍ପ ଧାର ଏବଂ ଦୃଢ ନାଗରିକ ସମାଜ ନେଟୱାର୍କ ସହିତ, ନବୀକରଣ ଶକ୍ତିରେ ଅଗ୍ରଗତିକୁ ପରିପୂରକ କରିବା ପାଇଁ ଏକ ଜୈବ ଅର୍ଥନୀତି, ପ୍ରକୃତି-ଆଧାରିତ ସମାଧାନ ଏବଂ ସର୍କୁଲାର ଅର୍ଥନୀତିର ବିସ୍ତୃତ ସୁଯୋଗଗୁଡ଼ିକୁ ଅନଲକ୍ କରିବା ପାଇଁ ଭଲ ସ୍ଥିତିରେ ରହିଛି । ଏହି ପରିବର୍ତ୍ତନ ଦ୍ୱାରା ଓଡ଼ିଶା ନିଜର କିଛି ପ୍ରମୁଖ ଚ୍ୟାଲେଞ୍ଜକୁ ହ୍ରାସ କରିପାରିବ । ଏହା ଦ୍ୱାରା କାମ ପାଇଁ ରାଜ୍ୟ ବାହାରକୁ ଯିବା ବନ୍ଦ ହେବା ସହିତ ଯୁବପଢିଙ୍କୁ ନିଯୁକ୍ତି ପ୍ରଦାନ ଏବଂ ଜଳବାୟୁ-ସ୍ଥାପକ କ୍ଷେତ୍ର ଆଡ଼କୁ ଏହାର ଅର୍ଥନୀତିକୁ ବିବିଧ କରା ଯାଇପାରିବ । କନକ୍ଲେଭରେ ପ୍ରକାଶିତ, କାଉନସିଲ୍ ଅନ୍ ଏନର୍ଜି ଏନର୍ଭାନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲୁ) ଦ୍ୱାରା କରାଯାଇଥିବା ଏହା ଏଭଳି ଏକ ପ୍ରଥମ ଅଧ୍ୟୟନ । ଯାହା ରାଜ୍ୟ ପାଇଁ ଏକ ସବୁଜ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ଉପରେ ଆଲୋକପାତ କରିଛି । ଅଧ୍ୟୟନ ଆକଳନ କରିଛି ଯେ, ୨୦୩୦ସୁଦ୍ଧା, ଓଡ଼ିଶା ୧୦ଲକ୍ଷ ନୂତନ ସବୁଜ ନିଯୁକ୍ତି ସୃଷ୍ଟି କରିପାରିବ । ଏହା ସହିତ ରାଜ୍ୟ ଜିଡ଼ିପିରେ ୨ ଲକ୍ଷ କୋଟି ଟଙ୍କା (୨୩ ପ୍ରତିଶତ ବୃଦ୍ଧି) ହୋଇପାରିବ ଏବଂ ୩.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦ପ୍ରତିଶତ ଅଧିକ ନିବେଶ ଆକର୍ଷିତ କରିପାରିବ । ଏହି ସୁଯୋଗଗୁଡ଼ିକୁ ରାଜ୍ୟର ବିଦ୍ୟମାନ ପରିବେଶଗତ ଏବଂ ଶିଳ୍ପ ସୁବିଧା ସହିତ ମିଶ୍ରିତ କରାଯାଇପାରିବ। ଉଦାହରଣ ସ୍ୱରୂପ, ଖଣି ଏବଂ ଧାତୁ ବିଜ୍ଞାନରେ ଓଡ଼ିଶାର ଶକ୍ତି ଲିଥିୟମ-ଆୟନ ବ୍ୟାଟେରୀ ପୁନଃଚକ୍ରଣ ଭଳି ସର୍କୁଲାର ନୀତିକୁ ଗ୍ରହଣ କରି ନୂତନ ଆର୍ଥିକ ମାର୍ଗ ପାଇଁ ପଥ ପ୍ରଶସ୍ତ କରିପାରିବ । ସେହିପରି, ବୟନ ଶିଳ୍ପରେ ଏହାର ବିଶେଷଜ୍ଞତାକୁ ବାୟୋ-ଫାଇବର ଉତ୍ପାଦନ ସହିତ ମିଶ୍ରଣ କରାଯାଇପାରିବ । ଏକ ଲମ୍ବା ଉପକୂଳ ସହିତ, ଓଡ଼ିଶା ଆର୍ଥିକ ଏବଂ ପରିବେଶଗତ ମୂଲ୍ୟ ସୃଷ୍ଟି କରିବା ପାଇଁ ସାମୁଦ୍ରିକ ଶୈବାଳ ଚାଷ କରିପାରିବ। ରାଜ୍ୟର ବ୍ୟାପକ ଜଙ୍ଗଲ କଭରେଜ ସହାୟତାପ୍ରାପ୍ତ ପ୍ରାକୃତିକ ନବସୃଜନ ଏବଂ ହେନ୍ତାଳ ବନ ପରିଚାଳନାକୁ ସମର୍ଥନ କରିପାରିବ। ଏହା ବ୍ୟତୀତ, ବୃଦ୍ଧି ପାଉଥିବା ପର୍ଯ୍ୟଟନ କ୍ଷେତ୍ର ସ୍ଥାୟୀ କୃଷି-ପର୍ଯ୍ୟଟନ ଏବଂ ପରିବେଶ-ପର୍ଯ୍ୟଟନକୁ ପ୍ରୋତ୍ସାହନ କରିବାର ସୁଯୋଗ ପ୍ରଦାନ କରିପାରିବ । ଏହି ପ୍ରତ୍ୟେକ ପଦକ୍ଷେପ କେବଳ ଆର୍ଥିକ ଲାଭର ପ୍ରତିଶ୍ରୁତି ବହନ କରେ ନାହିଁ ବରଂ ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ ସ୍ଥାୟୀ ଜୀବନଜୀବିକା ସୃଷ୍ଟି କରିବାକୁ ସକ୍ଷମ ହେବ । ତଥାପି, ଓଡ଼ିଶାରେ ଏକ ସବୁଜ ଅର୍ଥନୀତି ଗଠନ କରିବା ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ପଡିବ। ପ୍ରଥମେ, ସରକାରଙ୍କ ସବୁଜ ଓଡ଼ିଶା ପଦକ୍ଷେପର ସଂପ୍ରତି ଘୋଷଣା ଉପରେ ନିର୍ମାଣ କରିବାକୁ ପଡିବ ଏବଂ ଏକ ବହୁ-ବିଭାଗୀୟ କମିଟି ଗଠନ କରି ସକାରାତ୍ମକ ଆର୍ଥିକ ସଙ୍କେତ ପ୍ରଦାନ କରି ସବୁଜ ଅର୍ଥନୀତିକୁ ଚାମ୍ପିଅନ କରିବାକୁ ପଡିବ । ଏପରି ଏକ କମିଟି ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇପାରିବ ଏବଂ ଏକ ସାଧାରଣ ଫଳାଫଳ ଢାଞ୍ଚା ସହିତ ନିର୍ଦ୍ଦେଶ ଏବଂ ଯୋଜନା ମଧ୍ୟରେ ସମନ୍ୱୟର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିପାରିବ । ଏହି ଢାଞ୍ଚା ବାର୍ଷିକ ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିବ, ସ୍କେଲିଂ ପାଇଁ ଏକ ରୋଡମ୍ୟାପ୍ ଭାବରେ କାର୍ଯ୍ୟ କରିବ ଏବଂ ସବୁଜ ଭାଲ୍ୟୁ ଚେନ୍ ବିକାଶ ସହିତ ପ୍ରାସଙ୍ଗିକ ବିଦ୍ୟମାନ ଯୋଜନାଗୁଡ଼ିକରୁ ବଜେଟ୍ ଆବଣ୍ଟନ ଚିହ୍ନଟ କରିବ। ଉଦାହରଣ ସ୍ୱରୂପ, ପରିବେଶ ପର୍ଯ୍ୟଟନରେ, ବନ୍ୟପ୍ରାଣୀ ରିସୋର୍ଟ, ସଫାରି ଯାତ୍ରା, କୃଷି-ପଦଯାତ୍ରା ଏବଂ ଜୈବ-ଆଧାରିତ ଉତ୍ପାଦ କ୍ରୟ ପରି ଓଭରଲ୍ୟାପିଂ ଆଗ୍ରହକୁ ସମନ୍ୱିତ କରାଯାଇପାରିବ । ସମକାଳୀନ ଭାବରେ, ଶିଳ୍ପ ନୀତି ସଂକଳ୍ପ ପରି ପଦକ୍ଷେପ ମାଧ୍ୟମରେ ଆର୍ଥିକ ସଙ୍କେତ, ଯାହା ପୂର୍ବରୁ ଡ଼ଥ୍ରଷ୍ଟଡ଼ ଏବଂ ଡ଼ପ୍ରାଥମିକତାଡ଼ କ୍ଷେତ୍ର ପାଇଁ ପୁଞ୍ଜି ଖର୍ଚ୍ଚ ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବ । କ୍ଷେତ୍ରଗୁଡ଼ିକର ଏକ ଲମ୍ବା ତାଲିକା ଅନ୍ତର୍ଭୁକ୍ତ କରିବା ଏବଂ ନିବେଶକମାନଙ୍କୁ ଆକର୍ଷିତ କରିବା ଏବଂ ବଜାର ବିଶ୍ୱାସକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବା ଉଚିତ୍ ।

ଦ୍ୱିତୀୟତଃ, ଘରୋଇ କ୍ଷେତ୍ରକୁ ମଧ୍ୟ ଏହି ଆର୍ଥିକ ସଙ୍କେତଗୁଡ଼ିକୁ ଏବଂ ସବୁଜ ଉତ୍ପାଦ ଏବଂ ସେବାରେ ଓଡ଼ିଶାର ତୁଳନାତ୍ମକ ଲାଭକୁ ସ୍ୱୀକାର କରିବାକୁ ପଡିବ । ବିଶ୍ୱ ଜଳବାୟୁ ପାଣ୍ଠି ସୁରକ୍ଷିତ କରିବା ଏବଂ ଜଳବାୟୁ ବଜେଟିଂ ଗ୍ରହଣ କରିଥିବା ପ୍ରଥମ ରାଜ୍ୟ ଭାବରେ, ଓଡ଼ିଶା ସ୍ଥାୟୀ ବିକାଶକୁ ଆଗକୁ ବାଢ଼ିବାରେ ଏହାର ନେତୃତ୍ୱ ପ୍ରଦର୍ଶନ କରିସାରିଛି । ସବୁଜ ହାଇଡ୍ରୋଜେନ ବିକାଶ, ଜାହାଜ ପୁନଃଚକ୍ରଣ ହବ୍ ଏବଂ ବନ୍ଦର ଏବଂ ଆନୁଷଙ୍ଗିକ ସ୍ଥାୟୀ ବିକାଶ ପାଇଁ ସଂପ୍ରତି ୪,୦୦୦କୋଟି ଘୋଷଣା ଏହାର ପ୍ରତିଶ୍ରୁତିବଦ୍ଧତାର ସୂଚକ ହୋଇଛି । ନିବେଶକ ଏବଂ ଷ୍ଟାର୍ଟ-ଅପ ଗୁଡ଼ିକ ରାଜ୍ୟର ପ୍ରାକୃତିକ ଦାନ ଦ୍ୱାରା ପ୍ରଦାନ କରାଯାଇଥିବା ଅନେକ ସବୁଜ ଉଦ୍ୟୋଗ ସୁଯୋଗ ଦ୍ୱାରା ମିଶ୍ରିତ ଏହି ସଙ୍କେତଗୁଡ଼ିକୁ ପୁଞ୍ଜିକୃତ କରିବା ଉଚିତ, ଯାହା ନବସୃଜନ ଏବଂ ମୂଲ୍ୟ ବୃଦ୍ଧି ତଥା ଦକ୍ଷତା ବିକାଶ ପଦକ୍ଷେପ ଉପରେ ସକ୍ରିୟ ଲାଭ ପାଇପାରିବ। ତୃତୀୟତଃ, ସବୁଜ ଅର୍ଥନୀତି ଅନ୍ତର୍ଭୁକ୍ତ ଏବଂ ସଂପ୍ରଦାୟ-ଚାଳିତ ହେବା ନିଶ୍ଚିତ କରିବାରେ ନାଗରିକ ସମାଜ ସଂଗଠନଗୁଡ଼ିକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡିବ । ବାଉଁଶ-ଆଧାରିତ ଉତ୍ପାଦ ଉତ୍ପାଦନ, ଜୈବ-ଔଷଧୀୟ ଉଦ୍ଭିଦ ବୃଦ୍ଧି, ପ୍ଲାଷ୍ଟିକ୍ ଏବଂ ବୟନ ପୁନଃଚକ୍ରଣ ଭଳି ସୁଯୋଗ ପାଇଁ ବ୍ୟାପକ ସଂପ୍ରଦାୟ ସଂପୃକ୍ତି ଆବଶ୍ୟକ । ସିଏସଓଗୁଡ଼ିକ ଏହି ସୁଯୋଗଗୁଡ଼ିକୁ ଗ୍ରାମ ପଂଚାୟତ ବିକାଶ ଯୋଜନାରେ ସଂହତ କରିବାରେ, ଜିଲ୍ଲା ପ୍ରାଥମିକତା ଯୋଜନା ପ୍ରସ୍ତୁତ କରିବାରେ, ସଂପ୍ରଦାୟ କ୍ଷମତା ଏବଂ ଦକ୍ଷତା ନିର୍ମାଣ କରିବାରେ ସାହାର୍ଯ୍ୟ କରିପାରିବେ । ଓଡ଼ିଶା ନିଶ୍ଚିତ କରିବ ଯେ, ସ୍ଥାନୀୟ ଗୋଷ୍ଠୀଗୁଡ଼ିକ ସକ୍ରିୟ ଏବଂ ଲାଭଦାୟକ ଭାବରେ ପରିବର୍ତ୍ତନରେ ଅଂଶଗ୍ରହଣ କରନ୍ତୁ। ଏକ ସବୁଜ ଅର୍ଥନୀତି ପାଇଁ ଏହାର ବିପୁଳ ସମ୍ଭାବନା ୨୦୩୬ ସୁଦ୍ଧା ଓଡ଼ିଶାକୁ ଡ଼ନବଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଅର୍ଥନୀତିଡ଼ ହେବାର ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିବ । ସେହି ବର୍ଷ ରାଜ୍ୟ ନିଜର ଶତବାର୍ଷିକୀ ପାଳନ କରିବ ।



ଗୁଞ୍ଜନ ଝୁନଝୁନୱାଲା

**ପ୍ରୋଗ୍ରାମ ଲିଡ୍, କାଉନସିଲ୍ ଅନ୍ ଏନର୍ଜି, ଏନର୍ଭାନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲୁ)**

## ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ଅରବିନ୍ଦ ଏମ୍‌ବିଏରେ ସର୍ବାଧିକ ନମ୍ବର ରଖି ହାସଲ କଲେ ସ୍ୱର୍ଣ୍ଣ ପଦକ

ବାରିପଦା, (ସବ୍ୟୁ) : ସାମ୍ପ୍ରତିକ ସମାଜରେ ପିତାମାତା ନିଜନିଜର ପୁଅ ଝିଅଙ୍କୁ ପବ୍ଲିକ ସ୍କୁଲ / ଇଂଲିଶ ମିଡିୟମ ସ୍କୁଲରେ ପଢ଼ାଇବା ପାଇଁ ବେଶ ପ୍ରତିଯୋଗିତା ମନଭାବ ଦେଖାଉଛନ୍ତି । ମାତ୍ର ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାଲିଗଞ୍ଜର ନବୀନ ମହାନ୍ତି ଓ ପ୍ରଭାତୀ ପଟ୍ଟନାୟକ ତାଙ୍କ ପୁତ୍ର ଅରବିନ୍ଦ ମହାନ୍ତିଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଇଲେ ଓ ନବୀନ ବାବୁ ଯୋଗାଣ ବିଭାଗରେ ଓ ଶ୍ରୀମତୀ ପଟ୍ଟନାୟକ ବେଲଗଡ଼ିଆ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସରକାରୀ ଚାକିରୀ କରୁଥିଲେ ହେଁ ନିଜ ସାନ ପୁଅକୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ମନସ୍ଥ କରିଥିଲେ । ବେଲଗଡ଼ିଆ ସ୍କୁଲରୁ ପ୍ରାଥମିକ ଶିକ୍ଷା ହାସଲ କରିବା ପରେ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ଓ ଏମ୍‌ପିସି ଜୁନିୟର ମହାବିଦ୍ୟାଳୟରୁ ବିଜ୍ଞାନରେ ଯୁକ୍ତଦୁଇ ପାସ କରି ଭୁବନେଶ୍ୱର ସ୍ଥିତ ସିଭିରମଣରେ ବି.ଟେକ କରିବା ପରେ ନିଜ ପ୍ରତିଭା ବଳରେ ଜାମସେଦପୁର ସ୍ଥିତ ଟାଟା ଷ୍ଟିଲରେ ଆରମ୍ଭ କଲେ ନିଜର କର୍ମମୟ ଜୀବନ ଓ ତାଙ୍କର କାର୍ଯ୍ୟଶୈଳୀକୁ ଲକ୍ଷ୍ୟ କରି କମ୍ପାନୀ ନିଜ ଖର୍ଚ୍ଚରେ ତାଙ୍କୁ ଏକ୍ସଏଲଆରଆଇ ପ୍ରତିଷ୍ଠାନ, ଜାମସେଦପୁରରେ ଏମବିଏ ପଢିବାପାଇଁ ସୁଯୋଗ ଦେଇଥିଲେ । ଅରବିନ୍ଦ କଠିନ ପରିଶ୍ରମ କରି ଶେଷରେ ସର୍ବାଧିକ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଖବର ପାଇ ପରିବାରରେ ଖୁସିର ଲହରୀ ଖେଳିଯିବା ସହ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି ଓ ତାଙ୍କର ଏହି ସଫଳତା ଆଜିର ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଦାହରଣ ବୋଲି ତାଙ୍କୁ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଇଥିବା ତତ୍କାଳୀନ ଶିକ୍ଷକ ସୋମନାଥ ସିଂହ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବେଲଗଡ଼ିଆ ସ୍କୁଲକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ତତ୍କାଳୀନ ଜିଲ୍ଲାପାଳ ସିଟିଏମ ସୁଗୁଣା ମଧ୍ୟ ଅରବିନ୍ଦଙ୍କ ପ୍ରତିଭାକୁ ପରଖି ବେଶ ପ୍ରଶଂସା କରିଥିଲେ ।



# ରାଜନେତାଙ୍କ କବ୍‌ଜାରେ ସରକାରୀ ଜମି



ସୋନପୁର,(ସବ୍ୟୁ) :ସୁବର୍ଣ୍ଣପୁର ଜିଲ୍ଲା ନଗର ମଣ୍ଡଳ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବିଜେପିର କାର୍ଯ୍ୟକର୍ତ୍ତା ପୌର ଅଧିକାରୀଙ୍କୁ ଭେଟି ପୌର ପରିଷଦ ଅଞ୍ଚଳରେ ଥିବା ସରକାରୀ ଜମିକୁ ଜବରଦଖଲ ଉଚ୍ଛେଦ ନେଇ ଅଭିଯୋଗ କରିଛନ୍ତି। ପ୍ରମୁଖ ଅଭିଯୋଗ ହେଉଛି ବ୍ଲକ୍ ଛକ ପାଖରେ ଜଣେ ରାଜନେତା ତଥା ପ୍ରଭାବଶାଳୀ ବ୍ୟକ୍ତି ଜମିର ଦଖଲ କରି ଅନେକ ଫାଇଦା ଉଠାଇଛନ୍ତି। ଉକ୍ତ ସ୍ଥାନକୁ ଶୀଘ୍ର ମାପଜୁଖ କରି ଉଚ୍ଛେଦ କରାଯିବା ସହିତ ପୌର ଅଧିକାରୀ ତାଙ୍କ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ରଖିଥିଲେ ବିଜେପି କାର୍ଯ୍ୟକର୍ତ୍ତା। ଅନେକ ପୋଖରୀ ମଧ୍ୟ ଚତୁରତାର ସହ ମାଟି ପୋତି ପ୍ଲଟିଂ କରି ବିକ୍ରି କରି ଦେଇଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ନୂତନ ଟାଉନ୍ ହଲ୍ ପାଖରେ ଏକ ବେଆଇନ ନର୍ସରୀ ହୋଇଥିବା ଓ କିଛି ରାଜନୈତିକ ବ୍ୟକ୍ତି ବିଶେଷ ଏହାକୁ ଭଡା ସୂତ୍ରରେ ଦେଇଥିବା କଥା ଅଭିଯୋଗ କରିଥିଲେ ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ମହାପାତ୍ର। ପୌର ଅଧିକାରୀ ଏହି ବିଷୟରେ ସେ ଅବଗତ ନ ଥିଲେ ଉପ ଜିଲ୍ଲାପାଳ ତହସିଲଦାରଙ୍କୁ ଯୋଗାଯୋଗ କରି ଉକ୍ତ ସ୍ଥାନ ଗୁଡିକୁ ୭ଦିନ ଭିତରେ ଉଚ୍ଛେଦ କରାହେବା ନେଇ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି । ସୋନପୁର ସହର ମଧ୍ୟରେ କେତୋଟି ପୋଖରୀ ଅଛି ଓ ପୌର ପ୍ରଶାସନ ସମସ୍ତ ପୋଖରୀ ସୂତ୍ରରୁ କେତେ ଟଙ୍କା ଆୟ କରୁଛନ୍ତି ଏହାର ହିସାବ ମାଗିଥିଲେ ବଲାଙ୍ଗିର ସାଂସଦ ପ୍ରତିନିଧି ଶିବରାମ ସାହୁ। ଉକ୍ତ ସ୍ଥାନକୁ ଶୀଘ୍ର ଉଚ୍ଛେଦ ହଟାଇବା ପାଇଁ ବଲାଙ୍ଗୀର ସାଂସଦ ପ୍ରତିନିଧି ଶିବରାମ ସାହୁ ଓ ନଗର ମଣ୍ଡଳ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅନୁରୋଧ କରିବା ସହ ଆଗାମୀ ଦିନ ରେ ଆନ୍ଦୋଳନ ଜୋର୍ ଦାର ହେବା ନେଇ ପ୍ରତିକ୍ରିୟା ରଖିଛନ୍ତି।

# ନିମ୍ନମାନର କାମ, ଭାଙ୍ଗିଲା କଭରସେଡ କାନ୍ଥ

ନର୍ଲା,(ସବ୍ୟୁ): ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ କାମ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ତାହା ପୁଣି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ସେରଗଡ ଗାଁରେ। ସୂଚନା ମତେ ସେରଗଡ ଗାଁ ନିକଟରେ ଭବାନୀପାଟଣା ଆର୍ ଏମ୍ ସି ପକ୍ଷରୁ ଏକ କଭରସେଡ ନିର୍ମାଣ ହେଉଥିବା ଜଣାପଡିଛି। ହେଲେ ତାହା ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ଫଳରେ ନିର୍ମାଣ କାମ ଆରମ୍ଭରୁ ଆଜି (ସୋମବାର)ଦିନ ସେହି କାମରେ ମାଟି ପକାଇବା ସମୟରେ ପାର୍ଶ୍ୱ କାନ୍ଥ କଂକ୍ରିଟ ପଡିଯାଇଥିଲା। ଯେ କୌଣସି ନିର୍ମାଣ କାମ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଉପସ୍ଥିତ ରହି କାମ ତଦାରଖ କରିବା ନିୟମ ଥିଲେ ହେଁ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ହେଉଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ଠିକାଦାର ନିମ୍ନମାନର କାମ କରିବାକୁ ପଛାଉ ନାହାନ୍ତି। ସେହିପରି ବିନା ସୂଚନା ଫଳକରେ ଚାଲିଛି ନିର୍ମାଣ କାମ। ପ୍ରଥମେ ସର୍ବସାଧାରଣଙ୍କ ଅଗଗତି ପାଇଁ ନିର୍ମାଣ କାମ ଆରମ୍ଭରୁ ସୂଚନା ଫଳକ ଲଗାଇବା ନିୟମ ଥିଲେ ହେଁ ଏଠାରେ ତାହା କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକେ କେଉଁ ଯୋଜନାରେ, କେତେ ବ୍ୟୟ ଅଟକଳରେ କାମ ଚାଲିଛି ଜାଣିପାରୁନାହାଁନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଏସ ପାଣ୍ଡେ କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠାଇନଥିଲେ। ପରେ ଭବାନୀପାଟଣା ଆର୍ ଏମ୍ ସିର ମାର୍କେଟ ସରକାର କୁନୁ ପାଢ଼ୀଙ୍କୁ ପଚାରିବାରୁ ମୁଁ ଏବିଷୟରେ କିଛି ଜାଣିନାହିଁ ବୋଲି ଉତ୍ତରରେ କହିଥିଲେ। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



# ମାରଣାସ୍ତ୍ର ଦେଖାଇ ଆତଙ୍କ, ପିସ୍ତଲ ସହ ଯୁବକ ଗିରଫ



ସମ୍ବଲପୁର,(ସବ୍ୟୁ): ହୀରାକୁଦ ରେଲୱେ ଷ୍ଟେସନ ନିକଟରେ ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଝାରଖଣ୍ଡ ରାଜ୍ୟ ଗୁମଲା ଜିଲ୍ଲା ଶାସ୍ତ୍ରୀ ନଗର ଅଞ୍ଚଳର ରାହୁଲ ସାହୁ (୨୪) ବୋଲି ଜଣାପଡିଛି । ତାଙ୍କ ଠାରୁ ଏକ ଦେଶୀ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ମାରୁତି କାର, ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି । ଏନେଇ ୯୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ରେଳଷ୍ଟେସନ ନିକଟରେ ଜଣେ ଯୁବକ କାର ଗାଡି ନମ୍ବର(ଜେଏଚ୍୦୧ଏବି-୭୭୦୫) ସହ ଛିଡା ହୋଇ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରୁଥିବା ଖବର ପାଇ ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଯୁବକକୁ ଖାନତଲାସ୍ ବେଳେ ତାଙ୍କ ଠାରୁ ଉକ୍ତ ପିସ୍ତଲ ଓ ଅଫୁଟା ଗୁଳି ଜବତ ହୋଇଥିଲା ।

# ସ୍ୱାଗତ ଗେଟରେ ସରପଞ୍ଚଙ୍କ ନାମ, ପଞ୍ଚାୟତବାସୀଙ୍କ କ୍ଷୋଭ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଗ୍ରାମ ପଞ୍ଚାୟତର ସ୍ୱାଗତ ଗେଟରେ ସ୍ଥାନୀୟ ସରପଞ୍ଚଙ୍କ ନାମ ଲେଖାଯିବା ନେଇ ପଞ୍ଚାୟତ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାରୁ ଜଣା ପଡ଼ିଛି ଯେ ରାଜ୍ୟ ଅର୍ଥ କମିଶନ ୨୦୨୪/୨୫ ମସିହା, ୫ ଏଫଏସସି ରାଜ୍ୟ ଅର୍ଥ କମିଶନ ଅନୁଦାନ ପାଣ୍ଠି, ଅଟକଳ ୩ ଲକ୍ଷ କାର୍ଯ୍ୟକାରୀ ସଂସ୍ଥା ଗ୍ରାମ ପଞ୍ଚାୟତ ମଣ୍ଡୋସିଲରୁ ପଞ୍ଚାୟତର ମୁଖ୍ୟ ରାସ୍ତା ମଣ୍ଡୋସିଲ ଓ ଚଚରା ଭଟା ଛକରେ ସରକାରୀ ଅନୁଦାନରେ ସ୍ୱାଗତ ଗେଟ ନିର୍ମାଣ ହୋଇଛି । ହେଲେ ସେହି ସରକାରୀ ପାଣ୍ଠିରେ ନିର୍ମାଣ ହୋଇଥିବା ସ୍ୱାଗତ ଗେଟର ପ୍ରଥମ ଧାଡିରେ ମଣ୍ଡୋସିଲ ଗ୍ରାମ ପଞ୍ଚାୟତ ଆପଣଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି ।ଲେଖା ହୋଇଥିବା ବେଳେ ଦ୍ୱିତୀୟ ଧାଡିରେ ରାଜ୍ୟ ଅର୍ଥ କମିଶନ ଅନୁଦାନରୁ ସରପଞ୍ଚ ସୁବାସିନୀ ପାନଙ୍କ କରକମାଳରେ ନିର୍ମିତ ଲେଖା ହୋଇଛି । ଏହି ଲେଖାକୁ ସ୍ଥାନୀୟ ୱାର୍ଡ ସଭ୍ୟ ସଭ୍ୟା ଓ ପଞ୍ଚାୟତ ବାସୀ ଦୃଢ଼ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ସରକାରୀ ପାଣ୍ଠିର ଅର୍ଥରେ ନିର୍ମାଣ କରି ନିଜ ନାମ ଲେଖିବା ବେଆଇନ କାର୍ଯ୍ୟ । କେବଳ ସ୍ୱାଗତ ଗେଟ ନିର୍ମାଣର ଉଦଘାଟନର ନାମ ଫଳକରେ ନାମ ଲେଖିବା କଥା ବୋଲି ପ୍ରକାଶ କରିଛନ୍ତି । ହେଲେ ସମ୍ପୃକ୍ତ ସରପଞ୍ଚଙ୍କ ସ୍ୱାମୀ ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ହୋଇଥିବାରୁ ପଞ୍ଚାୟତର କୌଣସି ବ୍ୟକ୍ତିଙ୍କ କଥାକୁ ଗୁରୁତ୍ୱ ଦେଉନଥିବା ଗୁରୁତର ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ମାସ ମାସ ଧରି କାର୍ଯ୍ୟ ଚାଲିଥିଲେ ମଧ ଦାୟିତ୍ୱରେ ଥିବା ଯନ୍ତ୍ରୀ ସାହେବ କାର୍ଯ୍ୟ ସ୍ଥଳ ପରିଦର୍ଶନ କରୁନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ପଞ୍ଚାୟତ ବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ କାହିଁକି ସରକାରୀ ପାଣ୍ଠିରେ ନିର୍ମିତ ସ୍ୱାଗତ ଗେଟରେ ସରପଞ୍ଚଙ୍କ ନାମ ଲେଖା ଯାଇଛି । ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଖଡ଼ିଆଳ ବିଡ଼ିଓ ନରସିଂ ଗାଡ଼ବାଙ୍କୁ ପଚାରିବାରୁ ସ୍ୱାଗତ ଗେଟରେ ସରପଞ୍ଚଙ୍କ ନାମ ଲେଖି ପାରିବେ ନାହିଁ । ଆସନ୍ତା କାଲି ଉଦଘାଟନ ହେବ , ସରପଞ୍ଚଙ୍କ ନାମ କାଟିବାକୁ କହୁଛି ବୋଲି ପ୍ରକାଶ କରିଥିଲେ ।

# ହଳଦୀପାଲି ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ବରଗଡ଼,(ସବ୍ୟୁ) : ବରଗଡ଼ ସହର ସନ୍ନିକଟ ହଳଦୀ ପାଲି ଉଚ୍ଚ ପ୍ରାଥମିକ ସ୍କୁଲ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା କ୍ରିକେଟ ଏସୋସିଏସନର ସଭାପତି ହରିହର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ମାନସିକ ସ୍ତରରେ ଦୃଢ଼ ରହି ପାଠ ପଢାରେ ବ୍ରତୀ ହେବା ସହ ପରୀକ୍ଷା ଗୁଡ଼ିକୁ ଏକାଗ୍ରତାର ସହ ସମ୍ମୁଖୀନ ହେଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିବା ସହ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଆମ ସଂସ୍କୃତି ଆମ ଖେଳନା ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ମହିଳା ସ୍ୱୟଂ ସେବିକା ସଂଘ ମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା ପଣା ସହିତ ବିଭିନ୍ନ ପ୍ରକାରର ଖେଳନା ପ୍ରଦର୍ଶିତ ହୋଇଥିଲା । ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈରାଗୀ ସାହୁ, ପୁରାତନ ଛାତ୍ର ରାଜୀବ ବାରିକ, ବରିଷ୍ଠ ନାଗରିକ ପ୍ରକାଶ ସାହୁ ପ୍ରମୁଖ ଅତିଥି ଭାଗରେ ଯୋଗଦେଇଥିଲେ । ସଭାକାର୍ଯ୍ୟକୁ ଅଙ୍ଗନବାଡ଼ି କର୍ମୀ ନମିତା ବାରିକ ପରିଚାଳନା କରିଥିଲେ । ତାଙ୍କୁ ଆଶାକର୍ମୀ ନନ୍ଦିନୀ ସାହୁ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମନିଷା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭତ୍ତାବୃଦ୍ଧି ଦାବି ନେଇ ଗର୍ଜିଲା

# ମୁଁଇ କଲାହାଣ୍ଡିଆ ଫର୍ କଲାହାଣ୍ଡି ସଂଗଠନ

ଭବାନୀପାଟଣା,(ସବ୍ୟୁ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩ହଜାରଟଙ୍କାକୁ ବୃଦ୍ଧି କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱର ଉତ୍ତୋଳନ ହେବା ବେଳେ କଳାହାଣ୍ଡି ଜିଲ୍ଲାରେ ମୁଇଁ କଲାହାଣ୍ଡିଆ ଫର୍ କଲାହାଣ୍ଡି ସଂଗଠନ ଲଗାତାର ସଚେତନତା କାର୍ଯ୍ୟକ୍ରମ କରି ଦାବି ଉପସ୍ଥାପନା କରିଆସୁଛି। ନାରୀ ନେତ୍ରୀ କବିତା ରାଉତଙ୍କ ନେତୃତ୍ୱରେ ବିବିସି ପଡାରେ ଥିବା ଗୋଷ୍ଠୀ କେନ୍ଦ୍ରରେ ୧୫୦ରୁ ଉର୍ଦ୍ଧ୍ୱ ଭତ୍ତାଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା । ବୈଠକରେ ସଂଗଠକ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଶଂସା କରିବା ସହ ଭତ୍ତା ବୃଦ୍ଧିକୁ ନେଇ ତୀବ୍ର ସମାଲୋଚନା କରିଥିଲେ । ବଜାରରେ ଦୁଇ ଦିନ ପୂର୍ବରୁ ସମସ୍ତ ଖାଦ୍ୟ ଓ ରାସନ ସାମଗ୍ରୀରେ ଦରଦାମ୍ ବୃଦ୍ଧି ହେଇଛି କିନ୍ତୁ ସରକାରର ୯ମାସ ହେବାକୁ ଯାଇଛି ୬୦ବର୍ଷରୁ ଉର୍ଦ୍ଧ୍ୱ ବୁଢାବୁଢ଼ି, ବିଧବା, ଅବିବାହିତା ଓ ୪୦% ଉର୍ଦ୍ଧ୍ୱ ଭିନ୍ନକ୍ଷମ ମାନଙ୍କ ଭତ୍ତା ଟଙ୍କା ନ ବଢିବା ଦୁର୍ଭାଗ୍ୟଜନକ । ଯଦି ମାର୍ଚ୍ଚ ୧୫ ସୁଦ୍ଧା ପ୍ରତିଶୃତି ଭତ୍ତା ୩୦୦୦ଟଙ୍କା ଘୋଷଣା ନ କରନ୍ତି ତା ହେଲେ କଳାହାଣ୍ଡି ଜିଲ୍ଲାପାଳ ଅଫିସ୍ ସହ ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ଘେରାଉ ହେବ ବୋଲି ସରକାରଙ୍କୁ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଚେତାବନୀ ଦେଇଛନ୍ତି । ବୈଠକରେ ବରିଷ୍ଠ ସଦସ୍ୟ ନିରୋଦ କୁମାର ରାଉତ, ଚାଷୀନେତା ଲିଙ୍ଗରାଜ ପ୍ରଧାନ ଯୋଗଦେଇ ସରକାର ଗରିବ ଲୋକଙ୍କୁ ଭୂଆଁ ନ ବୁଲେଇ ନିଜ ପ୍ରତିଶୃତି ପାଳନ କରିବା ପାଇଁ ଦାବି କରିଛନ୍ତି। ମଧୁଲାଲ ନାଏକ, ସଞ୍ଜୟ ମେହେର, ପଞ୍ଚୁ ସାହୁ, ସୌମ୍ୟରଂଜନ କର ପ୍ରମୁଖ ସହଯୋଗ କରିଥିଲେ।

# କାର ଚୋରି ଅଭିଯୋଗରେ ଅଟୋ ଚାଳକ ଗିରଫ

ସମ୍ବଲପୁର,(ସବ୍ୟୁ): ଏକ କାର ଚୋରି ଅଭିଯୋଗରେ କଟରଧୁଆ ଅଞ୍ଚଳର ଅଟୋ ଚାଳକ ବିଶାଳ ଯାଦବ(୨୫)ଙ୍କୁ ପୋଲିସ ଗିରଫ କରିଛି । ଏନେଇ କ୍ଷେତରାଜପୁର ଥାନାରେ ୪୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଯୁଯୋମୁରା ଥାନା ଅନ୍ତର୍ଗତ ସାପଲହରା ଗ୍ରାମର ଅଶୋକ ଭଇଁସାଙ୍କ କାର ଡ୍ରାଇଭର ମୁକେଶ ପରତା ଏକ ଭଡା ନେଇ କ୍ଷେତରାଜପୁର ରେଳ ଷ୍ଟେସନକୁ ଗତ ୨ତାରିଖ ମଧ୍ୟରାତ୍ରରେ ଆସିଥିଲେ । ସେଠାରେ ଅଟୋ ଚାଳକ ବିଶାଳ ତାଙ୍କୁ ମାଡ ମାରିବା ସହ କାରକୁ ଚୋରି କରି ନେଇଥିଲେ । ମାତ୍ର ନିଜ ଅଟୋକୁ ଘଟଣାସ୍ଥଳରେ ଛାଡି ଚାଲି ଯାଇଥିଲେ । ଅଭିଯୋଗ ପରେ ପୋଲିସ ଏହି ଘଟଣାର ତଦନ୍ତ କରିଥିଲା । କାର ଗାଡି ନମ୍ବର(ଓଡି୦୪ଏଲ୍-୭୪୮୬)କୁ ଜବତ କରିବା ସହ ଅଭିଯୁକ୍ତ ବିଶାଳକୁ ଗିରଫ କରିଛି ।

# ମେଣ୍ଡାକୁ ବ୍ଲକ୍ ଘୋଷଣା ଦାବିରେ ବିଧାୟକଙ୍କୁ ଦାବି ଜଣାଇଲେ ଅଞ୍ଚଳବାସୀ



ଏସ୍ .ରାମପୁର/ସୋନପୁର,(ସବ୍ୟୁ):ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସର୍ବବୃହତ ମେଣ୍ଡା ଗ୍ରାମକୁ ଏକ ବ୍ଲକ କରିବା ଦାବି ନେଇ ମେଣ୍ଡା ଗ୍ରାମବାସୀ ଓ ଆଖପାଖରେ ଥିବା ପଞ୍ଚାୟତର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଝାରୀଙ୍କୁ ତାଙ୍କ ରାମପୁର ସ୍ଥିତ ବାସଭବନରେ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳବାସୀଙ୍କ ଦାବି ଯେ ମେଣ୍ଡାକୁ ଏକ ବ୍ଲକ କଲେ ଆଖପାଖ ଥିବା ଅଞ୍ଚଳର ବହୁ ପଞ୍ଚାୟତ ଯଥା ମେଣ୍ଡା, ଦେଉଳପଦର, ରାଣୀସଡା , ପୁଅଝ, ପାଇକବାହାଲ,ଜରା ଜାରିଙ୍ଗ,ଶିବତୁଳା , ନାରାୟଣପୁର, ଛକୋରମାଳ ଗ୍ରାମପଞ୍ଚାୟତର ଜନସାଧାରଣ ଉପକୃତ ହୋଇ ପାରିବେ । ତା ସହ ମେଣ୍ଡା ଅଞ୍ଚଳ ସାମଗ୍ରିକ ଭାବରେ ମଧ ଉପକୃତ ହେବା ସହ ଉନ୍ନତି ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଛନ୍ତି । ରାଜ ରାଜୁଡା ଅମଳରୁ ମେଣ୍ଡା ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି । ମେଣ୍ଡାଗାଁଟି ବ୍ଲକ ହେବାପାଇଁ ସମସ୍ତପ୍ରକାର ଯୋଗ୍ୟତା ଥିବା ସହ ମେଣ୍ଡା ଅଂଚଳର ଅନେକ ଗାଁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବାରୁ ଠିକ ହିସାବରେ ଉନ୍ନତି ହୋଇପାରି ଉପେକ୍ଷିତ ହୋଇ ପଡ଼ିରହିଛି । ମେଣ୍ଡା ଯଦି ବ୍ଲକରେ ପରିଣତ ହୁଏ ତାହେଲେ ସାରା ଅଂଚଳର ଉନ୍ନତି ହୋଇପାରିବ ବୋଲି ପ୍ରତିନଧି ମଣ୍ଡଳୀ ମତ ପ୍ରକାଶ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଭିକାରି ମେହେର, ସାମ୍ବାଦିକ ନରୋତ୍ତମ ମଲ୍ଲିକ,ସନାତନ କର୍ମି, ଗୋପାଳ କର୍ମୀ,ବିଭୂତି ଝାଙ୍କର, ସବ୍ୟସାଚୀ ଦଣ୍ଡସେନା, ହୃଷୀକେଶ ପାତ୍ର, ବାଲଗୋପାଳ ପଣ୍ଡା, ପ୍ରମୋଦ ପରିଡ଼ିଆ,ନକୁଳ କର୍ଣ୍ଣ, ଶିବ ନାଏକ,ପଦ୍ମନାଭ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

# ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ୧୩ଗୋଟି ବ୍ଲକ୍ ରେ ୧୨୫ ଜଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ମାନଙ୍କ ଆନ୍ଦୋଳନ ପାଇଁ ସଜବାଜ, ଜିଲ୍ଲାର ସମସ୍ତ ଜିଲ୍ଲା ହେଡ୍ କ୍ୱାର୍ଟରରେ ସାମ୍ବାଦିକ ସମ୍ମିଳନୀ କରଥିଲେ । ଦୁଇ ଗୋଟି ଦାବୀ ଯଥା ଜନ ସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀ କରଣ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଳାହାଣ୍ଡି ଜିଲ୍ଲାର ୨୬ଜଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ଦାବୀ ପୂରଣ ନ କରିବା ଯାଏଁ ଅର୍ନିଦ୍ଧିଷ୍ଟ କାଳ ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତା ପ୍ରେସ ମିଟରେ ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଭବାନୀ ଶଙ୍କର ସିଂ, ଜ୍ଞାନେନ୍ଦ୍ର ଭୋଇ, ସଧାରଣ ସମ୍ପାଦକ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କଳାହାଣ୍ଡି, ପ୍ରିୟ ରଞ୍ଜନ ପଣ୍ଡା, ଅମୂଲ୍ୟ ନାୟକ ପ୍ରମୁଖ କର୍ମକର୍ତାଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ମେଗାଲିଫ୍ଟରେ ଜଳସେଚନ ପାଇଁ ଦାବି କଲେ ବ୍ଲକ୍ ଅଧ୍ୟକ୍ଷା

କୋକସରା,(ସବ୍ୟୁ): ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି, ଦିନକୁ ଦିନ ତାତି ବଢିବା ସାଙ୍ଗକୁ ଉତ୍କଟ ହେଉଛି ଜଳ କଷ୍ଟ। ଆଗକୁ ଖରାର ତାତି ବୃଦ୍ଧି ହେବାସହ ଉତ୍କଟ ହେବ ଜଳ ସମସ୍ୟା। ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଥିବା ଦର୍ଶାଇ ବିଭାଗ ପକ୍ଷରୁ କୋକସରା ବ୍ଲକରେ ମେଗାଲିଫ୍ଟ କେନାଲରୁ ଜଳସେଚନ ବନ୍ଦ ଥିବାରୁ ଉତ୍କଟ ଜଳ କଷ୍ଟ ଅନୁଭବ ହେଲାଣି। ମାର୍ଚ୍ଚ ମାସରୁ ବ୍ଲକର ବିଭିନ୍ନ ଜଳାଶୟରେ ଜଳସ୍ତର ହ୍ରାସ ପାଇଛି ଓ ଜଳଉତ୍ସ ଗୁଡିକ ଶୁଖି ଗଲାଣି। ଫଳରେ ମଣିଷ ସମେତ ଗୃହ ପାଳିତ ପଶୁ ଜୀବଜନ୍ତୁ ମାନେ ଏବେଠୁ ପିଇବା ପାଣି ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। କୋକସରା ବ୍ଲକର ଅନେକ ଅଞ୍ଚଳ ଜଙ୍ଗଲ ନିକଟବର୍ତ୍ତୀ ରହିଥିବା ବେଳେ ଜଙ୍ଗଲରେ ଖରା ଦିନରେ ଜଳଉତ୍ସ ଗୁଡିକ ଶୁଖିଯିବା ପରେ ଜୀବଜନ୍ତୁ ମଧ୍ୟ ଅନେକ ସମୟରେ ପିଇବା ପାଣି ପାଇଁ ଜନବସତି ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ମେଗାଲିଫ୍ଟ କେନାଲରୁ କିଛି ଦିନ ବ୍ୟବଧାନରେ କିଛି ମାତ୍ରାରେ ଜଳସେଚନ ସୁବିଧା ଯୋଗାଇ ଦେଲେ ଲୋକଙ୍କ ଗାଧେଇବା, ଗୃହ ପାଳିତ ପଶୁ, ଜୀବଜନ୍ତୁଙ୍କ ପିଇବା ପାଣି ପାଇଁ ସାମୟିକ ଭାବେ ଲାଘବ ହେବ। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ସୁବିଧା ଯୋଗାଇ ଦେବାକୁ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସହକାରୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ବ୍ଲକ ଅଧ୍ୟକ୍ଷାଙ୍କ ତରଫରୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତ। ଏ ଦିଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଜଳସେଚନ ପାଇଁ ବିଚାର କରାଯିବା ନେଇ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଚାଷୀଙ୍କ ଧାନ ବିକ୍ରୟ ନୋହିଲା

# ଆନ୍ଦୋଳନ ଧମକ ଦେଲା କଂଗ୍ରେସ

ଟିଟିଲାଗଡ଼,(ସବ୍ୟୁ): ଚାଷୀ କାନ୍ଦୁଛି । ଗତ ଖରିଫରେ ତାହାର ଅମଳ ଧାନ ବିକ୍ରୟ ହୋଇପାରିନାହିଁ । ଯୋଗାଣ ବିଭାଗ ପକ୍ଷରୁ ନିୟୋଜିତ ସମବାୟ ବିଭାଗ ଠାରେ ଚାଷୀ ଗତ ଜୁଲାଇରେ ଧାନ ବିକ୍ରୟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ । ହେଲେ ଅଦ୍ୟାବଧି ଚାଷୀଙ୍କ ଧାନ ଟୋକନ ଆସୁନଥିବା କହି କ୍ରୟ କରାଯାଉନାହିଁ । ଟିଟିଲାଗଡ଼ ଉପଖଣ୍ଡରେ ଶତାଧିକ ଚାଷୀଙ୍କ ଧାନ ମଣ୍ଡିରେ ବିକ୍ରୟ ହୋଇ ନପାରି ଦଲାଲଙ୍କ ହାତକୁ କ୍ୱିଣ୍ଟାଲ ପ୍ରତି ୧୨୦୦ରୁ ୧୫୦୦ ଟଙ୍କାରେ ଯାଉଛି । ଦଲାଲ ଜରିଆରେ ରାଇସ ମିଲକୁ ଯାଉଛି । ତଳୁ ଉପର ପର୍ଯ୍ୟନ୍ତ ଅନ୍ନଦାତାଙ୍କ ଲହୁଲୁହ ଭରା ପରିଶ୍ରମ ନେଇ ଲାଭବାନ ହେଉଛନ୍ତି । ଚାଷୀ ପିତାମ୍ବର ତାଙ୍କ ପ୍ରାୟ ୩ ଏକର ଜମିରେ ଧାନ ଅମଳ କରିଥିଲେ । ଧାନ ବିକ୍ରୟ ପାଇଁ ବାନ୍ଧୁପଲା ପ୍ରାଥମିକ କୃଷି ସମବାୟ ସମିତିରେ ନିଜ ନାମ ପଞ୍ଜିକରଣ କରିଥିଲେ । ହେଲେ ଦଲାଲଙ୍କ ଧାନ କ୍ରୟ ନେଇ ପ୍ରକୃତ ଚାଷୀଙ୍କ ଧାନ ଟୋକନ ଆସୁନଥିବା କହି କ୍ରୟ କରାଯାଉନଥିବା ଗତ ନିର୍ବାଚନରେ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ସଂଗୀନ ଅଭିଯୋଗ ଆଣିଛନ୍ତି । ଚାଷୀ ଏନେଇ ଟିଟିଲାଗଡ଼ ଉପଖଣ୍ଡ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲା ପରେ ମଧ୍ୟ ପ୍ରଶାସନର ଆହା ପଦ ନାହିଁ । କଂଗ୍ରେସ ନେତା ଶ୍ରୀ ବାଗ ଚାଷୀଙ୍କ ଘରକୁ ଯାଇ ବସ୍ତା ବସ୍ତା ଧାନ ଗଦା ହୋଇଥିବା ଦେଖିଥିଲେ । ଏନେଇ ଚାଷୀଙ୍କ ସହ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କୁ ଘେରିଥିଲେ । ରାଜ୍ୟରେ ଶ୍ରେଷ୍ଠ ଚାଷୀ ଭାବରେ ପୁରସ୍କୃତ ଟିଟିଲାଗଡ଼ ବ୍ଲକ କତରକେଲା ଗ୍ରାମର ଚାଷୀ ପିତାମ୍ବର ବେହେରାଙ୍କ ଧାନ କ୍ରୟ ହୋଇପାରିନାହିଁ । ଏନେଇ ରାଜ୍ୟ ସରକାରଙ୍କ ଚାଷୀଙ୍କ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ କ୍ରୟ ଧୂଆଁବାଣ ସାଜିଥିବା ଅଭିଯୋଗ କରିଥିଲେ । ଗତ ଜାନୁୟାରୀ ୧ ଏବଂ ଫେବୃୟାରୀ ୨ରେ ରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ତଥା ଖାଉଟି କଲ୍ୟାଣ ବ୍ୟାପାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଟିଟିଲାଗଡ଼ ଗସ୍ତରେ ଆସିଥିଲେ । ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଟିଟିଲାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୋଇ ଏବଂ କିଛି କରିତକର୍ମା ରାଇସ ମିଲ ମାଲିକଙ୍କ ସହ ଆଲୋଚନା କରିଥିଲେ । ଏପରିକି ଜୈନେକ ରାଇସ ମିଲ ମାଲିକ ମନ୍ତ୍ରୀଙ୍କୁ ଅର୍ପଣ କରାଯାଇଥିବା ଉତ୍ତରୀୟ ତଥା ଗାମୁଛା ନିଜେ ସାଇତି ନେଇ ମନ୍ତ୍ରୀଙ୍କ ଗାଡ଼ିରେ ରଖୁଥିବା ଦେଖାଯାଇଥିଲା । ତେବେ କଟନି ଛଟନିରେ ମାହିର ଅସାଧୁ ଅଧିକାରୀ ଚାଷୀ ପିତାମ୍ବରଙ୍କ ଭଳି ଅନେକ ଚାଷୀଙ୍କ ଅମଳ ଧାନ ମଣ୍ଡିରେ ଟୋକନ ଆଳରେ କ୍ରୟ କରାଯାଇନଥିବା କାହିଁକି ଉତଥାପନ କଲେ ନାହିଁ । ମନ୍ତ୍ରୀଙ୍କୁ ଏନେଇ ଅଭିଯୋଗ ପାଇଁ ଉପସ୍ଥିତ ଚାଷୀଙ୍କୁ କାହିଁକି ପୁଲିସ ଲଗାଇ ତଡାଗଲା ବୋଲି କଂଗ୍ରେସ ନେତା ବୀରେନ୍ଦ୍ର ବାଗ ପ୍ରଶ୍ନ କରିଛନ୍ତି । ଚାଷୀ ପିତାମ୍ବରଙ୍କ ଚାଷ କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟପନ୍ଥା ନାହିଁ । ସେ ତାଙ୍କ ନିଜ ୨ ଏକର ୮୮ ଡିସମିଲ ଚାଷ ଜମିର ଧାନ ଫସଲ ବିକ୍ରୀ କରିବାକୁ ପଞ୍ଜିକରଣ କରିଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କ ଟୋକନ ଆସିନାହିଁ । ଟିଟିଲାଗଡ଼ ବ୍ଲକର ଅନେକ ଚାଷୀଙ୍କ ଧାନ ଟୋକନ ଆସୁନଥିବା ବାହାନା କରି କ୍ରୟ କରାଯାଉନାହିଁ ।

ସରକାର ଧାନ କ୍ରୟ କରିବା ଘୋଷଣା ପ୍ରହସନ ହୋଇଥିବା ବେଳେ ଚାଷୀ ଦଲାଲଙ୍କୁ ନିଜ ବର୍ଷକର ଅମଳ ଶାଗମାଛ ଦରରେ ବିକ୍ରୟ କରି ତଳିତଳାନ୍ତ ହୋଇଚାଲିଛନ୍ତି । ୭ ଦିନ ମଧ୍ୟରେ ପ୍ରଶାସନ ଚାଷୀ ପିତାମ୍ବରଙ୍କ ସମେତ ସମସ୍ତ ଚାଷୀଙ୍କ ଧାନ କ୍ରୟ ନକଲେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀ ନିଜ ଅମଳ ଧାନ ଥୋଇବେ ବୋଲି କଂଗ୍ରେସ ନେତା ଶ୍ରୀ ବାଗ ଉପଜିଲ୍ଲାପାଳଙ୍କୁ ଚେତାବନୀ ଦେବା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଏନେଇ ଉପଜିଲ୍ଲାପାଳ ଚାଷୀଙ୍କ ଧାନ କ୍ରୟ ପାଇଁ ପ୍ରଶାସନ ଚେଷ୍ଟିତ ଥିବା ଆଶ୍ୱାସନା ଦେଇଛନ୍ତି ।

# ଶିଶୁ ଅଧିକାର ସମ୍ବନ୍ଧୀୟ କର୍ମଶାଳା




ବରଗଡ,(ସବ୍ୟୁ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ ପକ୍ଷରୁ ବରଗଡ଼ ସ୍ଥିତ ଉପ-ନିର୍ଦ୍ଦେଶକ ବୟନ ଶିଳ୍ପଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଶିଶୁ ଅଧିକାର ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣି ମଞ୍ଜୁ ଏକ୍କା ଯୋଗଦେଇଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସମେତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଦିନେଶ ଅଗ୍ରୱାଲା ଶିଶୁ ଅଧିକାରରେ ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ବକ୍ତବ୍ୟ ରଖିଥିବା ବେଳେ ସଭ୍ୟା ରାଧା ଅଗ୍ରୱାଲ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କିତ ସ୍କିମ୍ ଉପରେ ଆଲୋଚନା କରିଥିଲେ । କିଶୋର ନ୍ୟାୟ ବୋର୍ଡର ସଭ୍ୟା ନିର୍ଜନା ମାହାର ଓ ପ୍ରୟାସ ଦାଶ ଆଇନ ସହ ଦ୍ୱନ୍ଦରେ ଥିବା ପିଲାମାନଙ୍କର ଯତ୍ନ ଓ ସୁରକ୍ଷା ତଥା ସେମାନଙ୍କର ଥଇଥାନ ଉପରେ ବକ୍ତବ୍ୟ ରଖିଥିଲେ । ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ଦାଶ କିଶୋର ନ୍ୟାୟ ଆଇନ ୨୦୧୫ ଉପରେ ଏକ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ ଶିଶୁ ସୁରକ୍ଷାରେ ଚାଇଲ୍ଡ ହେଲ୍ପ ଲାଇନର ଭୂମିକା ଉପରେ ବକ୍ତବ୍ୟ ରଖିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାକୁ ସଫଳ ରୂପାୟନ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ ବିକାଶ ପ୍ରଧାନ, ଜୟନ୍ତୀ ହିଆଲ, ଶୁଭେନ୍ଦୁ ପୃଷ୍ଟି, ଅଭିଷେକ ବିଶ୍ୱାଳ, ପ୍ରଭାତ କୁମାର ଚାଲାଣ, ଜିତେନ୍ଦ୍ର ସା, ମନିଷା ନାଗ, ବବିତା ରାଉତ ଏବଂ ଚାଇଲ୍ଡ ହେଲ୍ପ ଲାଇନର କର୍ମଚାରୀ ଲଳିତ ମୋହନ ପ୍ରଧାନ, ଆକାଶ ପ୍ରଧାନ, ନୈମିଶ ପ୍ରଧାନ ଓ ସୁନିଲ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାମୀକୁ ଟାଙ୍ଗିଆରେ ହାଣି ହତ୍ୟା, ସ୍ତ୍ରୀ ଗିରଫ



ସମ୍ବଲପୁର,(ସବ୍ୟୁ): ସ୍ୱାମୀକୁ ଟାଙ୍ଗିଆରେ ହାଣି ହତ୍ୟା ଅଭିଯୋଗରେ କୁଚିଣ୍ଡା ଥାନା ପୋଲିସ ସ୍ତ୍ରୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଠାରୁ ଏକ ରକ୍ତଲଗା ଟାଙ୍ଗିଆ ଆଦି ଜବତ କରିଛି । ଏନେଇ ୬୩/ ୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, କୁଚିଣ୍ଡା ଥାନା ଅନ୍ତର୍ଗତ କୁଲାରାଯୋର ଗ୍ରାମର ଗଜେନ୍ଦ୍ର କିସାନ ଓ ତାଙ୍କ ସ୍ତ୍ରୀ ଯଶୋଦା କିସାନ (୩୫)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗତ ୨ତାରିଖ ରାତିରେ ଝଗଡା ହୋଇଥିଲା । ଏଥିରେ ସ୍ୱାମୀ ଗଜେନ୍ଦ୍ର ରାଗି ଯାଇ ସ୍ତ୍ରୀକୁ ମାରପିଟ କରିଥିଲେ । ପରେ ୩ ତାରିଖ ସକାଳେ ଗଜେନ୍ଦ୍ରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୋଇବା ଖଟରେ ପଡିଥିବା ଦେଖିବାକୁ ମିଳିଥିଲା । ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ କରି ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ ଯଶୋଦାଙ୍କୁ ଗିରଫ କରିଛି ।

# ପୁଲିସ ଇନଫର୍ମର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,(ସବ୍ୟୁ): ଛତିଶଗଡ଼ର ସୁକମା ଜିଲ୍ଲା ସୀମାନ୍ତ ମାଲକାନଗିରିରେ ପୁଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କୁ ସେହି ଗାଁର କାଲୁମୁ ହିଡମା ଭାବରେ ଚିହ୍ନଟ କରାଯାଇଛି। ଘଟଣାଟି ଗୋଟାପଡ଼ା ଗାଁରେ ଘଟିଛି। ମୃତ ବୃଦ୍ଧଙ୍କୁ ସେହି ଗାଁର କାଲୁମୁ ହିଡମା ଭାବରେ ଚିହ୍ନଟ କରାଯାଇଛି। ସେ ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କ ଶ୍ୱଶୁରଙ୍କ ସାନ ଭାଇ। ପୁଲିସ ସହିତ ତାଙ୍କର ସମ୍ପର୍କ ରହିଥିବା ସନ୍ଦେହ କରି, ମାଓବାଦୀମାନେ ତାଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ଖବର ପାଇ ପୁଲିସ ପକ୍ଷରୁ ମାଓବାଦୀଙ୍କ ସନ୍ଧାନରେ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି। କିଛି ଦିନ ପୂର୍ବରୁ ଛତିଶଗଡ଼ର ବଡଶେଟେରେ ପୁଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ଦୁଇ ଜଣ ଯୁବକଙ୍କୁ ହତ୍ୟା କରିଥିଲେ।

# ବନ୍ଦ କୋଠରୀରୁ ଗର୍ଭବତୀ ପତ୍ନୀ ଓ ସ୍ୱାମୀଙ୍କ ଗଳିତ ମୃତଦେହ ଉଦ୍ଧାର

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନା ଅନ୍ତର୍ଗତ ଆମାପାରା ଗ୍ରାମରେ ଏକ ବନ୍ଦ ଘରୁ ଦମ୍ପତିଙ୍କ ଗଳିତ ଶବ ଉଦ୍ଧାର ହୋଇଛି । ମୃତକ ଦୁହେଁ ହେଲେ ଦୁର୍ଜନ ଗଣ୍ଡ (୪୦) ଓ ପତ୍ନୀ ବିଜବାଇ ଗଣ୍ଡ (୩୫) । ଏହି ଦମ୍ପତି ଗତ ଶନିବାର ଠାରୁ ନିଖୋଜ ଥିଲେ। ଦୁର୍ଜନଙ୍କ ମା ନିଖୋଜ ଥିବା ନେଇ କୁନ୍ଦେଇ ଥାନାରେ ପୂର୍ବରୁ ଏକ ନିଖୋଜ ମାମଲା ମଧ୍ୟ ଦାଏର କରିଥିଲେ। ମଙ୍ଗଳବାର ସକାଳୁ ଦୁର୍ଗନ୍ଧ ହେବା ଯୋଗୁଁ ଗ୍ରାମବାସୀ କୁନ୍ଦେଇ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ଅଧିକ ତଦନ୍ତ କରୁଛନ୍ତି। ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦୁଇଟି ଶବ ବେକରେ ଗାମୁଛା ରହିଥିବା ଜେଲେ ଏହା ହତ୍ୟା ନା ଆତ୍ମହତ୍ୟା ଜଣା ପଡ଼ି ନାହିଁ ।

# ନିଶା ସାମଗ୍ରୀ ସହ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ନିଶା କାରବାର ବେଳେ ବୁର୍ଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଗୋଲଗୁଣ୍ଡା ଗ୍ରାମର ରୋହିତ ଯାଦବ(୨୦) ବୋଲି ଜଣାପଡିଛି । ତାଙ୍କ ଠାରୁ ୭୫୦ମିଲିଲିଟର ଅପମିଶ୍ରିତ କଫସିରପ, ୫୨ବୋତଲ ଭର୍ତ୍ତି କଫସିରପ, ୧୧ବୋତଲ ଭର୍ତ୍ତି ଖୋଲା କଫସିରପ, ୪ଟି ଖାଲି କଫସିରପ ବୋତଲ, ୬ଟି ନିଶା ବଟିକା, ୨୭ଟି ମଦ ପାଉଚ୍ ଓ ପ୍ଲାଷ୍ଟିକ ବ୍ୟାଗ ଜବତ ହୋଇଛି । ଏନେଇ ୯୫/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ରୋହିତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ରେଲୱେ ଷ୍ଟେସନ ଓ ଗୋଲଗୁଣ୍ଡା ମଧ୍ୟରେ ଜଣେ ଯୁବକ ନିଶା ସାମଗ୍ରୀ ବିକ୍ରି କରୁଥିବା ଖବର ପାଇ ବୁର୍ଲା ଥାନା ପୋଲିସ ଚଢଉ କରିଥିଲା । ଚଢଉ ବେଳେ ଉପରୋକ୍ତ ସାମଗ୍ରୀ ଜବତ ହୋଇଛି ।

# ଉତ୍କଳ ଆଲୁମିନା ପକ୍ଷରୁ ସୁରକ୍ଷା ସପ୍ତାହ ପାଳିତ

ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ୫୪ତମ ସୁରକ୍ଷା ସପ୍ତାହ ପାଳିତ ହୋଉଯାଇଛି । ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନେଇ କମ୍ପାନୀ ପରିସରରେ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗଦେଇ ସୁରକ୍ଷା ଶପଥକୁ ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ। ଏହି ଅବସରରେ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସଚେତନତା ନିମନ୍ତେ ମିଶ୍ରଙ୍କ ଦ୍ୱାରା ଏକ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଏଥିସହିତ କାରଖାନା ପରିସରରେ କର୍ମଚାରୀମାନେ ଶୋଭାଯାତ୍ରା ବାହାରି କାରଖାନା ସିସିଆର କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କାରଖାନା ମୁଖ୍ୟ ମିଶ୍ର କର୍ମଚାରୀଙ୍କୁ ସୁରକ୍ଷା ସଂକ୍ରାନ୍ତରେ ସଚେତନତା ସହ ନିଜ କାର୍ଯ୍ୟସ୍ଥଳରେ କିପରି ସୁରକ୍ଷା ନିର୍ଦ୍ଦେଶାବଳୀ ଅନୁପାଳନ କରିବେ ସେନେଇ ପରାମର୍ଶ ଦେଇଥିଲେ । ଯଦି କାରଖାନା ପରିସରରେ ସୁରକ୍ଷା ସଂକ୍ରାନ୍ତୀୟ ମାର୍ଗଦର୍ଶିକା ପାଳନ ନହୁଏ, କର୍ମଚାରୀ ଉକ୍ତ କାର୍ଯ୍ୟ ନକରି ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ମନା କରିପାରିବେ ବୋଲି ସେ କହିଥିଲେ । କାରଖାନାର ପ୍ରତ୍ୟେକ କର୍ମଚାରୀ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବକୁ ପରାମର୍ଶ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଜୟ କୁମର ଏଫଏଚ ମାନବସମ୍ବଳ, ଉତ୍ତମ ଗିରି, ଏଫଏଚ ଅପରେଶନ, ବିଶ୍ୱଜିତ ଜୋବରଦାର ଏଫଏଚ ସେଫଟି ଓ ଫାୟାରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଣାଇଁରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ବଣାଇଁ,(ସବ୍ୟୁ): ସ୍ଥାନୀୟ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ସୁନ୍ଦରଗଡ ମୂଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୋଟ ୫୩ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୭ ଗୋଟି ଅଭିଯୋଗ ଦଳଗତ ଭାବେ ଆସିଥିବାବେଳେ ବ୍ୟକ୍ତିଗତ ଭାବେ ୨୬ ଗୋଟି ଅଭିଯୋଗ ଆସିଥିଲା। ଦଳଗତ ଅଭିଯୋଗ ମଧ୍ୟରେ ରାସ୍ତା, ଚିକିତ୍ସା ପଇଁ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଦୁଷଣ ନିୟନ୍ତ୍ରଣ, ଗ୍ରାମାଞ୍ଚଳରେ ଦେଶି ମହୁଲି ମଦ କାରବାର ର ବିରୋଧ ପ୍ରଭୃତି ସମସ୍ୟା ମାନ ରହିଥିବାବେଳେ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଚିକିତ୍ସା ସହାୟତା, ଜମି ଛିହ୍ନଟ ପ୍ରକ୍ରିୟାରେ ସୁବିଧା, ଇତ୍ୟାଦି ଅଭିଯୋଗ ମାନ ହସ୍ତଗତ ହୋଇଥିଲା। କାର୍ଯ୍ୟକ୍ରମରେ ୬ ଗୋଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ସେହିଭଳି ୫ ଜଣଙ୍କୁ ଚିକିତ୍ସା ସହାୟତା ପାଇଁ ୩୧ ହଜାର ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଟ.୩୦୦୦/ପ୍ରଦାନ କରାଯାଇଥିଲା। ବଣାଇଁ ଉପ–ଜିଲ୍ଲାପାଳ, ଅକ୍ଷୟ ପିଲ୍ଲେ, ବଣାଇଁ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ତଥା ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# କେସିଙ୍ଗା ହସ୍ପିଟାଲକୁ ରାଜ୍ୟସଭା ସାଂସଦଙ୍କ ସ୍ୱର୍ଗରଥ ଆମ୍ବୁଲାନ୍ସ ପ୍ରଦାନ




କେସିଙ୍ଗା,(ସବ୍ୟୁ): କେସିଙ୍ଗା ହସ୍ପିଟାଲକୁ ରାଜ୍ୟ ସଭା ସାଂସଦ ସୁଜିତ କୁମାର ଏକ ଶବ ବାହକ ତଥା ଆମ୍ବୁଲାନ୍ସ ଗାଡି ସାଂସଦ ଅନୁଦାନ ପାଣ୍ଠିରୁ ପ୍ରଦାନ କରିଛନ୍ତି। ରାଜ୍ୟସଭା ସାଂସଦଙ୍କ ଏହି ପ୍ରୟାସ କୁ ନେଇ କେସିଙ୍ଗା ଓକିଲ ସଂଘ ସଭାପତି ଚିତ ରଞ୍ଜନ ଭୋଇ,ଚେମ୍ବର ଅଫ କମର୍ସ ସଭାପତି ଅନୀଲ ଜୈନ, ପୂର୍ବତନ ନଗରପାଳ ରାମ କୁମାର ଜୈନ,ଯୁବ ସଙ୍ଗଠକ ସୁରେଶ ମହାନନ୍ଦ,ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ଅକ୍ଷୟ କୁମାର ଦାସ,କେସିଙ୍ଗା ବିକାଶ ମଞ୍ଚ ଆବାହକ ତଥା ସାମ୍ବାଦିକ ମହାସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଦୟା ନିଧି ସୁନାନୀ,ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି,ଯୁବ ମୋର୍ଚ୍ଚା ସଭାପତି ପିଙ୍କୁ ପରିଡା,ଟାଉନ ସଭାପତି ମଗନ ସିନ୍ଧୁର,ସୁନିଲ ଜୈନ,ବାଇପାସ କର୍ଯ୍ୟନୁଷ୍ଠାନ୍ କମିଟି ଆବାହକ ସୁରେଶ ରାଓ,ପୂର୍ବତନ ଉପ ନଗରପାଳ ସୂର୍ଯ୍ୟ କାନ୍ତ ଦାସ ଅନୁଷ୍ଠାନ ଆଦି ରାଜ୍ୟସଭା ସାଂସଦ ଙ୍କୁ ତାଙ୍କର ମହତ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି ।

# ଘୁଚାଗୁଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘୁଚାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏନେଇ ପ୍ରଧାନ ଶିକ୍ଷକ ବଂଶୀଧର ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସରପଂଚ ଲକ୍ଷ୍ମୀ ସା, ମୁଖ୍ୟବକ୍ତା ସିଆରସିସି ମହେଶ୍ୱର ଗୁଆଲ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ହୀରାଲାଲ ତାଣ୍ଡି, ୱାର୍ଡ ସଭ୍ୟ କ୍ଷୀରସିନ୍ଧୁ ନାଏକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ରଶ୍ମିରଞ୍ଜନ ବାଗ ଅତିଥିଙ୍କୁ ସ୍ୱାଗତ କଲା ପରେ ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ହଂସ ପରିଚାଳନା କରିଥିଲେ । ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଦିବାକର ଶଗଡ଼ିଆ ଧନ୍ୟବାଦ ଦେଇଥିଲେ ।

# ବୋରିଗୁମ୍ମାରେ ମିଶନ ଶକ୍ତି ମେଗା ଋଣ ମେଳା



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ପରିସରରେ ମିଶନ ଶକ୍ତି ମେଗା ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ସନ୍ଧ୍ୟା ସମରଥଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ। ରାଜ୍ୟ ସରକାର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବହୁ ଯୋଜନା କରିଛନ୍ତି। ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ପ୍ରତି ବର୍ଷ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ପାଞ୍ଚ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବେ। ୧୧୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୪ କୋଟି ୧୦ ଲକ୍ଷ ୮୦ ହଜାର ଟଙ୍କା ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଚାରି ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କ ଲେଖାଏଁ ଋଣ ପ୍ରଦାନ କରାଯାଇଛି। ବୋରିଗୁମ୍ମା ବ୍ଲକର ଏସବିଆଇ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବୋରିଗୁମ୍ମା, ସସାହାଣ୍ଡି, ଚାଲାଣଗୁଡା, କାଠରଗଡା,ବି ସିଂପୁର, ୟୁନିୟନ ବ୍ୟାଙ୍କ, କେସିସି ବ୍ୟାଙ୍କ, ବୋରିଗୁମ୍ମା ଲ୍ୟାମ୍ପ ମାଧ୍ୟମରେ ମହିଳା ଏସଏଚଜିଙ୍କୁ ଋଣ ପ୍ରଦାନ କରିଥିଲେ। କୋରାପୁଟ ଜିଲ୍ଲାରେ ବୋରିଗୁମ୍ମା ବ୍ଲକରେ ପ୍ରଥମେ ମିଶନ ଶକ୍ତି ପକ୍ଷରୁ ଏତେ ବଡ଼ ମେଗା ଋଣ ମେଳା କରାଯାଇଛି ବୋଲି ବିଡ଼ିଓ ଶ୍ରୀମତୀ ସମରଥ କହିଥିଲେ। ଋଣ ଟଙ୍କା ସୁବିନିଯୋଗ କରିବା ପାଇଁ ସମସ୍ତ ମହିଳା ଏସଏଚଜିଙ୍କୁ ଅନୁରୋଧ କରିଥିଲେ। ମେଗା ଋଣ ମେଳା ରେ ବିପିସି ବି.ସ୍ୱାତି ପଟନାୟକ ,ବ୍ୟାଙ୍କ ମିତ୍ର ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ। ବ୍ଲକ ସଂଯୋଜକ ଦେବେନ୍ଦ୍ର କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ବଣ୍ଡାଗୁଡ଼ାରେ ପାନୀୟ ଜଳର ଘୋର ସମସ୍ୟା

କୋରାପୁଟ,(ସବ୍ୟୁ): କୋରାପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଗୁଡ଼ା ଗ୍ରାମର ଆଦିବାସୀ ସାହିରେ ପାନୀୟ ଜଳ ସମସ୍ୟା ରହିଥିବା ଅଭିଯୋଗ ହେଉଛି। ଗ୍ରାମର ସ୍କୁଲ ନିକଟରେ ଏକ ନଳକୂପ ରହିଛି । ଏହି ନଳକୂପରୁ ମାଟିଆ ପାଣି ବାହାରୁଛି । ଯଦ୍ୱାରା ବ୍ୟବହାର ହୋଇପାରୁ ନାହିଁ। ସ୍କୁଲରେ ପାଣି ନ ଥିବାରୁ ଛାତ୍ରଛାତ୍ରୀମାନେ ଖାଦ୍ୟ ଥାଳି ସଫା କରିବାକୁ ଅନେକ ଦୂର ଯିବାକୁ ପଡୁଛି। ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଏକ ନଳକୂପ ରହିଛି । ତାହା ମଧ୍ୟ ଖରାପ ହୋଇଯାଇଥିବା ଅଭିଯୋଗ ହେଉଛି। ସେହିପରି ଗ୍ରାମ ନିକଟରେ ଏକ ନଳକୂପ ରହିଛି। ଏଥିରୁ ବହୁ କମ ପାଣି ବାହାରି ଥିବାରୁ ଏକ କୂଅ ଉପରେ ୫୬ ଘର ଗ୍ରାମବାସୀ ନିର୍ଭର କରୁଛନ୍ତି। ନଳକୂପ ସମସ୍ୟା ରହିଥିବାରୁ ଭୋରରୁ ପାଣି ଆଣିବା ପାଇଁ ଯିବାକୁ ପଡୁଛି ବୋଲି ଗ୍ରାମର ରଦମା ନାୟକ କହିଛନ୍ତି। ବିଳମ୍ବ ହୋଇଗଲେ ପାଣି ମିଳିବା କଷ୍ଟକର ହୋଇପଡେ ବୋଲି ସେ କହିଛନ୍ତି । କୂଅରୁ ରୋଷେଇ ପାଇଁ ପାଣି ବ୍ୟବହାର କରାଯାଉଥିବା ବେଳେ ସେଠାରେ ହିଁ ବାସନ ମଜା ଯାଏ ବୋଲି ସେ କହିଛନ୍ତି। ଆଗକୁ ଖରା ଦିନରେ କୂଅରେ ପାଣି ଶୁଖିଯିବା ପରେ ପାଣି ମିଳିବା କଷ୍ଟକର ହୋଇପଡିବ ବୋଲି ସେ କହିଛନ୍ତି। ସ୍କୁଲରେ ପାଣିର ବ୍ୟବସ୍ଥା ନ ଥିବାରୁ ରୋଷେୟା ଦୂରରେ ଥିବା କୂଅରୁ ପାଣି ବୋହିକରି ଆଣି ରୋଷେଇ କରନ୍ତି ଏବଂ ପିଲାମାନଙ୍କୁ ପିଇବା ପାଇଁ ଦିଅନ୍ତି। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ପିଲାମାନେ ୫୦୦ ମିଟର ଦୂର ଏକ ଜମିରେ ଥିବା କାଦୁଅ ମାଟିରେ ରହିଥିବା ପାଣି ଯୋଗେ ବାସନ ଧୋଇଥାନ୍ତି। ପିଲାମାନେ ବାହାରକୁ ଯିବା ସୁରକ୍ଷିତ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସମସ୍ୟା ସଂପର୍କରେ କୌଣସି ସୂଚନା ହସ୍ତଖତ ହୋଇ ନ ଥିବା କୋରାପୁଟ ବ୍ଲକର ସହକାରୀ ଯନ୍ତ୍ରୀ ଶୁଭ୍ରାଲିନ ରାଉତରାୟ କହିଛନ୍ତି। ସେହିପରି ମହିପୁଟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନ ନାୟକ ନଳକୂପ ଖରାପ ଥିବା ସୂଚନା ମିଳି ନ ଥିବା କହିଛନ୍ତି । ଜିଲ୍ଲାପ୍ରଶାସନ ତୁରନ୍ତ ଏହାର ସମାଧାନ କରି ସମସ୍ତଙ୍କୁ ପିଇବା ପାଣିର ସୁବନ୍ଦୋବସ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରମଜାନ ଉପଲକ୍ଷେ ନିଆରା କାର୍ଯ୍ୟକ୍ରମ




ବଲାଙ୍ଗିର,(ସବ୍ୟୁ): ରମଜାନ ଉପଲକ୍ଷେ ବଲାଙ୍ଗିରରେ ଭାଇଚାରାର ଏକ ନିଆରା କାର୍ଯ୍ୟକ୍ରମ ମୁସଲମାନ ଧର୍ମବଲାମ୍ବି ମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା । ପବିତ୍ର ପର୍ବ ରମଜାନ ଉପଲକ୍ଷେ ବିଭିନ୍ନ ସମାଜର ଆବଶ୍ୟକୀୟ ସାଧାରଣ ପରିବାରର ସଦସ୍ୟ ମାନଙ୍କୁ ବିଭିନ୍ନ ରନ୍ଧନ ଖାଦ୍ୟ ସାମଗ୍ରୀ ଚାଉଳ ଡାଲି ତଥା ଅନ୍ୟାନ୍ୟ ଖାଦ୍ୟ ଉପକରଣ ପ୍ରଭୃତି ମୁସଲମାନ ସମ୍ପ୍ରଦାୟର ଅନ୍ୟତମ ସାମାଜିକ ଅନୁଷ୍ଠାନ ଖିଦମ ତେରସୁଲ ପକ୍ଷରୁ ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ସଂସ୍ଥାର କାର୍ଯ୍ୟକର୍ତ୍ତା ଗଣ ବିଭିନ୍ନ ପରିବାରର ସଦସ୍ୟ ମାନଙ୍କୁ ସାହାଯ୍ୟ କରି ଦଳ ମତ ବର୍ଣ୍ଣ ଧର୍ମ ଜାତି ନିର୍ବିଶେଷରେ ସେବା ଯୋଗାଇ ଦେଇ ଏହି ପବିତ୍ର ଦିବସରେ ଆଲ୍ଲାଙ୍କ ଆଶୀର୍ବାଦ କାମନା କରି ଭାଇଚାରାର ସଦଭାବନା କାମନା କରିଛନ୍ତି । ଖିଦମତ ରସୁଲର ଏହି ଜନ କଲ୍ୟାଣ ଉତ୍ସବର ସହଭାଗୀ ଏବଂ ବଲାଙ୍ଗିର ଜନସାଧାରଣ ଏହି ଆଭିମୁଖ୍ୟକୁ ଭୂୟସୀ ପ୍ରଶଂସା କରି ମୁସଲମାନ ଭାଇମାନଙ୍କୁ ପବିତ୍ର ରମଜାନର ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବାରେ ଅନୁଷ୍ଠାନର ସଭାପତି ସୟଦ୍ ଜମିଲ୍ ହୁସେନ୍,ସମ୍ପାଦକ ନାସିର ଖାନ୍ ,ଉପ ସଭାପତି ବୁସ୍ତାକ୍ ମହମ୍ମଦ ପ୍ରମୁଖ ଭୂମିକା ନେଇଥିଲେ ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ 'ଲାଇନମେନ୍ ଡେ' ପାଳିତ

ସମ୍ବଲପୁର,(ସବ୍ୟୁ): କର୍ମକ୍ଷେତ୍ରରେ ନିରାପଦ ପରିବେଶ ଓ ସମସ୍ତ ପ୍ରକାର ଦୁର୍ଘଟଣା ପ୍ରସଙ୍ଗରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲକ୍ଷ୍ୟ ନେଇ ମାର୍ଚ୍ଚ ୪ ତାରିଖରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଚଳିତ ବର୍ଷ ପାଇଁ ଜାତୀୟ ସୁରକ୍ଷା ସପ୍ତାହର ପ୍ରସଙ୍ଗ ରହିଛି– ''ନିରାପତ୍ତା ଏବଂ ସ୍ୱାସ୍ଥ୍ୟ–ଏକ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ସୁରକ୍ଷା ସପ୍ତାହର ଉଦଘାଟନୀ ଦିବସ ଅସବସରରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିକୁ ସୃଦୃଢ କରିବା ଏବଂ ଅଭାବନୀୟ ବିଦ୍ୟୁତ ଦୁର୍ଘଟଣାକୁ ରୋକିବା ଲାଗି ୨୪ ଘଣ୍ଟା ନିରବଚ୍ଛିନ୍ନ ଓ ନିଃସ୍ୱାର୍ଥପର ଭାବେ କାର୍ଯ୍ୟରତ ଥିବା ବିଦ୍ୟୁତ ସେବାର ବୀର ଯୋଦ୍ଧାଙ୍କ ସମ୍ମାନାର୍ଥେ 'ଲାଇନମେନ୍ ଦିବସ' ପାଳନ କରାଯାଇଛି ।

ଏନେଇ କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ସମାବେଶ ଆୟୋଜନ କରାଇଛି । ଏହି ସଭାରେ କମ୍ପାନୀର ଅପରେସନ୍ ବିଭାଗର ମୁଖ୍ୟ ଆଶିଷ କୁମାର ପାଟଯୋଶୀ, ବାଣିଜ୍ୟ ବିଭାଗର ମୁଖ୍ୟ ପି.ପି ତେନ୍ଦୁଲକର, ସୁରକ୍ଷା ବିଭାଗର ମୁଖ୍ୟ ଗୋପବନ୍ଧୁ ଶତପଥି, ଅର୍ଥ ବିଭାଗର ମୁଖ୍ୟ ସତିଶ୍ କୁମାରଙ୍କ ସମେତ କମ୍ପାନୀରେ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ ।

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଟାଟା ସମୂହ ସଂସ୍ଥାର ଏକ ଅଂଶୀଦାର ଭାବେ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ପ୍ରଦାନ ସ୍ୱରୂପ ଆବଶ୍ୟକ ଜ୍ଞାନ ଏବଂ ଉପକରଣ ସହିତ ଏହାର କର୍ମଚାରୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଥାଏ । ଏହି ପ୍ରସଙ୍ଗରେ କମ୍ପାନୀ ବରିଷ୍ଠ ଅଧିକାରୀମାନେ ନିଜ ନିଜର ମତ ପ୍ରକାଶ କରିଥିଲେ । କମ୍ପାନୀର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ବ୍ୟତିତ ସମସ୍ତ ମଣ୍ଡଳ ଏବଂ ବିଭାଗୀୟ କାର୍ଯ୍ୟାଳୟରେ ମଧ 'ଲାଇନମେନ୍ ଦିବସ' ପାଳନ କରାଯାଇଛି ।

# କେଫ୍ୟୁ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଏଜେନ୍ସି ଫର୍ ଏନଭର୍ମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ୍ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡ ଅଧୀନସ୍ତ ଥିଆମୁଲ ରାମପୁର ବ୍ଲକର କରଲାପାଟ ରେଞ୍ଜ ଅନ୍ତର୍ଗତ ବଡତିକରାଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ବନ ଓ ବନ୍ୟପ୍ରାଣୀର ସୁରକ୍ଷା ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ଲାପାଟ ଓ ବଡ ଟିକ୍ରାଗୁଡା ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମବାସୀ ଓ ଛାତ୍ର ଛାତ୍ରୀ ଗଣ ଅଂଶ ଗ୍ରହଣ କରିଥିଲେ । କର୍ଲାପାଟ ରେଞ୍ଜର ଆର୍ଯ୍ୟରତ ବନ କର୍ମଚାରୀ ଲଳିତ ନାଏକ, ଉମାକାନ୍ତ ପାଣିଗ୍ରାହୀ, ଯୁବ ସମାଜସେବୀ ରଥ ଦୁରିଆ, ସୂଚନା ଅଧିକାର କର୍ମୀ ଧୋବା. ସାହୁ, କେଫ୍ୟୁର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତି ବନ୍ଧୁ ଡୋଳାମଣୀ ସାହୁ, ବଡ ଟିକ୍ରାଗୁଡ଼ାର ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ଗୌଡ଼, କେଫ୍ୟୁର କାର୍ଯ୍ୟକ୍ରମ ସମ୍ପାଦକ ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ସଚେତନ କରିଥିଲେ । ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ଜଙ୍ଗଲ ପୋଡିରୁ ବନ୍ୟଜନ୍ତୁ ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ପ୍ରକୃତି ବନ୍ଧୁ ଶ୍ରୀ ସାହୁ ଜଣା ସାଧାରଣଙ୍କୁ ଅନୁରୋଧ କରିଥିଲେ । ବନରକ୍ଷୀ ଲଳିତ ନାଏକ ବନ ସୁରକ୍ଷା ସମିତିର ସଭ୍ୟ ମାନଂକୁ ଅନୁରୂପ ବାର୍ତ୍ତା ଦେଇ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଗ୍ରାମବାସୀ ମାନଂକୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନ ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ରଥ ଦୁରିଆ ପରିଚାଳନା. କରିଥିବାବେଳେ ଦୀନବନ୍ଧୁ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଙ୍କେଲ ସମଲେଶ୍ୱରୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବାଙ୍କେଲ ପଞ୍ଚାୟତ ସଦର ମହକୁମାଠାରେ ଥିବା ସମଲେଶ୍ୱରୀ ଶିଶୁମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଲେଖ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ମାଳିଶିରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ,ସମ୍ମାନିତ ଅତିଥି ବଲାଙ୍ଗିର ଇଡକୋ କନିଷ୍ଠ ପରିଚାଳକ ଆଲୋକରଞ୍ଜନ ବାଇ,ଗଙ୍ଗାଧର ହେର୍ଣ୍ଡା,ସମଲେଶ୍ୱରୀ ଶିକ୍ଷା ସଂସ୍ଥାନର ଜିଲ୍ଲା ସଂଯୋଜକ କୃପାସିନ୍ଧୁ ପୁଟେଲ,ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପୁଟେଲ,ବିଜେପି ନେତା ଈଶ୍ୱର ପୁଟେଲ,ବିଟାବନ୍ଧ କ୍ଲଷ୍ଟର ସିଆରସିସି ଲକ୍ଷପତି ହରପାଲ ଓ ଏନଜିଓ ସଂଯୋଜକ ଦିପ୍ତିମୟୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିଶୁ ମନ୍ଦିରର କୁନିକୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଶିଶୁମନ୍ଦିର ଆଚାର୍ଯ୍ୟ ତରଙ୍ଗ ରଣା ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ଅଗସ୍ତି ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପାଣ୍ଡେଙ୍କ ସମେତ ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧକ୍ଷ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାପାଳ ଗୌରଓ୍ୱ ଶୀୱାଜୀ ଇସାଲଓ୍ୱାର ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ କେନ୍ଦ୍ରୀୟ ଉନ୍ନୟନମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନା ଗୁଡିକର ସଫଳ ରୂପାୟନ ନିମନ୍ତେ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ଏହା ସହ ସାଂସଦ ପାଣ୍ଠିରୁ କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତାର ସମୀକ୍ଷା କରି ଧାର୍ଯ୍ୟ ସମୟରେ ସଂପୂର୍ଣ୍ଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଶେଷଭାବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଗୁଣାତ୍ମକ ମାନ, ମନରେଗା ଯୋଜନାର ସଫଳ ରୂପାୟନ, ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟନ୍ୱୟନ ଯୋଜନା , ପ୍ରଧାନମନ୍ତ୍ରୀ ଆବସ ଯୋଜନା, କ୍ଷୁଦ୍ର ଜଳସେଚନ, ମେଘା ଲିଫ୍ଟ ପ୍ରକଳ୍ପ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ଥିତ ସମସ୍ତ ବର୍ଗ ସ୍କୁଲର ସମ୍ପୂର୍ଣ୍ଣ ତଥ୍ୟ ୭ଦିନ ମଧ୍ୟରେ ଦାଖଲ କରିବାକୁ ଡିଇଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା କରି ସମସ୍ତ ଚିକିତ୍ସାଳୟ ଗୁଡିକରେ ସମସ୍ତ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଉପରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି କମିଟି ଅଧକ୍ଷା ସାଂସଦ ଶ୍ରୀମତୀ ସିଂଦେଓ। ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର ସଫଳ ବିନିଯୋଗର ସମୀକ୍ଷା କରି ଯୋଜନାର ସୁପରିଚାଳନା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ବ୍ୟତୀତ ଜିଲ୍ଲାର ଜଳସେଚନ ବିଭାଗ,ଜାତୀୟ ଉଦ୍ୟାନ ମିଶନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ତଥା ଅନ୍ୟାନ୍ୟ ଯୋଜନା ଉପରେ ସାଂସଦ ସମୀକ୍ଷା କରିଥିଲେ ।

ବଲାଙ୍ଗିରରେ ନେଟୱର୍କ ଅସୁବିଧାକୁ ନେଇ କ୍ଷୋଭ ପ୍ରକାଶ କରିଥିଲ ସାଂସଦ ଜିଲ୍ଲାରେ ନେଟୱର୍କ ଅସୁବିଧା ଥିବା ସତ୍ତ୍ୱେ ନୂଆ ପ୍ରସ୍ତାବ ନ ଯାଉଥିବାରୁ ଆଗକୁ ଏଥିପାଇଁ ଧ୍ୟାନ ଦେବାକୁ କହିଥିଲେ । ସେମିତି ଯେଉଁ ସରକାରୀ ଚାକିରିଆ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ଯାଉଛନ୍ତି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମତ ପ୍ରକାଶ ପାଇଥିଲା । ସେହିପରି ମେଗାଲିଫ୍ଟ ଡିଭିଜନ ବଦଳେଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲାର କିଛି ପ୍ରକଳ୍ପ ପଡୋଶୀ ଜିଲ୍ଲା ଡିଭିଜନରେ ଆସୁଥିବାରୁ ଏହି ପ୍ରସ୍ତାବ ଦିଆ ଯାଇଛି ସେହିପରି ପାନୀୟ ଜଳ ଯୋଗାଣରେ ଗୁଣବତ୍ତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ହର ଘର ଜଳ ଯୋଜନାରେ ସମସ୍ତ ଗାଁ କୁ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିଛି ସ୍ଥାନରେ ନୂତନ ପୋଷ୍ଟାଲ ଦରକାର ଥିବାରୁ ସେଥିପାଇଁ ପ୍ରକ୍ରିୟା ଶୀଘ୍ର କରିବାକୁ କହିଥିଲେ । ବୈଠକରେ ରାଜ୍ୟସଭା ସଂସଦ ନିରଞ୍ଜନ ବିଶି , ବିଧାୟକ କଣ୍ଟାବାଞ୍ଜି ଲକ୍ଷ୍ମଣ ବାଗ , ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ଓ ବିଧାୟକ ମାନଙ୍କ ପ୍ରତିନିଧି ମାନଙ୍କ ସହ ବିଭିନ୍ନ ପଞ୍ଚାୟତ ସମିତିର ଅଧକ୍ଷ ,ଅଧକ୍ଷା ,ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୩/୧୮)

-କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗଯୋଗଃ-

(ଶ୍ରୀଭଗବାନୁବାଚ)

**ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଞ୍ଚୋକ୍ତଂ ସମାସତଃ ।**
**ମଦ୍‌ଭକ୍ତ ଏତଦ୍‌ବିଜ୍ଞାୟ ମଦ୍‌ଭାବାୟୋପପଦ୍ୟତେ ।।୧୮।।**

ଏହିପରି (ମହାଭୂତାଦି ଧୃତି ପର୍ଯ୍ୟନ୍ତ) କ୍ଷେତ୍ର, (ଅମାନିତ୍ୱାଦି ତତ୍ତ୍ୱଜ୍ଞାନାର୍ଥଦର୍ଶନ ପର୍ଯ୍ୟନ୍ତ) ଜ୍ଞାନ ଓ (ଅନାଦିଠାରୁ ବିଷ୍ଟିତ ପର୍ଯ୍ୟନ୍ତ) ଜ୍ଞେୟ ସଂକ୍ଷେପରେ କହିଲି । ମୋ ଭକ୍ତ ଏହା ଜାଣି ମୋ ଭାବ ପ୍ରାପ୍ତିର ଯୋଗ୍ୟତା ଲାଭ କରନ୍ତି । ।। ୧୮ ।।

# ଅସମାନତାରୁ ସମାନତା ଆଡକୁ...

ଅସମାନତା ହିଁ ଭାରତବର୍ଷର ଏକ ମୁଖ୍ୟ ପ୍ରସଙ୍ଗ । ଏ କ୍ଷେତ୍ରରେ ଆମେ ଏବଂ ଆମ ସରକାର ଯେ' କିଛି କରିନାହାନ୍ତି, ତାହା କହିବା ଭୁଲ ହେବ । କିନ୍ତୁ ଆମେ ଅସମାନତାକୁ ନିୟନ୍ତ୍ରଣ କରିପାରିନାହେଁ ଏବଂ ଏହା ଆମ ପାଇଁ କ୍ରମଶଃ ଏକ ବ୍ୟାଧି ଭାବରେ ଉଭା ହେବାରେ ଲାଗିଛି । ଏହାର ସମାଧାନ ଜରୁରୀ । ଆର୍ଥିକ ଅସମାନତା ସାମାଜିକ ଦ୍ୱନ୍ଦ୍ୱ ଏବଂ ବିଭାଜନକୁ ବୃଦ୍ଧି କରିବାରେ ସହାୟକ ହେଇଥାଏ । ବିକାଶ ପାଇଁ ଏକ ପ୍ରମୁଖ ପ୍ରତିବନ୍ଧକ ଭାବରେ ଉଭା ହେଇଥାଏ । ଧନୀ ଏବଂ ଗରିବଙ୍କ ମଧ୍ୟରେ ବିଶାଳ ପାର୍ଥକ୍ୟ ସୀମାନ୍ତ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ, ସୁଯୋଗର ଅଭାବ ଏବଂ ଅନ୍ୟାୟର ଭାବନା ସୃଷ୍ଟି କରେ, ଯାହା ଦେଶର ବିଭିନ୍ନ ଅଞ୍ଚଳରେ ସମ୍ଭାବ୍ୟ ଅଶାନ୍ତି ଏବଂ ସାମାଜିକ ଉତ୍ତେଜନା ସୃଷ୍ଟି କରେ । ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅବହେଳିତ ଜନସଂଖ୍ୟା ପାଇଁ ମୌଳିକ ଆବଶ୍ୟକତାର ଅଭାବ ଅସମାନତାକୁ ବୃଦ୍ଧି କରାଇଥାଏ । ଆର୍ଥିକ ଅସମାନତା ହିଁ ଆମ ଦେଶର ଏକ ପ୍ରମୁଖ ସମସ୍ୟା ଯାହାର ସମାଧାନ ନିତାନ୍ତ ଜରୁରୀ । ପ୍ରଗତିଶୀଳ ଟିକସ ବ୍ୟବସ୍ଥା, ଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା, ସମସ୍ତଙ୍କ ପାଖରେ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା, ବିଶେଷକରି ଗ୍ରାମାଞ୍ଚଳରେ ସବୁ ବର୍ଗର, ସବୁ ସମ୍ପ୍ରଦାୟର, ସବୁ ଜାତିର ଲୋକେ କେମିତି ସମାନ ସୁବିଧା, ସୁଯୋଗ ପାଇପାରିବେ, ସେ ଦିଗରେ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଇ ନିଷ୍ଠାର ସହ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ଅନେକ କ୍ଷେତ୍ରରେ ଅସମାନତା ରହିଛି, ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ । କିନ୍ତୁ ସେ ସବୁ ମଧ୍ୟରେ ଅର୍ଥନୈତିକ ଅସମାନତା ସବୁଠାରୁ ବଡ ସମସ୍ୟା ଭାବରେ ଆମର ବିକାଶରେ ରୋକ ଲଗାଉଛି । ଅସମାନତା ହ୍ରାସ କରାଯାଇ ନ ପାରିଲେ, ସମାଜ ବା ରାଜ୍ୟ ବା ଦେଶର ବିକାଶ ସମ୍ଭବ ନୁହେଁ । ଏହା କାହାକୁ ବି ଅଗୋଚର ନୁହେଁ, କିନ୍ତୁ ଆମେ ଏଥିନେଇ କରୁଛେ କଣ ? ଅନେକ ସମୟରେ, ଏହା କେବଳ ନିର୍ବାଚନ ଜିତିବାର ମାଧ୍ୟମ ପାଲଟିଥାଏ । ଅସମାନତା ହ୍ରାସ ନେଇ ନିର୍ବାଚନ ସମୟରେ, କେତେ ଯେ' କଣ କଥା କୁହାଯାଏ, ଶୁଣାଯାଏ । ଗଦା ଗଦା ପ୍ରତିଶ୍ରୁତି ମଧ୍ୟରେ, ଦାରିଦ୍ର୍ୟରେ ଉତ୍ପୀଡ଼ିତ ବ୍ୟକ୍ତିଟି ଶାନ୍ତିରେ ନିଃଶ୍ୱାସ ମାରେ ଏବଂ ଏକ ସୁନ୍ଦର ଭବିଷ୍ୟତ ପାଇଁ ଆଶା ବାନ୍ଧି ବସେ । କିଛି ଦିନ, ମାସ ପରେ, ତାର ସେ ଆଶା ମଉଳିଯାଏ, ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଫେରିଆସେ ଏବଂ ସଂସାରର ଚାହିଦା ମେଣ୍ଟାଇବା ପାଇଁ ସଂଗ୍ରାମ ଜାରିରଖେ । ଏମିତି ଏକ ଭାଗ୍ୟ ଚକ୍ରରେ ଛନ୍ଦି ହେଇ ରହି ଯାଆନ୍ତି ଲକ୍ଷ ଲକ୍ଷ ଜନତା । ସମୟ ସହ ତାଳ ଦେଇ, ଆମର ରାଜନୀତି ବଦଳିଛି, ସରକାର ବଦଳୁଛନ୍ତି, ଦାରିଦ୍ର୍ୟକୁ ମୁକ୍ତି ପାଇଁ ଅନେକ କିଛି ଯୋଜନା କରାଯାଉଛି ଏବଂ କ୍ରମଶଃ ଆମର ଦାରିଦ୍ର୍ୟ ହାର ହ୍ରାସ ହେବାରେ ଲାଗିଛି । ଏହା ସତ୍ୟ, କିନ୍ତୁ ଅସମାନତାକୁ ଦୂର କରିବାରେ ହୁଏତ ଆମେ ସକ୍ଷମ ହେଇପାରୁନାହୁଁ । ଭାରତ ଭଳି ଏକ ରାଷ୍ଟ୍ରରେ, 'ଅସମାନତା' ଧନ ଏବଂ ଆୟ ବଣ୍ଟନରେ ବିସ୍ତୃତ ଅସମାନତାକୁ ବୁଝାଏ, ଯେଉଁଠାରେ ଜନସଂଖ୍ୟାର ଏକ କ୍ଷୁଦ୍ର ପ୍ରତିଶତ ଜାତୀୟ ସମ୍ପତ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଧାରଣ କରନ୍ତି, ଯେତେବେଳେ ଅନେକ ଦାରିଦ୍ର୍ୟ ସହିତ ସଂଘର୍ଷ କରନ୍ତି, ଯାହା ପ୍ରାୟତଃ ଜାତି-ଭିତ୍ତିକ ବୈଷମ୍ୟ, ଲିଙ୍ଗଗତ ଅସମାନତା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବାରେ ଆଞ୍ଚଳିକ ବୈଷମ୍ୟ ଭଳି କାରଣ ଦ୍ୱାରା ବୃଦ୍ଧି ପାଏ । ମୂଳତଃ,

## ସମ୍ପାଦକୀୟ

ଧନୀମାନେ ଯଥେଷ୍ଟ ଧନୀ ହେଉଛନ୍ତି ଯେତେବେଳେ ଗରିବମାନେ ପ୍ରାୟତଃ ଗରିବ ହୋଇ ରହିଛନ୍ତି । ବିଶ୍ୱ ଅସମାନତା ପରୀକ୍ଷାଗାର ( ୱାର୍ଲ୍ଡ ଉନଇକ୍ୱାଲିଟି ଲାବ୍) ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତରେ ଧନକୁ ନେଇ ଅସମାନତା ଏବେ ଶୀର୍ଷରେ ପହଞ୍ଚିଛି, ଜନସଂଖ୍ୟାର ଶୀର୍ଷ ଏକ ପ୍ରତିଶତ ଦେଶର ସମ୍ପତ୍ତିର ପ୍ରାୟ ୪୦.୧ ପ୍ରତିଶତ ନିୟନ୍ତ୍ରଣ କରୁଛନ୍ତି, ଏବଂ ମୋଟ ପ୍ରାକ୍-କର ଆୟର ୨୨.୬ ପ୍ରତିଶତ ମଧ୍ୟ ସେମାନଙ୍କ ଦଖଲରେ ଅଛି, ଯାହା ପୂର୍ବ ଦଶନ୍ଧିଗୁଡିକ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି । ଏହାକୁ ବିଶ୍ୱ ସ୍ତରରେ ସମ୍ପତ୍ତି ଅସମାନତାର ସର୍ବୋଚ୍ଚ ସ୍ତର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ପ୍ରକାଶିତ କେତେକ ତଥ୍ୟ ଅନୁସାରେ, ସ୍ୱାଧୀନତା ପରେ ୧୯୮୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ଅସମାନତା ହ୍ରାସ ପାଇଥିଲା, ଯାହା ପରେ ଏହା ବୃଦ୍ଧି ପାଇବା ଆରମ୍ଭ କରିଥିଲା । ଶାସନ ଢାଞ୍ଚାରେ ଦୁର୍ନୀତି ଭାରତରେ ଅସମାନତା ହାର ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ । ବିକାଶ ପାଇଁ ଉଦ୍ଦିଷ୍ଟ ସମ୍ବଳଗୁଡ଼ିକୁ ଅନ୍ୟତ୍ର ବିନିଯୋଗ କରିବା, ଆତ୍ମସାତ ଏବଂ ସ୍ୱଚ୍ଛତାର ଅଭାବ ପ୍ରଭାବଶାଳୀ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପକୁ ବାଧା ଦେଇଆସିଛି ଯାହା ସମାଜରେ ଅସମାନତା ବୃଦ୍ଧି କରିବାରେ ସହାୟକ ହେଇଛି । ଜାତି ପ୍ରଥା କିମ୍ବା ଜାତିଗତ ବିଭାଜନ ଭଳି ପାରମ୍ପରିକ କାରଣ ଦ୍ୱାରା ପ୍ରାୟତଃ ବୃଦ୍ଧି ପାଉଥିବା ସାମାଜିକ ଅସମାନତା ଭାରତରେ ନିରନ୍ତର ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ନିଶ୍ଚୟ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଉପଲବ୍ଧ ସମ୍ବଳକୁ ସଙ୍କୁଚିତ କରେ ଏବଂ ସ୍ଥାୟୀ ବିକାଶ ହାସଲ କରିବାରେ ଆହ୍ୱାନ ସୃଷ୍ଟି କରେ । ତେବେ ଏବେ ସମୟ ବଦଳିଛି, ଆମର ବିକାଶ ଧାରା ବିସ୍ତାର କରିଛି । ବିକାଶ ସହ ଅସମାନତା ଯୋଡି ହେଇରହିଛି । ଆମେ ଗରିବଟିକୁ ଧନୀ ପାଖରେ ପହଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଉନାହୁଁ । ସୁଯୋଗର ଲକ୍ଷ୍ୟ ଜଣେ ସାଧାରଣ ମଣିଷକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ରୋଜଗାରକ୍ଷମ କରିବା ଏବଂ ସେହି ବ୍ୟକ୍ତିଙ୍କ ଶ୍ରମ, ବୁଦ୍ଧି, ଜ୍ଞାନକୌଶଳକୁ ନେଇ ଦେଶର ବିକାଶରେ ଲଗାଇବା ଏବଂ ଦେଶକୁ ବିକାଶ ପଥରେ ଆଗେଇନେବା । ଏହା ସମ୍ଭବପର ହେଇପାରୁନାହିଁ । ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ଅସମାନତା, ଜାତି ପ୍ରଥା, ଜମି ମାଲିକାନା ନେଇ ଥିବା ସମସ୍ୟା, ଗାଁ -ସହର ମଧ୍ୟରେ ଥିବା ବିଭାଜନ, କଲ୍ୟାଣକାରୀ କାର୍ଯ୍ୟକ୍ରମର ଦୁର୍ବଳ କାର୍ଯ୍ୟକାରିତା, ରାଜନୈତିକ ଦୁର୍ନୀତି ଏବଂ ଧନୀମାନଙ୍କୁ ଅସମାନ ଭାବରେ ଲାଭ ପହଞ୍ଚାଉଥିବା ଆର୍ଥିକ ନୀତିଗୁଡ଼ିକ ସମେତ ଅନେକ କାରଣ ଯୋଗୁଁ ଭାରତରେ ସମ୍ପତ୍ତି ଏବଂ ଆୟ ଅସମାନତା ଅନୁଭୂତ ହେଉଛି । ଏସବୁ ଏପରି ପରିସ୍ଥିତି ସୃଷ୍ଟି କରୁଛି ଯେଉଁଠାରେ ଏକ କ୍ଷୁଦ୍ର ଗୋଷ୍ଠୀ ଅଧିକାଂଶ ସମ୍ପତ୍ତି ଧାରଣ କରନ୍ତି ଯେତେବେଳେ ଜନସଂଖ୍ୟାର ଏକ ବଡ଼ ଅଂଶ ଦାରିଦ୍ର୍ୟରେ ଫସି ରହିଥାନ୍ତି । ଭାରତରେ ଦାରିଦ୍ର୍ୟ ଏକ ଜଟିଳ ଏବଂ ବହୁମୁଖୀ ସମସ୍ୟା ଯାହା ଐତିହାସିକ, ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କାରଣଗୁଡ଼ିକର ମିଶ୍ରଣ ଦ୍ୱାରା ପ୍ରଭାବିତ । ଅନେକ ପ୍ରସିଦ୍ଧ ଅର୍ଥନୀତିଜ୍ଞ ଏବଂ ନେତା ଭାରତରେ ଉଚ୍ଚ ଦାରିଦ୍ର୍ୟ ହାରର ମୂଳ କାରଣ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛନ୍ତି । ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ଭାରତରେ ଦାରିଦ୍ର୍ୟ ମୁକାବିଲା ଏବଂ ଆର୍ଥିକ ବିକାଶକୁ ସ୍ଥାୟୀ କରିବା ପାଇଁ ସାମାଜିକ ଅସମାନତାକୁ ଦୂର କରିବା ଏବଂ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଆର୍ଥିକ ସ୍ତରରେ ଥିବା ଅସମାନତାକୁ ହ୍ରାସ କରିବାକୁ ହେଲେ, ସରକାରଙ୍କ ଜନହିତକାରୀ ଯୋଜନା ସହ ଲୋକଙ୍କୁ ସଶକ୍ତ କରିବାକୁ ପଡିବ, ମାନସିକ ସ୍ତରରେ ପରିବର୍ତ୍ତନ ଆଣିବା ନେଇ ପ୍ରୟାସ କରିବାକୁ ପଡିବ ଏବଂ ସେମାନଙ୍କୁ ସମ୍ମାନର ସହ ନିଜର ମୌଳିକ ଚାହିଦା ମେଣ୍ଟାଇବା ପାଇଁ ସକ୍ଷମ କରାଇବାକୁ ହେବ । ଏଥିପାଇଁ ଆମକୁ ଦୁଇତିନୋଟି କ୍ଷେତ୍ରରେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରିବାକୁ ପଡିବ, ଲମ୍ବା ଲଢେଇ ଲଢ଼ିବାକୁ ପଡିବ । ଶିକ୍ଷା, ଦକ୍ଷତା ବିକାଶ ଏବଂ ଭିତ୍ତିଭୂମି ବିକାଶ ଏହି ଲଢେଇର ମୁଖ୍ୟ ଅସ୍ତ୍ର ହେବା ଆବଶ୍ୟକ ଯାହା ଦେଶର ପ୍ରତ୍ୟେକ ମଣିଷକୁ ରୋଜଗାରକ୍ଷମ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ସହ ଦେଶର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଖାଲି ଅର୍ଥନୈତିକ ଅସମାନତା ନୁହେଁ, ଲିଙ୍ଗଗତ ଅସମାନତା, ସାମାଜିକ ସ୍ତରରେ ଥିବା ବିଭିନ୍ନ ପ୍ରକାର ଅସମାନତାକୁ ଦୂର କରିବାକୁ ପଡିବ । ୨୦୪୭ରେ ଭାରତକୁ ବିକଶିତ ଦେଶ ଭାବରେ ଗଢିତୋଳିବା ପାଇଁ ଆମେ ସଂକଳ୍ପ କରିଛେ, ଲକ୍ଷ୍ୟ ରଖିଛେ । ଆର୍ଥିକ ଅଭିବୃଦ୍ଧିରେ ସ୍ଥିରତା ଆସିଛି । ଏହା ହିଁ ପ୍ରକୃଷ୍ଟ ସମୟ, ଆମକୁ ଅସମାନତା ହ୍ରାସ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ଦକ୍ଷତା ବିକାଶ ମାଧ୍ୟମରେ ଲୋକଙ୍କୁ ରୋଜଗାରକ୍ଷମ କରାଇବା ସହ ଦେଶର ବିକାଶରେ ସାମିଲ କରିବାକୁ ପଡିବ, ଯାହାଦ୍ୱାରା ଆମେ ସହଜରେ ଆମ ଲକ୍ଷ୍ୟ ପଥରେ ପହଞ୍ଚି ପାରିବା ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏକ ବିହଙ୍ଗାବଲୋକନ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଭାରତ ବର୍ଷର ମୁକ୍ତି ଆନ୍ଦୋଳନର ଅନନ୍ୟ ଜନ ନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ୧୯୧୬ ମସିହା ମାର୍ଚ୍ଚ ମାସ ୫ ତାରିଖରେ ଓଡ଼ିଶାର କଟକ ଜିଲ୍ଲାର ତୁଳସୀପୁରରେ ହୋଇଥିଲା । ପିତା ଲକ୍ଷ୍ମୀ ନାରାୟଣ ଓ ମାତା ଆଶା ଦେବୀଙ୍କର ସେ କନିଷ୍ଠ ସନ୍ତାନ ଥିଲେ ।

'ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି' ପିଲା ଦିନରୁ ତାଙ୍କର ପ୍ରତିଭାର ମହକ ଚାରିଆଡେ ବ୍ୟାପି ଯାଇଥିଲା । ପିଲାଟି ଦିନରୁ ସେ ନିର୍ଭୀକ ଓ ସାହାସୀ ଥିଲେ । ସେ ଏକାଧାରରେ ଥିଲେ, ଜଣେ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ରାଜନୈତିଜ୍ଞ, ସୁଦକ୍ଷ ବିମାନ ଚାଳକ । କଟକ ମିଶନ ପ୍ରାଇମେରୀ ସ୍କୁଲ ଓ ରେଭେନ୍‌ସା କଲେଜରୁ ପାଠ ପଢା ସରିଲାପରେ ସେ ବିମାନ ଉଡାଣ ଶିକ୍ଷା ନିମନ୍ତେ ମନୋନିବେଶ କରିଥିଲେ । ବିଜୟାନନ୍ଦ ପଟ୍ଟନାୟକ ବା ବିଜୁ ପଟ୍ଟନାୟକ ଭାରତ ବର୍ଷରେ କେବଳ ଜଣେ ରାଜନୈତିକ ନେତା ଭାବେ ପରିଚିତ ନୁହଁନ୍ତି ବରଂ ସେ ଏକାଧାରାରେ ଜଣେ ସୁଦକ୍ଷ ପାଇଲଟ୍ ଓ ଶିଳ୍ପପତି ମଧ୍ୟ ଥିଲେ । ତାଙ୍କ ଚଲାପଥରେ ଯେତେ ବିପଦ ଓ ଅସୁବିଧାକୁ ସେ ଦୃଢତାର ସହ ସମ୍ମୁଖୀନ ହେଉଥିଲେ କିନ୍ତୁ ଲକ୍ଷ୍ୟ ପଥରୁ ଓହରି ଯାଉନଥିଲେ । ପିଲାଟି ଦିନରୁ ତାଙ୍କ ପିତା ସାହାସୀ ଓ ନିର୍ଭୀକ ହେବାକୁ ତାଙ୍କୁ ପ୍ରେରଣା ଦେଇ ଆସୁଥିଲେ ।

ଇଂରେଜ କର୍ମଚାରୀମାନଙ୍କ ଉପରକୁ ପଥର ଫିଙ୍ଗି ସେ ଜଣେ ସଚ୍ଚା ଦେଶ ଭକ୍ତର ପରିଚୟ ସୃଷ୍ଟି କରିଥିଲେ ଏବଂ କାରାବରଣ କରିଥିଲେ । ତାଙ୍କର ଅପୂର୍ବ ସାହସ ଓ ବୀରତ୍ୱ ଦେଖି ଉତ୍କଳମଣି ଗୋପବନ୍ଧୁ ଦାସ ଚକିତ ହୋଇଯାଇଥିଲା । ଭବିଷ୍ୟତରେ ଏ ଯୁବକ ଜଣେ ବଡ ମଣିଷ ହେବ ବୋଲି ଭବିଷ୍ୟବାଣୀ କରିଥିଲେ । ଓଡ଼ିଶାରେ ଶିଳ୍ପର ବିକାଶ ନିମନ୍ତେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । କଳିଙ୍ଗ ଟାଇଲସ, କଳିଙ୍ଗ ଟ୍ୟୁବସ, କଳିଙ୍ଗ ଆଇରନ ୱାର୍କସ, କଳିଙ୍ଗ ଏୟାରଲାଇନସ ଓ କଳିଙ୍ଗ ରିଫ୍ରାକ୍ଟୋରିଜ ଆଦି ସେ ନିଜ ଉଦ୍ୟମରେ ପ୍ରତିଷ୍ଠା କରିଥିଲେ । ପାରାଦୀପ ବନ୍ଦର, ୫ନମ୍ବର ଜାତୀୟ ରାଜପଥ ଆଦି ଅନେକ ନୂତନ ପ୍ରକଳ୍ପ ମାନ ତାଙ୍କ ଶାସନ କାଳରେ ପ୍ରତିଷ୍ଠା କରିଥିଲେ । ବିଜୁ ବାବୁ ଜଣେ ସାହାସୀ, ସ୍ୱାଭିମାନୀ ତଥା ଯୁଗସ୍ରଷ୍ଟା ଓ ପ୍ରଚଣ୍ଡ ଦୂରଦୃଷ୍ଟି ସଂପନ୍ନ ନେତା ଥିଲେ । ଆଧୁନିକ ଓଡ଼ିଶାର ନିର୍ମାଣରେ ତାଙ୍କର ଅବଦାନ ଅତୁଳନୀୟ । ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ରାଜ୍ୟ କରିବା ପାଇଁ ତାଙ୍କର ଜୀବନବ୍ୟାପୀ ଅବଦାନ ପାଇଁ ପ୍ରତି ଓଡ଼ିଆଙ୍କ ମାନସ ପଟରେ ସେ ଅମର ହୋଇ ରହିଛନ୍ତି ।

ବିଜୁ ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନ ୧୯୪୬ରେ ଆରମ୍ଭକରି ଓଡ଼ିଶା ବିଧାନ ସଭାକୁ ଉତ୍ତର କଟକ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲାପରେ ବିଜୁ ପଟ୍ଟନାୟକ ପ୍ରଥମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ୨ ଅକ୍ଟୋବର ୧୯୬୩ ଯାଏଁ ପଦବୀରେ ରହିଥିଲେ ।

ପୁନଶ୍ଚ ୧୯୯୦ରେ ସେ ଜନତା ଦଳ ତରଫରୁ ନିର୍ବାଚନ ଜିତି ଓଡ଼ିଶାରୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ୧୯୯୫ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥଲେ । ବିଜୁ ପଟ୍ଟନାୟକ ଓଡ଼ିଶାକୁ ଏକ ସମୃଦ୍ଧିଶାଳୀ ରାଜ୍ୟ ଭାବରେ ଦେଖିବାକୁ ଚାହୁଁଥିଲେ । ଓଡ଼ିଶାବାସୀଙ୍କର ଅବସ୍ଥାର ପରିବର୍ତ୍ତନ ଆଣିବା ପାଇଁ ସେ ଶିଳ୍ପ ଓ କାରଖାନାମାନ ପ୍ରତିଷ୍ଠା କରିଥିଲେ । ସେ ବି.ପଟ୍ଟନାୟକ ଏଣ୍ଡ କମ୍ପାନୀ ନାମରେ ଗୋଟିଏ ବ୍ୟବସାୟୀ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ତା'ପରେ ସେ ଚୌଦାର ଠାରେ ଲୁଗାକଳ ବସାଇଥିଲେ ।

ତା'ପରେ କଳିଙ୍ଗ ଆଇରନ ଏଣ୍ଡ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ, କଳିଙ୍ଗ ପାଇପ କାରଖାନା , କଳିଙ୍ଗ ରେଫ୍ରିଜେସନ ପ୍ରଭୃତି ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସେ ଥିଲେ ଓଡ଼ିଆ ଜାତିର ସ୍ପନ୍ଦନ, ଯିଏକି ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧିକୁ ଆଗେଇ ନେବା ପାଇଁ ଚେଷ୍ଟା କରୁଥିଲେ ।

ବିଜୁ ପଟ୍ଟନାୟକଙ୍କ ଦୁଃସାହସିକ କାହାଣୀ ଓ କାର୍ଯ୍ୟ ସମ୍ପର୍କରେ ଅନେକ ଘଟଣା ମାନ ଶୁଣାଯାଏ । ବିଜୁ ପଟ୍ଟନାୟକ ବିମାନ ଚଳାଉ ଥିବା ସମୟରେ ନିଜ ଜୀବନକୁ ବାଜିରେ ଲଗାଇ ବିଲ, କ୍ଷେତ, ପଡିଆ ଯେକୌଣସି ସ୍ଥାନରେ ବିମାନ ଅବତରଣ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍ଧାର କରୁଥିଲେ । ବିମାନ ଚାଳନାରେ ତାଙ୍କର ଦକ୍ଷତା ଓ ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ସେ କିଭଳି ନିଜର ସାହସିକତାର ପରିଚୟ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ କିମ୍ବଦନ୍ତୀ ହୋଇ ରହିଅଛି ।

ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପ୍ରେରଣାରେ ସେ ପରାଧୀନ ଇଣ୍ଡୋନେସିଆର ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ ଡ. ସାହାରିୟର ଓ ସୁକର୍ଣ୍ଣୋଙ୍କ ପରି ନେତାଙ୍କୁ ଡଚ୍‌ମାନଙ୍କ ଆଖିରେ ଧୂଳିଦେଇ ଭାରତକୁ ଉଠାଇ ଆଣିଥିଲେ । ତେଣୁ ଇଣ୍ଡୋନେସିଆ ସରକାର ତାଙ୍କୁ 'ଭୂମିପୁତ୍ର' ଉପାଧି ଦେଇଥିଲେ ।

ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀରେ ସାରା ରାଜ୍ୟରେ ପାଳିତ ହୋଇ ଆସୁଥିଲା ପଞ୍ଚାୟତରାଜ ଦିବସ । ରାଜ୍ୟର ସମସ୍ତ ପଞ୍ଚାୟତରେ ଏହି ଦିବସଟିକୁ ଖୁବ୍ ଧୁମଧାମରେ ପାଳନ କରାଯାଉଥିଲା ।

ଭାରତୀୟ ସମ୍ବିଧାନର ୭୩ ତମ ସଂଶୋଧନ ଅଧିନିୟମ ୧୯୯୨ ମସିହାରେ ପାସ ହୋଇଥିଲା । ୧୯୯୩ ଏପ୍ରିଲ ୨୪ରେ ଏହା ଲାଗୁ ହୋଇଥିଲା । ଏହି ଦିନକୁ ମନେ ପକାଇବା ପାଇଁ ୨୦୧୦ ଠାରୁ ପ୍ରତିବର୍ଷ ସାରା ଦେଶରେ ପଞ୍ଚାୟତରାଜ ଦିବସ ପାଳନ କରାଯାଇ ଆସୁଛି । ଏହାଦ୍ୱାରା ଏକ ତ୍ରିସ୍ତରୀୟ ଢାଞ୍ଚାରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲାର ସ୍ଥାପନା କରାଯାଇଥିଲା । ଗ୍ରାମ୍ୟ ସ୍ତରରେ ଗ୍ରାମ ସଭାର ପ୍ରତିଷ୍ଠା କରାଯାଇଥିଲା । ପ୍ରତି ୫ ବର୍ଷରେ ପଞ୍ଚାୟତ ସ୍ତରୀୟ ନିର୍ବାଚନ ନିଶ୍ଚିତ କରାଯାଇଥିଲା ।

ଅନୁସୂଚିତ ଜାତି/ଜନଜାତିଙ୍କ ଲୋକ ସଂଖ୍ୟା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ଅଳଙ୍କୃତ ହେବାପରେ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସକ୍ରିୟ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ । ନିର୍ବାଚନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସ୍ଥାନ ସଂରକ୍ଷଣ କରାଯିବାରୁ ୨୭ ହଜାର ମହିଳା ନିର୍ବାଚିତ ପ୍ରତିନିଧୀ ହେବାର ଗୌରବ ହାସଲ କଲେ । ଗ୍ରାମ ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ପୁରୁଷ ଚେୟାରମ୍ୟାନ ରହିଥିଲେ ମହିଳା ଭାଇସ୍ ଚେୟାରମ୍ୟାନ ରହିବା ପାଇଁ ଆଇନ ପ୍ରଣୟନ ହେଲା ।

ସେହିପରି ଗ୍ରାମାଞ୍ଚଳର ବିକାଶ ଲାଗି ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ବନୀକରଣ, ପୁଷ୍ଟିକର ଖାଦ୍ୟ ଯୋଗାଣ, ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ମହିଳା ପ୍ରତିନିଧୀମାନଙ୍କୁ ଦାୟିତ୍ୱରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ବିଜୁ ପଟ୍ଟନାୟକ ଜଣେ ସମାଜବିଜ୍ଞାନୀ ନଥିଲେ ସତ କିନ୍ତୁ ତାଙ୍କର ପଞ୍ଚାୟତିରାଜର ପରିକଳ୍ପନା ଓ ସଫଳ ରୂପାୟନ ଆମ ଦେଶ ଲାଗି ପ୍ରକୃତରେ ଆଲୋକ ବର୍ତ୍ତିକା ସଦୃଶ ।

ଏହି ମହାନ ଦେଶ ସେବକ ତଥା ଓଡିଶାର ଗର୍ବ ଓ ଗୌରବ କିମ୍ବଦନ୍ତୀ ପୁରୁଷ ୧୭ ଏପ୍ରିଲ ୧୯୯୭ ମସିହାରେ ୮୧ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ- ୮୨୪୯୫୦୨୭୭୬**

# କାନ ଏବଂ ଶ୍ରବଣ ସୁରକ୍ଷା ଆଜିର ଆହ୍ୱାନ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ । ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗିଭାବେ ମଧ୍ୟ ଜଡ଼ିତ । ପିଲାବେଳରୁ ସାଧାରଣତଃ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ । ତା'ଠାରୁ କମ୍ ଶ୍ରବଣ ହାନି ଥିଲେ ମଧ୍ୟ ପିଲା ଡେ଼ରିରେ କହିବା ସହ ପାଟି ଲଗାଇ କହେ । ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ୍ୟ ପିଲାବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ ।

ସ୍କୁଲ ପଢ଼ା ପଢ଼ିରେ ମଧ୍ୟ ବ୍ୟାଘାତ ଘଟେ । ବୟସ୍କମାନଙ୍କର ଶ୍ରବଣ ହାନି ହେଲେ ମଧ୍ୟ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ । କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ । ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ । ଆଜି ଏହି ଆଲେଖ୍ୟରେ ବ୍ୟକ୍ତିର ଜୀବନ ଶୈଳୀରେ ପରିବର୍ତ୍ତନ କରି କିଭଳି ଶ୍ରବଣ ହାନି ରୋକାଯାଇପାରିବ ସେ ସମ୍ବନ୍ଧରେ ଚର୍ଚ୍ଚା କରିବା ।

ସର୍ଦ୍ଦି ଅଥବା ଭୂତାଣୁ ସଂକ୍ରମଣ ହେଉଛି ଶ୍ରବଣ ହାନିର ଏକ ମୁଖ୍ୟ କାରଣ । ଜୀବନଶୈଳୀ ପରିବର୍ତ୍ତନ କରି କିଭଳି ଏହାକୁ ରୋକାଯାଇ ପାରିବ ଆସନ୍ତୁ ସେ ବିଷୟରେ ସମ୍ୟକ ଆଲୋଚନା କରିବା । ପ୍ରଥମେ ମା'କ୍ଷୀର ଖାଇବା ବେଳେ ଶିଶୁକୁ ୪୫ ଡିଗ୍ରୀ କୋଣରେ ଧରି ଖାଇବାକୁ ଦିଅନ୍ତୁ । ରାତିରେ ଖାଇବା ସମୟରେ ଶିଶୁ ଶୋଇପଡ଼ିଲେ ଦୁଇ ତିନି ସେକେଣ୍ଡ ପାଇଁ ତା ନାକକୁ ଚାପି ଧରନ୍ତୁ । ଏହାଦ୍ୱାରା ପାଟିରେ ବଳକା କ୍ଷୀର ନରହି ପେଟକୁ ଚାଲିଯାଏ ନଚେତ ଏହି କ୍ଷୀର ପାଟିରେ ରାତି ସାରା ରହି ଗଲା ସଂକ୍ରମଣ କରି କାନକୁ ପ୍ରଭାବିତ କରେ । ଫଳରେ କାନରୁ ପାଣି ବା ପୂଜ ଦିଏ । ଏହାଛଡ଼ା ମୁଖଗହ୍ୱର ସଂକ୍ରମଣରୁ ବର୍ତ୍ତିବା ପାଇଁ ଶିଶୁର ଦୁଇ ବର୍ଷ ପରେ ନିୟମିତ ରାତିରେ ବ୍ରସ କରାନ୍ତୁ । ଥଣ୍ଡା ଜିନିଷ ଖାଇବାକୁ ବାରଣ କରନ୍ତୁ । ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ । ରାତି ଶୋଇବା ବେଳେ କାନରେ ପଙ୍ଖା ପବନ ନ ବାଜିବା ପାଇଁ ତୁଳାବିଣ୍ଡା ଦିଅନ୍ତୁ ବା ଦୁଇ କାନକୁ କପଡ଼ାରେ ଘୋଡ଼ାଇ ରଖନ୍ତୁ । ଏହି କପଡାଟି ସମ୍ପୂର୍ଣ୍ଣ ବିଶୋଧିତ ହୋଇଥିବା ବାଞ୍ଛନୀୟ । ଗାଧୋଇବା ବେଳେ କାନରେ ପାଣି ପଶିଗଲେ ତୁଳା କାଠିରେ ପୋଛି ଦିଅନ୍ତୁ ନଚେତ ଫଙ୍ଗସ୍ ସଂକ୍ରମଣ ହୋଇପାରେ । ଧୂଳିଧୂଆଁ ଠାରୁ ଦୂରେଇ ରୁହନ୍ତୁ । ମନେ ରଖନ୍ତୁ ବିଡ଼ି ସିଗାରେଟ ଟାଣୁଥିବା ବ୍ୟକ୍ତି ଏବଂ ତାଙ୍କ ସଂସର୍ଗ ରହୁଥିବା ସମସ୍ତେ ପ୍ରଭାବିତ ହେବାର ସମ୍ଭାବନା ଅଛି ।

ଏହାଛଡ଼ା କାନର ସ୍ନାୟୁ ଦୋଷରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତା ଖାଦ୍ୟପେୟରେ ସାବଧାନତା ଆଚ୍ଚରଣ କରିବା ବିଧେୟ । ଅଧିକମାତ୍ରା ଲୁଣ ଏବଂ ଲୁଣି ଖାଦ୍ୟ ଶରୀର ଏବଂ କାନ ପାଇଁ କ୍ଷତିକାରକ । ବର୍ତ୍ତମାନ ଖରାଦିନ ଆସିଲାଣି, ଆମ ଓଡ଼ିଆଙ୍କର ଅତି ପ୍ରିୟ ଓ ଋତୁଜନିତ ଖାଦ୍ୟ ପଖାଳ ପ୍ରତି ଅନେକଙ୍କର ଦୁର୍ବଳତା ରହିଥାଏ ତେବେ ଖରାଦିନେ ପଖାଳ ତୋରାଣି ଏବଂ ଲୁଣି ଆଚାରକୁ ଜଗନ୍ତୁ । ସେହିପରି ଏକାଥରେ ଦୁଇଗ୍ଲାସ (୬୦୦ ମି.ଲି.)ରୁ ଅଧିକ ପାଣି ପିଇବା ଉଚିତ ନୁହେଁ । ନିକୋଟିନ ଆଲକୋହଲ, ଟବାକୋ ମଧ୍ୟ କାନକୁ କ୍ଷତି ପହଞ୍ଚାଇଥାଏ ।

ରାତି ଅନିଦ୍ରା, ଅତ୍ୟଧିକ ଦୁଶ୍ଚିନ୍ତା, ବ୍ଲଡ଼ପ୍ରେସର, ମଧୁମେହ, ଥାଇରଏଡ଼ ରୋଗ, ଅତ୍ୟଧିକ ମୋବାଇଲ ବ୍ୟବହାର, ତୀବ୍ର ଶବ୍ଦ ମଧ୍ୟ କାନର ସ୍ନାୟୁକୁ ଖରାପ କରେ । ଅତ୍ୟଧିକ ଶବ୍ଦରୁ କାନକୁ ରକ୍ଷା କରିବା ପାଇଁ ଆତସବାଜି ଓ ଡିଜେ ଆଦି କର୍କଶ ଶବ୍ଦ ଠାରୁ ଦୂରେଇ ରହିବା ବିଧେୟ । କାରଖାନା ଶ୍ରମିକମାନେ କାର୍ଯ୍ୟସ୍ଥଳୀରେ କାନରେ ଇଅର ପ୍ଲଗ ଦେଇ କାମ କରିବା ଉଚିତ । ମୋବାଇଲ ଫୋନ ବ୍ୟବହାରକାରୀମାନେ ଯେତେ ଦୂର ସମ୍ଭବ ବ୍ଲୁଟୁଥ ବ୍ୟବହାର କମ କରିବା ଉଚିତ । ସବୁଠାରୁ ଭଲ ଲାଉଡ ସ୍ପିକର ଦେଇ ମୋବାଇଲରେ କଥା ହେବା । ଏହାଛଡ଼ା ସମୁଦ୍ରରେ ଗାଧୋଇବାବେଳେ ଅଥବା ଗଭୀର ପାଣିରେ ବୁଡ଼ ମାରିବା ସମୟରେ କାନରେ ଇୟର ପ୍ଲଗ ଦେବା ବିଧେୟ। ନଚେତ ସମୁଦ୍ର ବାଲି କାନରେ ପଶି ଯିବାର ସମ୍ଭାବନା ଅଛି। ଗଭୀର ପାଣିକୁ ଗଲେ କାନର ପରଦା ଫାଟିଯିବାର ଯଥେଷ୍ଟ ସମ୍ଭାବନା ।

ହୋଲିରେ ପିଚକାରୀ ଖେଳିବା ବେଳେ ମଧ୍ୟ ଇୟର ପ୍ଲଗ ଦେବା ଆବଶ୍ୟକ । କାରଣ ବେଳେ ବେଳେ ପିଚକାରୀ ରଙ୍ଗ ପାଣି ପରଦାକୁ କଣା କରିଦେଇପାରେ । ଆହୁରି ମଧ୍ୟ ଫ୍ଲାଇଟରେ ଗଲାବେଳେ ପାଟିରେ ଚକୋଲେଟ ବା ଅନ୍ୟ କିଛି ରଖି ବାରମ୍ବାର ଛେପ ଢ଼ୋକିବା ଉଚିତ । ନଚେତ ବାୟୁର ବଦଳୁଥିବା ପ୍ରେସର ଯୋଗୁଁ କାନ ବିନ୍ଧିବା ସଙ୍ଗେ ସଙ୍ଗେ ବେଳେ ବେଳେ ପରଦା କଣା ମଧ୍ୟ ହୋଇଯାଇପାରେ । ଏହି ଢ଼ୋକିବା କେବଳ ଉଡାଜାହାଜ ଉପରକୁ ଉଠିବା ଏବଂ ଓହ୍ଲାଇବା ସମୟ ପାଇଁ । ଏହିଠାରେ କହି ରଖିବା ଉଚିତ ଯେ ଏସବୁ ସତ୍ତ୍ୱେ ଆମେ ସମସ୍ତେ କାନର ଯତ୍ନ ପାଇଁ ସପ୍ତାହରେ ଥରଟିଏ ରେକ୍ଟିଫାଏଡ଼ ସ୍ପିରିଟରେ ତୁଳାକାଠି ବୁଡ଼ାଇ କାନକୁ ପୋଛି ନେବା ଉଚିତ ।

ଆମ ଶ୍ରବଣ ଶକ୍ତିର ସୁରକ୍ଷା ଆମର ଦାୟିତ୍ୱ । ଆମେ ସଚେତନ ହେବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କୁ ସଚେତନ କରାଇବା ଏହି ଦିବସର ଲକ୍ଷ୍ୟ ହେବା ଉଚିତ । ବିଶ୍ୱ ଶ୍ରବଣ ଦିବସ, ଯାହାକି ପ୍ରତି ବର୍ଷ ମାର୍ଚ୍ଚ ତିନି ତାରିଖରେ ପଡ଼ିଥାଏ । ସୂଚନାଥାଉକି ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ । ଏଠାରେ ସୂଚାଇ ପାରୁକି ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା । ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା । ପ୍ରତି ବର୍ଷ ପରି ଚଳିତ ବର୍ଷର ଯେଉଁ ସ୍ଲୋଗାନଟି ରହିଥିଲା 'ମାନସିକତା ପରିବର୍ତ୍ତନ : ସମସ୍ତଙ୍କ ପାଇଁ କାନ ଏବଂ ଶ୍ରବଣ ଯତ୍ନକୁ ବାସ୍ତବତାରେ ପରିଣତ କରିବାକୁ ନିଜକୁ ସଶକ୍ତ କର ।'' ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ ।

ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ । ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ ।

ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି । ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି । ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ । ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି । ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ ।

**ବାକଶ୍ରବଣ ବିଶେଷଜ୍ଞ, ମେଟ୍ରୋପ୍ଲାଜା,**
**କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋ-୯୪୩୮୨୭୬୭୬୦**

# ସକାରାତ୍ମକତା

ଆମେ ଯେତେ ଅଧିକ ଚାହୁଁଛୁ, ସେତେ ଅଧିକ ପରିଶ୍ରମ କରିବାର କ୍ଷମତା ଆମକୁ ସକାରାତ୍ମକତା ଦେଇପାରେ । ଏମିତି କିଛି ନାହିଁ ଯାହାକୁ ଆମେ ପରିବର୍ତ୍ତନ କରିପାରିବା ନାହିଁ । ଯେତେବେଳେ ଆମେ ନିଜ ସ୍ୱାର୍ଥଠାରୁ ଉପରକୁ ଉଠି ଅନ୍ୟମାନଙ୍କ ପାଇଁ କିଛି କରିବାକୁ ଇଚ୍ଛା କରୁ, ସେତେବେଳେ ଆମ ଭିତରେ ଏକ ସକାରାତ୍ମକତା ଭାବ ଆସିଯାଏ । ଭଗୀରଥ କଠୋର ତପସ୍ୟା କରି ଗଙ୍ଗା ମାତାଙ୍କୁ ପୃଥିବୀ ପୃଷ୍ଠକୁ ଆସିବାକୁ ବିବଶ କରିଥିଲେ ।

ଏହା ନିଶ୍ଚିତ ଯେ ତୁମେ କଠୋର କଷ୍ଟକର... କରିଥିବା କୌଣସି ବି କାର୍ଯ୍ୟ ଫଳପ୍ରଦ ହେବ ନାହିଁ, ଏହା ଅସମ୍ଭବ । ତୁମେ ସେହି କାର୍ଯ୍ୟ କିପରି କରିଅଛ, ତାହା ତୁମ ଉପରେ ନିର୍ଭର କରେ । ଆମେ ସମସ୍ତଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରୁଅଛେ । ପଡ଼ୋଶୀ ଘରେ କ'ଣ ଚାଲିଛି ? କିଏ କ'ଣ କରୁଛି ? କିଏ କ'ଣ ଆଣିଲା ? ଆପଣ କୁଆଡ଼େ ଯିବେ ଏବଂ କ'ଣ କରିବେ ? ସମସ୍ତଙ୍କୁ ଏପରି ଦେଖିବାକୁ ମିଳୁଛି, କିନ୍ତୁ ଆମେ ଜାଣିନାହୁଁ, ଆମର ଖୁସି କେଉଁଠି ? ଅନ୍ୟକୁ ଦେଖନ୍ତୁ ସତ କିନ୍ତୁ ନିଜ ପ୍ରତି ବିଶ୍ୱସ୍ତ ରୁହନ୍ତୁ । ଆମର ଦେଖାଯିବାର ମନୋଭାବ ସଦାସର୍ବଦା ସକାରାତ୍ମକତା ହେବା ଉଚିତ । ମାନସିକତା ଯଦି ନକାରାତ୍ମକ ରହେ, ତେବେ ଏହାର ପ୍ରଭାବ ଜୀବନଶୈଳୀ ଉପରେ ପଡ଼ିଥାଏ । ଏହା ମନକୁ ଚିନ୍ତାଗ୍ରସ୍ତ କରିବା ସହ କାର୍ଯ୍ୟ ପ୍ରତି ଅରୁଚି ଭାବ ସୃଷ୍ଟି କରିଥାଏ । ତେବେ ମନକୁ କିପରି ସକାରାତ୍ମକ ପରିବେଶରେ ରଖିବେ ତାହାର କେତୋଟି ସରଳ ଉପାୟ ହେଉଛି । କୌଣସି ସମସ୍ୟାର ସମ୍ମୁଖୀନ ହେଲେ ସେଥିରେ ବ୍ୟତିବ୍ୟସ୍ତ ନ ହୋଇ ତାହାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।

ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ । ଅଯଥା ଗୁଡ଼ାଏ କାମକୁ ଆବୋରି ବସି ତାହାକୁ ତୁଲାଇ ନ ପାରିଲେ ମନ ଭାରାକ୍ରାନ୍ତ ଲାଗିବା ସ୍ୱାଭାବିକ । ତେଣୁ ସବୁବେଳେ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କଲେ, ମନ ସକାରାତ୍ମକ ରହିଥାଏ । ଯେତେ ସମ୍ଭବ ନିଜକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ଗାନ୍ଧିଜୀ କହିଥିଲେ ଯେ ଯେତେବେଳେ ଆପଣ ଦୁଃଖୀ ଅନୁଭବ କରନ୍ତି, ସେତେବେଳେ ନିଜଠାରୁ ତଳକୁ ଦେଖନ୍ତୁ ଓ ଭାବି ଦେଖନ୍ତୁ ଆପଣ ଖୁସି ନା ଦୁଃଖୀ । ଦୃଷ୍ଟିକୋଣ ଏଠାରେ ଗୁରୁତ୍ୱପୂର୍ଣ୍ଣ ହେବ । ତଳକୁ ଦେଖିବା ବେଳେ ନିଜର ସୁବିଧା ଦେଖନ୍ତୁ ଏବଂ ଉପରକୁ ଦେଖିବା ସମୟରେ ସେମାନଙ୍କ ସହ ହୋଇଥିବା ପରିଶ୍ରମର ଫଳ ବୁଝିବାକୁ ଚେଷ୍ଟା କରନ୍ତୁ ।

ଚାକିରି ଯାହା ହେଉ ନା କାହିଁକି, ଯଦି ଆପଣ ଏହାକୁ ପସନ୍ଦ କରନ୍ତି ନାହିଁ, ତେବେ ଏହା ଏକ ବୋଝ ପରି ମନେ ହୁଏ । ପୂଜା ହେଉ ଅବା ସାଙ୍ଗସାଥୀଙ୍କ ସହ ମସ୍ତି କରିବା । ଦୀର୍ଘ ଦିନ ଧରି ବୋଝ ବହନ କରିବା କଷ୍ଟକର ହୋଇପଡୁଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ଅବାଞ୍ଛିତ ରାସ୍ତାରେ ରହିବା ଦ୍ୱାରା ଶରୀର ଓ ମନ ଦୁର୍ବଳ ହୋଇଥାଏ । ଶକ୍ତି ଏବଂ ସକାରାତ୍ମକତାରେ ସମୃଦ୍ଧ ହୋଇ ଆପଣ ନିଜ ଜୀବନକୁ ଖୁସି କରିପାରିବେ । ଏହା ଦେଶ ପାଇଁ ଅଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ । ସବୁବେଳେ ଉତ୍ସାହିତ ରହି ନିଜକୁ କାର୍ଯ୍ୟରେ ନିୟୋଜିତ କରି ରଖନ୍ତୁ, ଏହା ଆପଣଙ୍କ ବ୍ୟକ୍ତିତ୍ୱର ଏକ ନୂଆ ପରିଚୟ ଦେବ । ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ, ଆପଣ ଜୀବନରେ ସଫଳତାର ପାହାଚ ଅତି ଶୀଘ୍ର ଅତିକ୍ରମ କରିବାରେ ସକ୍ଷମ ହେବେ ।

**ଲଳିତ ମୋହନ ମିଶ୍ର, ନୟାଗଡ଼, ମୋ-୯୪୩୭୯୮୫୮୬୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫାଇନାଲରେ...

ଭାରତ । ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୨୬୫ ରନର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୪୮.୧ ଓଭରରେ ୬ ୱିକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି । ବିରାଟ କୋହଲି ୮୪ ରନର ଇନିଂସ ଖେଳି ଭାରତ ବିଜୟରେ ମୁଖ୍ୟ ବିନ୍ଧାଣି ସାଜିଥିଲେ । ତାଙ୍କ ବ୍ୟତୀତ ଶ୍ରେୟାସ ଆୟର ୪୫ ରନର ଉପଯୋଗୀ ଇନିଂସ୍ ଖେଳିଥିଲେ । ଲୋକେଶ ରାହୁଲ ଅପରାଜିତ ୪୨ ରନ କରି ବିଜୟସୂଚକ ଛକା ମାରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ କରିଥିବାବେଳେ ଏଥିରେ ୩ଟି ଦର୍ଶନୀୟ ଛକା ଥିଲା । ଏହା ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୭୩ ରନ ଓ ଆଲେକ୍ସ କାରେ ୬୧ ରନ କରିବାରୁ ଦଳ ୨୬୪ ରନ କରିଥିଲା । ତେଣୁ ଆଗାମୀ ୯ ତାରିଖରେ ଭାରତୀୟ ଦଳ ଫାଇନାଲରେ ଦ.ଆଫ୍ରିକା କିମ୍ୱା ନ୍ୟୁଜିଲାଣ୍ଡକୁ ଭେଟିବ ।

## ସରକାରୀ...

ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଛୁଟିକୁ ବାତିଲ କରାଯାଇଛି । ବୁଧବାର ଦିନ ସମସ୍ତ ବିଦ୍ୟାଳୟ ଖୋଲା ରହିବ । ଉଚ୍ଚଶିକ୍ଷା ବିଭାଗ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟଗୁଡ଼ିକରେ ୫ ତାରିଖ ଛୁଟିକୁ ବାତିଲ କରିଦିଆଯାଇଛି ।

## ଟ୍ରମ୍ପଙ୍କ...

ଏହି ଲକ୍ଷ୍ୟ ହାସଲ କରିବାକୁ ପ୍ରତିବଦ୍ଧ । ଆମେ ସମସ୍ତ ବିଷୟକୁ ସମୀକ୍ଷା କରିଛୁ ଓ ଶେଷରେ ଏହାର ସମାଧାନ ବାହାର କରିଛୁ । ନିଷ୍ପତ୍ତି ଅନୁଯାୟୀ ଆମେରିକା କୌଣସି ସାମରିକ ସହାୟତା ୟୁକ୍ରେନ୍‌କୁ ଯୋଗାଇ ଦେବନାହିଁ । ଜେଲେନ୍‌ସ୍କି ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଯୁକ୍ତିତର୍କ ସ୍ତରରେ ପହଞ୍ଚି ଯାଇଥିଲା । ଉଭୟେ ଆରେମିକା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ମିଳିତ ଭାବେ ରୁଷ୍ ସହ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ କୂଟନୀତିକୁ ସମାଲୋଚନା କରିଥିଲେ । ଏହାପରେ ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରୁ ଚାଲି ଯାଇଥିଲେ । ତେବେ ଆମେରିକା ପକ୍ଷରୁ ରହିଥିବା ଡିଲ୍ ସହ ୟୁକ୍ରେନ୍ ଏକମତ ହୋଇଥିଲା । ଆମେରିକା ୟୁକ୍ରେନ୍‌ରେ ଥିବା ବିରଳ ଖଣିଜ ପଦାର୍ଥ ନେବାପାଇଁ ଚୁକ୍ତି କରିବାକୁ ପ୍ରସ୍ତାବ ଦେଇଥିଲା । ତେବେ ୟୁକ୍ରେନ୍ ରାଷ୍ଟ୍ରପତି ଏହାର ପ୍ରତିବଦଳରେ ସୁରକ୍ଷାର ଗ୍ୟାରେଣ୍ଟି ଚାହିଁଥିଲେ । ମାତ୍ର ଆମେରିକା ସେଭଳି କିଛି ମନ୍ତବ୍ୟ ଦେଇନଥିଲା । ଟ୍ରମ୍ପ କହିଥିଲେ ଯେ ଏହି ଡିଲ୍‌ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁଦ୍ଧ ସମୟରେ ଆମେରିକା ଯେଉଁ ୧୮୦ ବିଲିୟନ୍ ଡଲାର ୟୁକ୍ରେନ୍‌କୁ ସାହାଯ୍ୟ କରିଛି ତାହା ଫେରାଇବାକୁ ପଡିବ । ଏହାଛଡା ଟ୍ରମ୍ପ ସିଧାସଳଖ ଅଭିଯୋଗ କରିଥିଲେ ଯେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଜେଲେନ୍‌ସ୍କି ରାସ୍ତା ତିଆରି କରୁଛନ୍ତି । ତେଣୁ ଆମେ ଏଥିପାଇଁ ପ୍ରସ୍ତୁତ ନୁହଁ । ଆମେ ଲକ୍ଷ ଲକ୍ଷ ଲୋକଙ୍କ ସହ ଜୁଆ ଖେଳିପାରିବୁ ନାହିଁ । ତେବେ ଜେଲେନ୍‌ସ୍କି ଚେତାବନୀ ଦେଇଥିଲେ ଯେ ୟୁକ୍ରେନ୍‌କୁ ସହଯୋଗ ନ କଲେ ଭବିଷ୍ୟତରେ ଆମେରିକା ଏହାକୁ ନେଇ ଭାବିବ । ତେବେ ଟ୍ରମ୍ପ କହିଥିଲେ ଯେ ଆମେ କ'ଣ ଭାବିବୁ ସେକଥା ଆମକୁ କୁହନାହିଁ । ଆମେ ସମସ୍ୟାର ସମାଧାନ କରିବାକୁ ଚାହୁଁଛୁ । ସୋମବାର ଟ୍ରମ୍ପ ପୁନର୍ବାର ଜେଲେନ୍‌ସ୍କିକୁ ପରାମର୍ଶ ଦେଇଥିଲେ ଯେ ଯଥାଶୀଘ୍ର ଯୁଦ୍ଧ ଶେଷ କର ।

## ବାପା...

ରୋଜାଲିନ ସେଠୀ ।ପରିବାରର ଦୁଇ ପୁଅ ରମାକାନ୍ତ ଓ ଉମାକାନ୍ତ ବାହାରେ ରହୁଥିବା ବେଳ ଘରେ ସ୍ତ୍ରୀ କନକଲତା, ସାନ ପୁଅ ବଣ୍ଟି ଓରଫ ସୂର୍ଯ୍ୟକାନ୍ତ ଓ ଝିଅ ରୋଜାଲିନ ରୁହନ୍ତି । ପ୍ରଶାନ୍ତ ସେଠୀଙ୍କ ଦୁଇ ପୁଅ ରମାକାନ୍ତ ଓ ଉମାକାନ୍ତ ବିବାହ କରିଥିବା ବେଳେ ସାନପୁଅ ସୂର୍ଯ୍ୟକାନ୍ତ ଓ ଝିଅ ରୋଜାଲିନ ଅବିବାହିତ । ପ୍ରଶାନ୍ତ ପୁର୍ବରୁ ଜୟବଡରେ ଲଣ୍ଡ୍ରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ ଘରେ ଏହି ଲଣ୍ଡ୍ରୀ କାମ କରୁଥିଲେ ।ବଡ ପୁଅ ରମାକାନ୍ତ ଓଏସଏପିରେ ଚାକିରୀ କରିଥିବାରୁ ସେ କେନ୍ଦୁଝରରେ ରୁହନ୍ତି । ମଝିଆ ପୁଅ ଉମାକାନ୍ତ ଯାଜପୁରରେ ଏକ ଘରୋଇ କମ୍ପାନୀରେ ଚାକିରୀରେ କାର୍ଯ୍ୟ କରଥିବା ବେଳେ ନିଜ ପରିବାର ଜଗତସିଂହପୁରରେ ଘର ଭଡା ନେଇ ରହୁଛନ୍ତି ।ସାନ ପୁଅ ଓ ଝିଅକୁ ନେଇ ଘରେ ରହୁଥିବା ପ୍ରଶାନ୍ତଙ୍କ ପରିବାର ଖୁସିରେ ଚଳୁଥିବା ବେଳେ ଗତ କିଛି ଦିନ ହେବ ପରିବାରରେ ବାରମ୍ବାର ଝଗଡା ଲାଗୁଥିଲା । ବିଶେଷ ଭାବରେ ସାନ ପୁଅ ସୂର୍ଯ୍ୟକାନ୍ତ ଗ୍ରାଜୁଏସନ ପାଠ ପଢା ସାରି ଘରେ ରହୁଥିବା ବେଳେ କିଛି କାମ ଧନ୍ଦା ନକରି ସବୁବେଳେ ବୁଲାବୁଲି କରୁଥିଲେ ।ଏହାକୁ ନେଇ ବାପା ପ୍ରଶାନ୍ତ ସବୁବେଳେ ତାଙ୍କ ଉପରେ ବିରକ୍ତି ହୋଇଥାନ୍ତି । ମାତ୍ର ଗତ କିଛି ଦିନ ହେବ ସୂର୍ଯ୍ୟକାନ୍ତ ଓରଫ ବଣ୍ଟି ମୋବାଇଲରେ ବିଜି ରହୁଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲେ ଧରି ଦେଖୁଥିବାରୁ ବାପା ପ୍ରଶାନ୍ତ ତାକୁ ତାଗିଦ କରିଥିଲେ ବୋଲି ଜଣାଯାଇଛି । ଏହାକୁ ନେଇ ସୂର୍ଯ୍ୟକାନ୍ତ ଗତ ଚାରି ଦିନ ହେବ ବହୁ ମାନସିକ ଚାପରେ ରହିବା ସହିତ ଏଣୁତେଣୁ ଗପୁଥିଲେ । ସୂର୍ଯ୍ୟକାନ୍ତଙ୍କର ଏଭଳି ସ୍ୱଭାବ ଦେଖି ତାର ମଝିଆ ଭାଇ ଉମାକାନ୍ତ ଓ ବାପା କଥାହୋଇ ଆଜି ଡାକ୍ତରଙ୍କୁ ଦେଖାଇବା ପାଇଁ ପ୍ରସ୍ତୁତ ହୋଇଥିଲେ । ମାତ୍ର ବିଧୀର ବିଧାନ କିନ୍ତୁ ଅଲଗା । ଗତକାଲି ରାତିର କଥା ଆଜି ସକାଳକୁ ନଥିଲା । ବିଳମ୍ବିତ ରାତିରେ ସୂର୍ଯ୍ୟକାନ୍ତ ଘଟାଇଥିଲା ନାରକୀୟ କାଣ୍ଡ ।

ସବୁଦିନ ପରି ସମସ୍ତରେ ଖାଇପିଇ ଶୋଇ ପଡିଥିଲେ । ମାତ୍ର ଜହ୍ଲାଦ ପୁଅ କିନ୍ତୁ ଶୋଇ ନଥିଲା ।ମାନସିକ ଭାବରେ ହୁଏତ ସେ ହତ୍ୟା କରିବାକୁ ହୋଇଥିଲା ପ୍ରସ୍ତୁତ । ବିଳମ୍ବିତ ରାତି ନୃସଂଶ ହୋଇଥିଲା ସୂର୍ଯ୍ୟକାନ୍ତ । ଶୋଇଥିବା ଅବସ୍ଥାରେ ନିଜର ଜନ୍ମକଲା ବାପା ପ୍ରଶାନ୍ତ ଓ ମାଆ କନକଲତାଙ୍କୁ ଏକ ହୋମଦସ୍ତା ପୁଆରେ ମୁଣ୍ଡକୁ ଦେଇଥିଲା ଶକ୍ତ ପ୍ରହାର ।ବାପା ମାଆଙ୍କର ଚିତ୍କାରରେ ଝିଅ ରୋଜାଲିନ ଉଠି ପଡିବାରୁ ତାକୁ ମଧ୍ୟ ଛାଡି ନଥିଲା ପିଶାଚ ସୂର୍ଯ୍ୟକାନ୍ତ ।ତାକୁ ମଧ୍ୟ ସେହି ହୋମଦସ୍ତା ପୁଆ ବା ପଥରରେ ଛେଚି ହତ୍ୟା କରିଥିଲା । ହତ୍ୟା କରିବା ପରେ ଏକ ପଥରରେ ସମସ୍ତଙ୍କ ମୁଣ୍ଡକୁ ଆହୁରି ଜୋରରେ ଛେଚିଥିଲା । ସିଡି ଘର ନିକଟରେ ପରିବାରର ଜଣକୁ ହତ୍ୟା କରିଥିଲା ଜଣାଯାଇଛି ।ସମସ୍ତଙ୍କୁ ହତ୍ୟା କରିବା ପରେ ମୃତ ଦେହ ଗୁଡିକୁ ଘୋଷାରି ଘୋଷାରି ଘର ଭିତରକୁ ନେଇ ଗୋଟିଏ ସ୍ଥାନରେ ରଖିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ହତ୍ୟା କରିବା ପରେ ସୂର୍ଯ୍ୟକାନ୍ତ ଘର ନିକଟରେ ଥିବା ପଡିଶା ଘର କବାଡ ବାଡେଇ ଥିଲା । ପଡିଶା ଘର ଲୋକେ କବାଟ ଖୋଲିବାରୁ ସୂର୍ଯ୍ୟକାନ୍ତ ତାର ପରିବାରର ବାପା, ମାଆ ଓ ଭଉଣୀକୁ ହତ୍ୟା କରିଥିବା କହି ଘରକୁ ଫେରିଆସିଥିଲା । ରକ୍ତାଲଗା ପୋଷାକ ବଦଳାଇ ଅନ୍ୟ ଏକ ପୋଷାକ ପିନ୍ଧି ଥାନାକୁ ଯାଉଛି କହି ସୂର୍ଯ୍ୟକାନ୍ତ ଘରୁ ଚାଲି ଆସିଥିଲା । ଥାନାକୁ ଯିବା ପରିବର୍ତ୍ତେ ସୂର୍ଯ୍ୟକାନ୍ତ ସଦର ମଧ୍ୟରେ ଥିବା ଏକ ସ୍କୁଲ ନିକଟରେ ବସି ରହିଥିଲା । ସ୍ଥାନୀୟ ଲୋକେ ତାକୁ ଦେଖି ପୋଲିସକୁ ଖବର ଦେବା ପରେ ପୋଲିସ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା ।

ଘଟଣା ସଂପର୍କରେ ମୃତକଙ୍କ ବଡପୁଅ ଓ ସାନପୁଅକୁ ଖବର ଦେବା ପରେ ସେମାନେ ଘର ନିକଟରେ ପହଞ୍ଚିବା ସହିତ ଜଗତସିଂହପୁର ଥାନାରେ ବଡଭାଇ ରମାକାନ୍ତ ସେଠୀ ଏତଲା କରିଥିଲେ । ଏହି ଏତଲାକୁ ଭିତ୍ତି ରି ପୋଲିସ ସାଇଣ୍ଟିଫିକ ଟିମ ପହଞ୍ଚିଥିଲା ହତ୍ୟାକାଣ୍ଡ ସ୍ଥାନରେ । ଘର ଭିତର ଦୃଶ୍ୟ ଅତ୍ୟନ୍ତ ଭୟାନକ ଥିବା ବେଳେ ଗୋଟିଏ ସ୍ଥାନରେ ସମସ୍ତଙ୍କ ମୃତ ଦେହ ପଡିଥିଲା । ମୃତକମାନଙ୍କ ମୁଣ୍ଡକୁ ପଥର ଛେଚିବା ଭଳି ଦୃଶ୍ୟ ଦେଖିଥିଲା ସାଇଣ୍ଟିଫିକ ଟିମ ।ତାହା ସହିତ ହତ୍ୟାରେ ବ୍ୟବହୃତ ହୋଇଥିବା ପଥର ଓ ହୋମଦସ୍ତା ପୁଆକୁ ଜବତ କରିଥିଲା ପୋଲିସ ।

ତେବେ ଏଭଳି କାହିଁକି ହେଲା ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିବା ବେଳେ ଅନଲାଇନ ଗେମ ପବଜି ଖେଳି ଏପରି ହୋଇଥିବା ସନ୍ଦେହ କରିଥିଲେ ମଝିଆ ଭାଇ ଉମାକାନ୍ତ । ଉମାକାନ୍ତଙ୍କ କହିବା ଅନୁସାରେ ଗତ କିଛି ଦିନ ସୂର୍ଯ୍ୟକାନ୍ତ ମାନସିକ ଭାବରେ ଠିକ ନଥିଲେ । ସବୁବେଳେ ପାଗଳଙ୍କ ଭଳି ଗପୁଥିଲେ । ଘରେ ବିଭିନ୍ନ ସମୟରେ ପାଟିତୁଣ୍ଡ ବି କରୁଥିଲେ ।ଏଭଳି ସ୍ୱଭାବ ଦେଖି ତାଙ୍କୁ ମେଡିକାଲର ଡାକ୍ତର ଦେଖାଇବା ପାଇଁ ଆମେ ପ୍ରସ୍ତୁତ ହେଉଥିବା ବେଳେ ସେ ଏଭଳି କାଣ୍ଡ କରିବ ସେ ଭାବି ନଥିଲେ ବୋଲି କହିଛନ୍ତି ମଝିଆ ଭାଇ ଉମାକାନ୍ତ ସେଠୀ । ସୂର୍ଯ୍ୟକାନ୍ତ ତାର ମାନସିକ ବିକୃତ ଘଟି ଏଭଳି ନାରକୀୟ କାଣ୍ଡ ଘଟାଇଛି ବୋଲି ବଡଭାଇ ମଧ୍ୟ ଏତଲାରେ ଦର୍ଶାଇଛନ୍ତି । ତେବେ ଏହି ବିଭତ୍ସ୍ୟ କାଣ୍ଡ ସୂର୍ଯ୍ୟକାନ୍ତ କରିବାର କାରଣ କଣ ଥାଇପାରେ ପୋଲିସ ତଦନ୍ତ କରୁଛି । ତଦନ୍ତ ପରେ ଘଟଣାର ସଠିକ ତଥ୍ୟ ଜଣାପଡବି ବୋଲି ପୋଲିସ ତରଫରୁ ଜଣାଯାଇଛି ।

## ଛୁଟି...

ଅପରପକ୍ଷରେ ୧୯୯୪ ଏପ୍ରିଲ ୨୪ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପଞ୍ଚାୟତିରାଜ ଦିବସ ପାଳିତ ହେବ ବୋଲି ପାରିତ ହୋଇଥିଲା । ବିଜୁ ବାବୁଙ୍କ ଜନ୍ମ ଦିବସରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ୨୦୧୦ ଏପ୍ରିଲ ୨୪ରେ କେନ୍ଦ୍ର ସରକାର ପଞ୍ଚାୟତିରାଜ ଦିବସ ପାଳନ ପାଇଁ ନିଷ୍ପତ୍ତି କରିଥିଲେ । ଏହାପୂର୍ବରୁ ଓଡ଼ିଶା ମାର୍ଚ୍ଚ ୫ରୁ ପଞ୍ଚାୟତିରାଜ ଦିବସ ପାଳନ କରିଆସୁଛି ।

ବିଜେପି ପକ୍ଷରୁ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି ଯେ ଭାରତବର୍ଷ ଗଣତନ୍ତ୍ରରେ ଏପ୍ରିଲ ୨୪ ହେଉଛି ଏକ ଐତିହାସିକ ଦିନ । ଏହି ଦିନରେ ଦେଶର ସମ୍ବିଧାନର ୭୩ତମ ସଂଶୋଧନକୁ ଲାଗୁ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା । ଯାହାଫଳରେ ଦେଶର ଲକ୍ଷଲକ୍ଷ ତୃଣମୂଳସ୍ତରର ପଞ୍ଚାୟତ ପ୍ରତିନିଧିମାନେ ଗଣତନ୍ତ୍ରରେ ଭାଗ ନେବାର ସୁଯୋଗ ପାଇଥିଲେ । ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ସରକାରୀ ସ୍ତରରେ ମହାସମାରୋହରେ ପାଳନ ହେବାନେଇ ସରକାର ସ୍ପଷ୍ଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ମଧ୍ୟ କରିଛନ୍ତି । ଏହାକୁ ବିଜେଡି ବିବାଦ କରିବା ଉଚିତ ନୁହେଁ । ଅନେକ ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ହରେକୃଷ୍ଣ ମହତାବ, ଜାନକୀ ବଲ୍ଲଭ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଜୟନ୍ତୀକୁ ସରକାରୀ ସ୍ତରରେ ପାଳନ କରାଯାଉଛି । ବିଜୁ ବାବୁଙ୍କର ମଧ୍ୟ ପାଳନ କରାଯିବ । କୌଣସି ଅନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଜୟନ୍ତୀକୁ ବିଜେଡି ସରକାର ସମୟରେ ଛୁଟି ଭାବେ ଘୋଷଣା କରାଯାଇଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି । ଓଡ଼ିଶା ଗଠନରେ ଅନେକ ବରେଣ୍ୟ ନେତୃତ୍ୱଙ୍କ ଅବଦାନ ରହିଛି । ବିଜେଡି ଏହାକୁ ସ୍ୱୀକାର କରିବାପୁ ନାରାଜ । ଯାହା ଦୁଃଖଦାୟକ ବୋଲି ସେ କହିଛନ୍ତି ।

## ଅଧା...

ସୁନ୍ଦରଗଡ଼ରେ ଓଏସଏସସିର ଶାରୀରିକ ପରୀକ୍ଷା ବେଳେ ଅଘଟଣ ଘଟିଛି । ଦୌଡୁଥିବା ବେଳେ ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ମୃତକ ରାଉରକେଲାର ବ୍ୟାଚ ନମ୍ବର ଏ ୦୨ ପ୍ରବୀଣ କୁମାର ପଣ୍ଡା ବୋଲି ଜଣାଯାଇଛି।। ଭବାନିପୁରରୁ ବାରଗାଡ ୨୫ କିଲୋମିଟର ଦୌଡ଼ରେ ଭାଗ ନେଇଥିବା ବେଳେ ସଦର ଥାନା କିରେଇ ନିକଟରେ ସେ ଅଚେତ ହୋଇପଡ଼ିଥିଲେଛ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଏହି ଦୁଇ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ।

## ସମ୍ବଲପୁରରେ...

ସୂଚନାଯୋଗ୍ୟ, ସୋନପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ଅକ୍ଷୟ କୁମ୍ଭାରଙ୍କୁ ଗତ ୩ତାରିଖ ଅପରାହ୍ନ ୩ଟାରେ ଟାଙ୍ଗରପାଲି ବ୍ରିଜ ନିକଟରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ୪୫ହଜାର ଟଙ୍କା ଲୁଟି ନେଇଥିଲା । ଅଭିଯୋଗ କ୍ରମେ ପୋଲିସ ୬୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ ବରଗଡ଼ର ଗୋଲପଡ଼ାର ବାସିନ୍ଦା ମହେଶ କୁମାର ଶର୍ମାଙ୍କ ସଂପୃକ୍ତ ଥିବା ଜଣାପଡ଼ିଥିଲା । ପୋଲିସ ଏହି ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା । ତେବେ ଭୋର ସମୟରେ ଅଭିଯୁକ୍ତ ଜଣକ ପ୍ରାତଃ ଭ୍ରମଣରେ ଯାଉଥିବା ମହିଳାଙ୍କ ସୁନାଚେନ୍ ଲୁଟ୍ କରିବା ପାଇଁ କାଇଁଶିର ପଟକୁ ଯାଉଥିବା ପୋଲିସକୁ ସୂଚନା ମିଳିଥିଲା । ସୂଚନା ମୁତାବକ ପୋଲିସ ତାଙ୍କୁ ପିଛା କରି ଲମ୍ଫଡୁଙ୍ଗୁରୀ ମନ୍ଦିର ନିକଟରେ ଧରିବାକୁ ଉଦ୍ୟମ କରିଥିଲା । ଏହାଦେଖି ଅଭିଯୁକ୍ତ ଜଣକ ପ୍ରଥମେ ପୋଲିସ ଉପରକୁ ୨ରାଉଣ୍ଡ ଗୁଳି ଚାଳନା କରିଥିଲା । ଏହାର ଜବାବ୍‌ରେ ପୋଲିସ ପକ୍ଷରୁ ଏନ୍‌କାଉଣ୍ଟର କରାଯାଇଥିଲା । ଏଥିରେ ଅଭିଯୁକ୍ତ ମହେଶ ଆହତ ହୋଇଥିଲା । ଅଭିଯୁକ୍ତ ନାମରେ ମୋଟ ୨୫ଟି ମାମଲା ରହିଛି । ବରଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ ୫ଟି, ସମ୍ବଲପୁର ଜିଲ୍ଲାରେ ୧୯ ଟି ଓ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଥାନାରେ ଗୋଟିଏ ଅପରାଧ ମାମଲା ରହିଛି । ସେଥିମଧ୍ୟରୁ ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ, ଜମନକିରା, ଅଇଁଠାପାଲି ଥାନାରେ ୧୧ଟି ମାମଲା ରୁଜୁ ହୋଇଛି ।

# ଅପରାଧ ରୋକିବା ପାଇଁ ଏନକାଉଣ୍ଟର

ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ଶାନ୍ତିପ୍ରିୟ ଜିଲ୍ଲା ଭାବେ ପରିଚିତ । ଗତ କିଛି ବର୍ଷ ହେବ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଏଥିରେ ରୋକ ଲଗାଇବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି । ତଥାପି ଜିଲ୍ଲାରେ ଚୋରି, ଡକାୟତି, ଲୁଟ, ରାହାଜାନି, ହତ୍ୟା, ଅପହରଣ ଆଦି ଘଟଣାମାନ ଘଟୁଛି। ତେଣୁ ଏସବୁକୁ ରୋକିବା ପାଇଁ ପୋଲିସ ବିଭିନ୍ନ ସମୟରେ ଏନକାଉଣ୍ଟର କରିଛି। ବିଗତ ଦିନରେ ଜଣେ ଅପରାଧିର ମୃତ୍ୟୁ ହୋଇଥିବା ବେଳେ ଅନେକ ଅପରାଧି ଆହତ ହୋଇଛନ୍ତି । ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବିଶେଷ କରି ଅକ୍ଟୋବର ୨, ୨୦୧୪ ମସିହା ଡେଙ୍ଗସର୍ଗି ଅଞ୍ଚଳର ଏକ ଘରେ ରାଜୁ ସାହାକୁ ପୁଲିସ ଏନକାଉଣ୍ଟର କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ରାଜୁର ବାପା ଧୋବା ସାହା ଅଭିଯୋଗ କରିଥିଲେ। ୨ ସେପ୍ଟେମ୍ବର, ୨୦୧୯ରେ ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଦୁର୍ଦ୍ଧାନ୍ତ ଅପରାଧି ମୌସିମ ଅକ୍‌ତରକୁ ଏନକାଉଣ୍ଟର କରାଯାଇଥିଲା। ସେହିପରି ୧୦ ସେପ୍ଟେମ୍ବର, ୨୦୧୯ରେ କୁଲୁଥକାନୀ-ଧନକଉଡା ରୋଡରେ ଡକାୟତି ଉଦ୍ୟମ ବେଳେ କୁଖ୍ୟାତ ଅପରାଧି ତ୍ରିଦେବ ବାଗକୁ ମଧ୍ୟ ଏନକାଉଣ୍ଟର କରାଯାଇଥିଲା । କ୍ଷେତରାଜପୁର ଆଦର୍ଶ ଥାନା ପୋଲିସ ଏକ ଯୁବକ ଅପହରଣ ଓ ମୁଣ୍ଡ ବଦଳରେ ଟଙ୍କା ଦାବି କରିଥିବା ଅମିତ ରାଉତ (୨୨)କୁ ଗତ ୩ ଅକ୍ଟୋବର, ୨୦୧୯ରେ ଏନକାଉଣ୍ଟର କରି ପଣବନ୍ଦୀ ଥିବା ଯୁବକକୁ ଉଦ୍ଧାର କରିଥିଲା ।

ଅନ୍ୟପଟେ ଆଜିର ଏନ୍‌କାଉଣ୍ଟରକୁ ମିଶାଇ ଗତ ବର୍ଷ ଠାରୁ ସମ୍ବଲପୁର ଜିଲ୍ଲାରେ ୪ଟି ଏନ୍‌କାଉଣ୍ଟର ସଂଗଠିତ ହୋଇଛି। ୬ଜାନୁୟାରୀ, ୨୦୨୪ରେ ସମ୍ବଲପୁର ସଦର ଥାନା ଏନ୍‌କାଉଣ୍ଟରରେ କୋରାପୁଟ ଜିଲ୍ଲାର କୁଖ୍ୟାତ ଅପରାଧି ଜେକବ୍ ଆହତ ହୋଇଥିଲା । ସେହିପରି ୧୦ଅକ୍ଟୋବର, ୨୦୨୪ରେ ବୁର୍ଲା ଥାନା ଅନ୍ତର୍ଗତ କଟାପାଲିରେ ପୋଲିସ ଗୁଳିରେ କମଲୁ ପ୍ରଧାନ, ରେଙ୍ଗାଲି ଥାନାର ସ୍ୱପ୍ନେ ବ୍ରିଜ ନିକଟରେ ୭ଡିସେମ୍ବର, ୨୦୨୪ ସଞ୍ଜିବ କରାଳି ଆହତ ହୋଇଥିଲେ । ମଙ୍ଗଳବାର ସକାଳେ ଅଇଁଠାପାଲି ଥାନା ପୋଲିସ ଗୁଳରେ ଦୁର୍ଦ୍ଧାନ୍ତ ଅପରାଧି ମହେଶ କୁମାର ଶର୍ମା ଆହତ ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି ।

## ଫଗୁଣରେ...

ଛୁଇଁଲା ତାତି । ଝାରସୁଗୁଡ଼ାରେ ସ୍ୱାଭାବିକ ଠାରୁ ତାପମାତ୍ରା ୪ ଡିଗ୍ରୀ ଅଧିକ ଥିବା ବେଳେ ଭୁବନେଶ୍ୱରରେ ୧.୨ ଡିଗ୍ରୀ ଅଧିକ ରହିଛି। ସେହିପରି ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୮.୫ ଡିଗ୍ରୀ ରହିଥିବା ବେଳେ ମାଲକାନଗିରିରେ ୩୮.୪ ଡିଗ୍ରୀ, ଅନୁଗୁଳରେ ୩୭.୯ ଡିଗ୍ରୀ, ସମ୍ବଲପୁରରେ ୩୭.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୭.୮ ଡିଗ୍ରୀ, ବଲାଙ୍ଗୀରରେ ୩୭.୫ ଡିଗ୍ରୀ, ହୀରାକୁଦରେ ୩୭.୧ ଡିଗ୍ରୀ ଓ ଟିଟିଲାଗଡରେ ୩୭ ଡିଗ୍ରୀ ରେକର୍ଡ କରାଯାଇଥିଲା ।

ଆସନ୍ତାକାଲି(ବୁଧବାର) ୮ ଜିଲ୍ଲାରେ ସ୍ୱାଭାବିକ ଠାରୁ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପୁରୀ, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ୨-୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

# ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ସୋମବାର ଦିନ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନାରେ ୩୭ଟି ପଞ୍ଚାୟତର ଗ୍ରାମସଭା ମାଧ୍ୟମରେ ପାରିତ ହୋଇ ଆସିଥିବା ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ପ୍ରଥମେ କୁପାରୀ ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ଜେନା କୁପାରୀ ପଞ୍ଚାୟତ ର ଗ୍ରାମସଭାରେ ପାରିତ ହୋଇଥିବା ପ୍ରକଳ୍ପ ତାଲିକାରୁ ୩୫ଟି ବାଦ ଦିଆଯାଇଥିବା ନେଇ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବିଡିଓ ନାରାୟଣ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ୩ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସଂପୃକ୍ତି ଥିବା ନେଇ ଅଭିଯୋଗ ଆଣିଥିଲେ । ୩ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଏଭଳି ଅଭିଯୋଗକୁ ଖଣ୍ଡନ କରି ଅନାବଶ୍ୟକ ପ୍ରକଳ୍ପ ବାଦ ଦିଆଯାଇ ସାଧାରଣ ଲୋକେ ଦେଇଥିବା ପ୍ରସ୍ତାବକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କହିଥିଲେ । ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ବାକବିତଣ୍ଡା ଚାଲିବା ପରେ ବିଧାୟକ ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ । ପଞ୍ଚାୟତ ସମିତି ବୈଠକରେ ଉପଯୁକ୍ତ ସମ୍ମାନ ମିଳୁନଥିବା ଅଭିଯୋଗ ଆଣି ଶ୍ରୀ ଦାସ ସଭାଗୃହରୁ ଉଠି ପଳାଇଥିଲେ । ବିଡିଓ କୁପାରୀ ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Dt. 05.12.2024. I Anupama Rout, W/o- Amulya Rout, At-Dhanamandol, Po-Sailo Badabil, Ps-Govindpur, Pin-754018, Dist. Cuttack declare that I have changed my name from Susama Lenka to Anupama Rout. Henceforth I shall be known as Anupama Rout for all purposes.

Sd/- Anupama Rout

**ODISHA GRAMYA BANK**
INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, P.O.: KHANDAGIRI, BHUBANESWAR-751030 (ODISHA)

Bid Number # GEM/2024/B/5963489 and Bid Number # GEM/2025/B/5993535

Odisha Gramya Bank invites application for 1. Procurement of 800 units of desktops without buyback arrangement from (Government e Marketplace) GeM. 2. Procurement of Managed Internet Leased Lines at DC, Chennai and DR, Hyderabad for proxy servers. For details and application format please visit Bank's website: www.odishabank.in

GENERAL MANAGER

**AFFIDAVIT**

By virtue of an affidavit sworn before The Notary Public, Jajpur I Niranjan Malik, S/o- Jadumani Malik of Village-Dewanpatna, P.S.- Alkund, Dist-Jajpur do here by declare that the real Name of my daughter is Manisha Malik. It is placed in her 10th certificate bearing Roll No - 059AD0076, But in her Adhar bearing No- 8223 1031 1019 her Name was mentioned as Monalisha Malik. Manisha Malik @ Monalisha Malik, D/o- Niranjan Malik, address given above is one and same person. I want to known my daughter's Name as Manisha Malik in. I swear this declaration for correction of my daughter's name as Manisha Malik. D/o- Niranjan Malik, of Village - Dewanpatna, P.S. Alkund, Dist-Jajpur in her Adhar.

Sd/- Niranjan Malik

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR**

B-

E-mail seec.bbsr2010 @ gmail.com

Bid Identification No.S.E.E.C (R&B) 19/2024-25

No 805 / Date : 03.03.25

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.07.03.2025 at 05.00 P.M. to dt. 17.03.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 18.03.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement website www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/- Superintending Engineer
Electrical Circle (R&B) Odisha, BBSR

OIPR : 34006/11/0026/2425

**ZILLA PARISHAD. BALANGIR**
OLM Section
(E Mail- ori-dbolangir@nic.in)
CAD- No. 197 / OLM Date: 01.03.2025
Ph. No.: 06652 (232863)

**SHORT TENDER CALL NOTICE**

Zilla Parishad, Balangir on behalf of Odisha Livelihoods Mission, Department of Mission Shakit, Govt, of Odisha invite proposal with certain terms & conditions from reputed & registered Tent Houses / agencies / event management having GSTIN no. may apply for the Tentage, Allied & Supply of Food for the Workshop on Lakhpati Didi to be organized at Koshal Kalamandal Ground, Balangir on 11.03.2025.

The tender papers along with details documents, terms & conditions, criteria, format etc. for Tentage, Allied & Supply of Food will be available for purchase from 3rd March, 2025 to 7th March, 2025 during Official day of Office hour in the OLM Section Zilla Parishad, Balangir on payment of Rs.7,080.00 (Rupees Seven thousand eighty) only or can be downloaded from District portal https://balangir.odisha.gov.in. In case the tender paper is downloaded from the Govt, website, the applicant shall furnish a Demand Draft for an amount of Rs.7,080.00 (Rupees Seven thousand eighty) only infavour of CDO-cum-E.O., Zilla Parishad, Balangir towards the cost of tender paper. The sealed tenders will be received latest up to 3.00 PM on 07.03.2025 at Office of Zilla Parishad, Balangir in the tender box. The tenders will be opened in the Office of Zilla Parishad, Balangir on 07.03.2025 at 4.00 PM in the presence of the tenderers or their authorized representatives. The undersigned reserves the right to accept or reject any or all the tenders without assigning any reason thereof.

Sd/- CDO-cum-EO,
Zilla Parishad, Balangir

OIPR : 19248/11/0008/2425

**AFFIDAVIT**

By virtue of an affidavit before the Notary Public, Salipur on 25.02.25, I Rashida Khatoon, D/o- Sekh Abdul Hamid & W/o- Md. Firoz Khan of Village-Mutarifa, P.O.-Padmapur, P.S- Jagatpur, Dist- Cuttack, But in Mouza Mutarifa under Salipur Tahasil, ROR Khata No.-541/61, my name has been recorded as Aziba Khatoon, D/o- Sekh Abdul Hamid with above address. So myself Rashida Khatoon & Aziba Khatoon of above address is one & same person for all purposes.

**AFFIDAVIT**

By virtue of an affidavit no. 3276 sworn before Notary Public Bhubaneswar, Jagyneswar Acharya, dated. 31.01.2025, I, Amarendra Kumar, S/o Sri Mahendra Kumar, residing at A 1904, Z One Vyom, Nadan Kanan Road, Patia, Bhubaneswar, Dist : Khorda, Odisha, 751024, India, declare that I have changed my daughter's name from PIHU to AARYAA SHRIVASTAVA. Henceforth my daughter shall be known as AARYAA SHRIVASTAVA for all purposes.

(Amarendra Kumar)
Father of - Aaryaa Shrivastava
(Old Name - Pihu)

**OFFICE OF THE DIRECTOR LAND RECORDS & SURVEY (SETTLEMENT), ODISHA, BOARD OF REVENUE, CUTTACK.**

No. XXXII-03/2025-1084/LR&S., Dated 03.03.2025

**Quotation Call Notice**

F-138 : Sealed quotations are invited by 18.03.2025 at 02 p.m. from interested reputed Travel Agencies/Tour Operators or private individuals having valid GST certificate for providing one Commercial Petrol driven Honda City car for official use of the Director, LR&S, Odisha, Cuttack (Board of Revenue, Cuttack) on monthly hiring basis with certain terms and conditions.

For more details of Quotation Call Notice, please visit Board of Revenue website http://www.boardodisha.nic.in .

Sd/- Addl. Director, LR&S

OIPR : 24002/11/0008/2425

**OFFICE OF THE COLLECTOR & DISTRICT MAGISTRATE, JAGATSINGHPUR**
(District Social Welfare Section)
g- Ph 06724-220865 E. Mail - dswojspur@nic.in

**TENDER CALL NOTICE**

NO. 612 / DT. 4.03.2005

Sealed tenders are invited from the intending eligible and Registered Firms/ authorized licenced Transport Contractors/Agents for undertaking ICDS Project wise transportation of Rice & Wheat under the carriage by Road Act 2007 and the Carriage by Road Rule 2011 from concern Transportation Authority for Transportation of Rice & Wheat under SNP & SAG feeding Programme in all 8 nos ICDS of Jagatsinghpur District **(Balikuda, Biridi**, **Erasama, Jagtsinghpur, Kujanga, Naugaon, Raghunathpur** and Tritol **ICDS Project)** for the year 2025-2026.

Details of the Term & Condition is available in the Office of the Collector, Jagatsinghpur (Social Welfare Section) and District Website **i.e www.jagatsinghpur.nic.in**

The details of Tender process as follows.

1. Period of sale of Tender document from : **05.03.2025 (10.00 A.M.)**
2. Last date for receipt of Tender document : **25.03.2025 (5.00 P.M.)**
3. Date of Opening of Tender : **26.03.2025 (4.00 P.M.)**
4. Tender Paper cost : **Rs. 3000.00 (Rupees Three thousand)only**

Sd/- Collector & District Magistrate,
Jagatsinghpur

OIPR : 24275/11/0001/2425

**AFFIDAVIT**

By an affidavit sworn before the Executive Magistrate Baripada, Dist- Mayurbhanj, I, Payal Agrawall, aged 20, daughter of Babulu Agrawall, resident of At-Debendrapur, Ward No. 25, PO/ PS-Baripada, Dist-Mayurbhanj, Aadhar Card No. 5708-8467-7027, declare that this affidavit no. 1260, dated 03.03.2025, My actual and correct name is Payal Agrawall according to my educational certificates. But on my Aadhar card, my name is Payal Agrawal instead of Payal Agrawall. Henceforth, I shall be known as Payal Agrawall for all purposes. I declare that Payal Agrawall and Payal Agrawal are the same person.

Sd/- Payal Agrawall

**FOREST DEPARTMENT**
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
MM-516
e-mail - dfo.baripada@odisha.gov.in.

**Government of Odisha "e" Procurement Notice**
**Bid Identification No.DFO-BPD-03/2024-25**

1. Number of works : **3** (Three numbers of work)
2. Approximate estimated cost:-**17.75 lakh** to **18.50 lakh**
3. Period of Completion: - **60 days.**
4. Date & Time of availability of bid documents in the portal :- **Dt.06.03.2025 to 17.03.2025**
5. Last Date / Time of receipt of bid in the portal :- **Dt. 17.03.2025 up to 5.00 PM**
6. Date of Opening of bid :- **Dt.18.03.2025 at 11.00 AM**
7. Name & address of the Office inviting bid:- **O/o the Divisional Forest Officer, Baripada Forest Division, Baripada, Mayurbhanj.**

Further details can be seen from the e-procurement portal **http://www.tendersodisha.gov.in**

Sd/- Divisional Forest Officer
Baripada Forest Division

OIPR : 08065/11/0006/2425

**NOTICE INVITING TENDER**
**Office of District Manager, Odisha State Civil Supplies Corporation Ltd. (OSCSC) Mayurbhanj (District)**
CAD-
E-mail: cso-may@nic.in & csomayurbhanj@gmail.com Phone: 06792- 252648

TENDER NO. **745** dated **04.03.2025** for Selection and appointment of Level-I Transport Contractor for transportation of wheat from Food Storage Depot(FSD),FCI to Rice Receiving Centers in Mayurbhanj District.

Cost of Tender Document:- Rs. 11,800/- Inclusive of GST.

District Manager, Odisha State Civil Supplies Corporation Ltd., Mayurbhanj invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the works | Selection and appointment of Level-I Transport Contractor for transportation of Wheat from FSD, FCI to RRCs in Mayurbhanj district of the State of Odisha. |
| 2 | Availability of tender documents in the portal. | From Date 06.03.2025 Downloadable from website: www.oscsc.in, www.foododisha.in & www.tendersodisha.aov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to **5:00 PM** of date 1**9.03.2025** |
| 4 | Date, time and venue for opening of Technical Bid by the Tender Committee | On dt. 20.03.2025 at 4:00 PM, at Office Chamber of ADM(Gen.), Mayurbhanj. |
| 5 | Name and address of the Officer Inviting Tender. | District Manager, OSCSC Ltd, Mayurbhanj. |

Tender Documents & other details can be seen from e-procurement portal www oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager,
OSCSC Ltd, Mayurbhanj

OIPR : 07046/11/0007/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ (ଅଡିଟ) ରାଜ କୁମାର୍ ଏବଂ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ (ଆକାଉଣ୍ଟସ ଆଣ୍ଡ ଏନଟାଇଟଲମେଣ୍ଟ) ଦୀନବନ୍ଧୁ ସାହୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

## ପୂର୍ତ୍ତ ବିଭାଗ ଅଧୀନରେ ଥିବା ଶହେ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୦୦ କୋଟିରୁ ଅଧିକ ପ୍ରକଳ୍ପ ମୂଲ୍ୟର ରାସ୍ତାଘାଟ, ସେତୁ ତଥା କୋଠାବାଡ଼ି ଆଦି କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ୍ ଠାରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସରକାର ରାଜ୍ୟବାସୀଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ତେଣୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ ସାଲିସ କରାଯିବ ନାହିଁ । ଏଥି ପାଇଁ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମିତ କାର୍ଯ୍ୟର ତଦାରଖ ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ଠିକା ସଂସ୍ଥାଙ୍କ ସମସ୍ୟାର ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ



ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଉଦ୍ୟମ ଜାରି ରଖିବେ । ସେହିଭଳି କାର୍ଯ୍ୟଭାର ନେଇଥିବା ଏଜେନ୍ସି ଅବା ଠିକା ସଂସ୍ଥା ନିଜର ମାନବସମ୍ବଳ ଓ ଜ୍ଞାନକୌଶଳକୁ ଉପଯୋଗ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଚେଷ୍ଟା କରିବେ । ତେବେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କିମ୍ବା ଗୁଣବତ୍ତା ନେଇ କୌଣସି ସଂସ୍ଥା ବିରୋଧରେ ଅଭିଯୋଗ ଆସିଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେବେ ବି ପଛଘୁଞ୍ଚା ଦେବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି । ସେହିଭଳି ଆଗାମୀ ଦିନରେ ପ୍ରକଳ୍ପ କାର୍ଯ୍ୟାଦେଶ ପ୍ରଦାନ ସମୟରେ ପୂର୍ବ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଜଗତସିଂହପୁର, ଯାଜପୁର, ଜୟପୁର ବାଇପାସ୍ ରାସ୍ତା ସମେତ ବିଭିନ୍ନ ପ୍ରମୁଖ ରାସ୍ତା, କୋରାପୁଟ ହସ୍ପିଟାଲ, ଜୟପୁର ହସ୍ପିଟାଲ, ଯାଜପୁର ହସ୍ପିଟାଲ ଏବଂ କ୍ୟାପିଟାଲ ହସ୍ପିଟାଲ୍ର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ସମେତ ବିଭିନ୍ନ କୋଠାବାଡ଼ି ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟରେ ବିଭିନ୍ନ ନଦୀ ଉପରେ ଥିବା ହାଇଲେବୁଲ ସେତୁର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବିଭାଗୀୟ ଅଧିକାରୀ, ଇଞ୍ଜିନିୟର ଓ ଠିକା ସଂସ୍ଥାଙ୍କଠାରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ । ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ, ଇଆଇସି (ସିଭିଲ୍) ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଏଲ୍.କେ. ପାୀ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଠିକା ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ ।

### ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଠକେଇ ମାମଲା

## ୧୦ ସ୍ଥାନରେ ଚଢାଉ, ୨୦୦ ଆକାଉଣ୍ଟ ଯାଞ୍ଚ

ଭୁବନେଶ୍ୱର, (ସବ୍ୟୁ) : ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କୋ-ଅପରେଟିଭ୍ ସୋସାଇଟି ଠକେଇ ମାମଲାରେ ରାଜା ଚକ୍ର ଇଓଡବ୍ଲ୍ୟୁ ପଞ୍ଝାରେ ଥିବାବେଳେ ଅନ୍ୟମାନଙ୍କୁ ହାଜର ହେବାକୁ ନୋଟିସ୍ କରାଯାଇଛି । ଇଓଡବ୍ଲ୍ୟୁ-ଏସ୍‌ଟିଏଫ୍‌ର ମିଳିତ ଟିମ୍ ମଙ୍ଗଳବାର ସୁନ୍ଦରଗଡ, ସମ୍ବଲପୁର, କେନ୍ଦୁଝର, ଗୋପାଳପୁର ସମେତ ୫ଟି ମାଇନିଂ କରିଡରରେ ମିଳିତ ୫ଟି ଟିମ୍ ଚଢାଉ କରିଥିଲା । ଏଥିସହ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅଫିସ୍ ସମେତ ୨୦୦ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହୋଇଥିବା ସୂଚନା ମିଳିଛି । ରାଜା ଚକ୍ର ନାଁରେ ୨୦ଟି ୧୮ ଚକିଆ ଟ୍ରକ୍ ଥିବା ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି ।

ତଦନ୍ତକାରୀ ଟିମ୍ ଅଫିସରମାନେ ତଦନ୍ତରେ ବ୍ୟାହତ ହେବା ଆଶଙ୍କା କରି ଗଣମାଧ୍ୟମକୁ ବିସ୍ତୃତ ଭାବେ ସୂଚନା ଦେଉନଥିବା ବେଳେ ଯାହା ସୂଚନା ମିଳିଛି, ତାହା ପରିବହନ କାରବାରରେ ରାଜ୍ୟରେ ବଡ ଠକେଇ ବୋଲି କୁହାଯାଉଛି । ୨୦୦ ଆକାଉଣ୍ଟ ଯାଞ୍ଚ କରି ତଦନ୍ତକାରୀ ଟିମ୍ ଟଙ୍କା କାରବାର ସମ୍ପର୍କରେ ଯେଉଁସବୁ ତଥ୍ୟ ପାଇଛି, ତାହା ବହୁ ଦିନ ଲାଗିବ ସ୍ପଷ୍ଟ ହେବା ପାଇଁ । ଆକାଉଣ୍ଟ ଗୁଡିକରେ ଟଙ୍କା କାରବାରର ଏଭଳି ହୋଇଛି ଯେ, ତାହା ତଦନ୍ତକାରୀ ଟିମ୍‌ର ଅକଲଗୁଡୁମ୍ କରିଛି । ରାଜା ନାଁରେ ଥିବା ୨୦ଟି ଗାଡିର କାଗଜପତ୍ର ମଧ୍ୟ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅଫିସ୍‌ରୁ ଜବତ କରାଯାଇଥିବା କୁହାଯାଉଛି । ଯେଉଁସବୁ ମାଇନିଂ କରିଡରରେ ଚଢାଉ କଲେ ସେହିସବୁ ସ୍ଥାନ ତଥ୍ୟ ମଧ୍ୟ ବିସ୍ମୃତ । ୨୦୦୬ ମସିହାରୁ ରାଜା ଚକ୍ର ଓ ଅଂଶୀଦାରମାନେ ମିଶି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ନାମରେ ସଂସ୍ଥା ଗଠନ କରି କିପରି ଶହ ଶହ କୋଟି ଟଙ୍କା କାରବାର କରି ସେଥିରୁ ହଜାରେ କୋଟି ଟଙ୍କା ଠକିବାରେ ସମର୍ଥ ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ଯେଉଁମାନଙ୍କୁ ହାଜର ଏବଂ ନୋଟିସ୍ କରାଯାଇଛି, ସେମାନେ ହାଜର ହେଲେ ଆହୁରି ଅଧିକ କଥା ସାମ୍ନାକୁ ଆସିବ । କେବଳ ପରିବହନରେ ନୁହେଁ, ଏମାନଙ୍କ ନାଁରେ ଖଣିରୁ ଚୋରି କରିବା ଅଭିଯୋଗ ମଧ୍ୟ ରହିଛି । ମନଇଚ୍ଛା ମାଲ୍ ଲୋଡ୍ କରି ପରିବହନ କଲେ । ଏପରିକି ଉଚ୍ଚମାନର ଖଣିଜ ଦ୍ରବ୍ୟକୁ ନିମ୍ନମାନରେ କିଣି ତାହାକୁ ଉଚ୍ଚମାନରେ ବିକ୍ରି କରି ବହୁ ଟଙ୍କା ପାଇଥିବା କୁହାଯାଉଛି । ତଦନ୍ତ ଶେଷ ହେବା ପରେ ଏସବୁ ତଥ୍ୟ ସମ୍ପର୍କରେ ସଠିକ୍ ଭାବେ ଜଣାପଡିବ ବୋଲି ଇଓଡବ୍ଲ୍ୟୁର ଜଣେ ତଦନ୍ତକାରୀ ଅଫିସର କହିଛନ୍ତି ।

କେନ୍ଦୁଝର ଶୁଆକାଟିରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଥିବାବେଳେ ତାହା ୫ ଜିଲ୍ଲାର ମାଇନ୍ସ କରିଡରରେ କାମ କରିବାରେ ସମର୍ଥ ହୋଇଛନ୍ତି । ୫୦କୋଟି ଅଭିଯୋଗ ପରେ ତାହା ୫୦୦କୋଟି, ବର୍ତ୍ତମାନ ହଜାରେ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ତଦନ୍ତକାରୀ ଟିମ୍ ଅନୁମାନ କରୁଛି । ଗିରଫ ହୋଇଥିବା ମାନସ ବାରିକ ଓ ଉତ୍କଳ ଦାସକୁ ରିମାଣ୍ଡରେ ଆଣି ଜେରା କରିବା ପରେ ରାଜା ଚକ୍ର ଓ ଅନ୍ୟମାନଙ୍କ ବେଆଇନ କାରବାର ସମ୍ପର୍କରେ ତଥ୍ୟ ମିଳିଥିଲା । ସେଥିପାଇଁ ରାଜା ଚକ୍ରକୁ ଇଓଡବ୍ଲ୍ୟୁ ପଞ୍ଝାକୁ ଆଣିଛି ।

### ଏଚ୍‌ଡିଏଫ୍‌ସି ଲାଇଫ ପକ୍ଷରୁ

## କ୍ଲିକ ୨ ଆଚିଭ ପାର ଆଡ୍‌ଭାଣ୍ଟେଜ ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ ପକ୍ଷରୁ ଏହାର ନୂଆ ଉତ୍ପାଦ ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର୍ ଆଡ୍‌ଭାଂଟେଜ ର ଶୁଭାରମ୍ଭ କରାଯାଇଛି। ଏହି ଉତ୍ପାଦକୁ ଜଣେ ବ୍ୟକ୍ତିଙ୍କ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟ ସହ ଜଡିତ ସଫଳତାଗୁଡିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର୍ ଆଡ୍‌ଭାଂଟେଜ ଅନେକ ପ୍ରମୁଖ ଫିଚରଗୁଡିକ ସହ ଆସୁଛି ଯଥା ପଲିସି କଂଟିନୁଆନ୍ସ ବେନିଫିଟ (ପିସିବି) – ଏହି ବିକଳ୍ପ ସହିତ ଜୀବନ ବୀମା କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସ୍ଥିତିରେ ଭବିଷ୍ୟତର ପ୍ରିମିୟମଗୁଡିକୁ ଛାଡ କରାଯାଇଥାଏ। ଏହି ମୃତ୍ୟୁ ଲାଭକୁ ତତ୍କାଳ ଏକ ଲମ୍ପ୍ ସମ୍ ଆକାରରେ ପଇଠ କରାଯାଇଥାଏ ଏବଂ ନୋମିନି କିମ୍ବା ଜୀବିତ ବ୍ୟକ୍ତିଙ୍କ ପାଇଁ ପ୍ଲାନ ଅଧିନରେ ଥିବା ଭବିଷ୍ୟତର ଲାଭଗୁଡିକୁ ଜାରି ରଖାଯାଇଥାଏ । ଚଏସ ଅଫ୍ ଡେଥ୍ ବେନିଫିଟ ମଲ୍ଟିପୁଲ ବିକଳ୍ପ ଜଣେ ବ୍ୟକ୍ତିଙ୍କୁ ନିଜ ଆବଶ୍ୟକତା ଅନୁଯାୟୀ ଏକ କଷ୍ଟମାଇଜ୍‌ଡ ଡେଥ୍ ବେନିଫିଟ



ମଲ୍ଟିପୁଲ– ୫ ଗୁଣ, ୭ଗୁଣ କିମ୍ବା ୧୧ ଗୁଣକୁ ଚୟନ କରିବା ପାଇଁ ସକ୍ଷମ କରିଥାଏ। ପେଡ ଅପ ଆଡିସନ ବିକଳ୍ପ ମାଧ୍ୟମରେ ଜଣେ ବ୍ୟକ୍ତି ଆଂଶିକ କିମ୍ବା ମୋଟ କ୍ୟାଶ ବୋନସକୁ ପେଡ୍-ଅପ ଆଡିସନରେ ପରିଶୋଧନଯୋଗ୍ୟ କରିପାରିବେ, ଯାହାକୁ ବୀମା ଅବଧି ମଧ୍ୟରେ ଯେକୌଣସି ସମୟରେ ନଗଦ ଭାବେ ଉଠାଯାଇପାରିବ । ଗ୍ରାହକମାନେ ନିଜର ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଉପରୋକ୍ତ ବିକଳ୍ପଗୁଡିକ ମଧ୍ୟରୁ ଯେକୌଣସି ମିଶ୍ରକୁ ଚୟନ କରିପାରିବେ। ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ପ୍ରଡକ୍ଟସ ଆଣ୍ଡ ସେଗ୍‌ମେଂଟସ୍ ବିଭାଗର ମୁଖ୍ୟ ଅନିସ ଖାନ୍ନା କହିଛନ୍ତି, ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର ଆଡ୍‌ଭାଂଟେଜକୁ ଏକ ଉତମ ଭବିଷ୍ୟତ ଗଠନ କରିବା ଏବଂ ଆର୍ଥିକ ସୁରକ୍ଷା ଢାଲ ସହ ଅନିଶ୍ଚିତତା ବିରୋଧରେ ନିଜର ସ୍ୱପ୍ନଗୁଡିକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରୁଥିବା ବ୍ୟକ୍ତିଙ୍କ ପାଇଁ ଏକ ସମାଧାନ ପ୍ରଦାନ କରିବାକୁ ଡିଜାଇନ କରାଯାଇଛି।

### ମହାକୁମ୍ଭ ମେଳାରେ ହାସଲ

## ହୋଇଛି ତିନୋଟି ଗିନିଜ ବିଶ୍ୱ ରେକର୍ଡ଼ ପ୍ରମାଣପତ୍ର



ଭୁବନେଶ୍ୱର (ସବ୍ୟୁ): ଉତରପ୍ରଦେଶ ସରକାରଙ୍କ ପ୍ରୟାଗରାଜ କୁମ୍ଭ ମେଳା କର୍ତ୍ତୃପକ୍ଷ, ମହାକୁମ୍ଭ ମେଳା ସମୟରେ ତିନୋଟି ଗନିଜ ବିଶ୍ୱ ରେକର୍ଡ଼ ହାସଲ କରିଛନ୍ତି, ଏହା ସ୍ୱଚ୍ଛତା, ପରିବେଶ ସଂରକ୍ଷଣ ଓ ସାଂସ୍କୃତିକ ଐତିହ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ପ୍ରୟାଗରାଜ ମେଳା ପ୍ରାଧିକାରୀ ଶ୍ରୀ ବିଜୟ କିରଣ ଆନନ୍ଦ ଓ ବିଶ୍ୱ ରେକର୍ଡ ରଣନୀତିଜ୍ଞ ନିଶ୍ଚଲ ବାରୋଟଙ୍କ ଉପସ୍ଥିତିରେ ଉତର ପ୍ରଦେଶର ମୁକ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ରେକର୍ଡ଼ ସର୍ବାଧିକ ଲୋକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଝାଡୁ କରିବା ପାଇଁ ଥିଲା ଯେଉଁଥିରେ ୧୯,୨୮୭ ଜଣ ଅଂଶ ଗ୍ରହଣ କରିଥିଲେ ଓ ସେମାନେ ସ୍ୱଚ୍ଛ ଭାରତ ପଦକ୍ଷେପରେ ଯୋଗ ଦେଇଥିଲେ । ଦ୍ୱିତୀୟ ପୁରସ୍କାର ବିଭିନ୍ନ ସ୍ଥାନରେ ନଦୀ ସଫେଇରେ ସର୍ବାଧିକ ଅଂଶଗ୍ରହଣକାରୀଙ୍କ ପାଇଁ ହାସଲ କରାଯାଇଥିଲା ଯେଉଁଥିରେ ୩୨୯ ଜଣ ସ୍ୱେଚ୍ଛାସେବୀ ପବିତ୍ର ନଦୀ ବକ୍ଷକୁ ସଫା କରିଥିଲେ ଓ ନମାମି ଗଙ୍ଗେ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏହି ପଦକ୍ଷେପ ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇଥିଲା । ତୃତୀୟ ରେକର୍ଡ ଆଠ ଘଂଟା ମଧ୍ୟରେ ଏକ ହାତଅଙ୍କା ଚିତ୍ରକଳା ପାଇଁ ସର୍ବାଧିକ ଅବଦାନ ଲାଗି ଦିଆଯାଇଥିଲା, ୧୦,୧୦୨ ଜଣ ଅଂଶଗ୍ରହଣକାରୀ ସମୁଦ୍ର ମନ୍ଥନର ପୌରାଣିକ ବିଷୟକୁ ନେଇ କଳାକୃତି ସୃଷ୍ଟି କରିଥିଲେ। ଏଥିରେ ଏକତା, ଭକ୍ତି ଓ ଆଧ୍ୟାତ୍ମିକ ଭାବନାର ଝଲକ ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ ଏହି ରେକର୍ଡ ଭାଙ୍ଗିବା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୟାଗରାଜ ମେଳା କର୍ତ୍ତୃପକ୍ଷ ଓ ଉତର ପ୍ରଦେଶ ଲୋକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

### ଆଇସିଆଇସିଆଇ

## ପ୍ରୁ ଗିଫ୍ଟ ସିଲେକ୍ଟର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ' ନାମକ ଏକ ଦୀର୍ଘମିଆଦୀ ସଂଚୟ ପ୍ରଡକ୍ଟର ଶୁଭାରମ୍ଭ କରାଯାଇଛି, ଯାହା ଗ୍ରାହକଙ୍କୁ ତୁର' ଆୟ ପ୍ରଦାନ କରିଥାଏ। ଏହି ପ୍ରଡକ୍ଟ ଗ୍ରାହକଙ୍କୁ ସେମାନେ ନିଶ୍ଚିତ ଆୟ କେବେ ଆରମ୍ଭ କରିବାକୁ ଚାହୁଁଛନ୍ତି, ନିଶ୍ଚିତ ଆୟର ଅବଧି ଏବଂ ପରିପକ୍ୱତା ସମୟରେ ସେମାନେ କେତେ ପରିମାଣ ପାଇପାରିବେ ତାହା ଚୟନ କରିବାର ସୁବିଧା ପ୍ରଦାନ କରିଥାଏ । ଏହାବ୍ୟତୀତ ଲାଇଫ କଭର ଉପାଦାନ ପରିବାର ପାଇଁ ଆର୍ଥିକ ନିରାପତା ସୁନିଶ୍ଚିତ କରିଥାଏ। ଏହି ଉତ୍ପାଦର ଅନ୍ୟତମ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ବର୍ଦ୍ଧିତ ଆୟ ବିକଳ୍ପ ଯେଉଁଥିରେ ଆୟ ବାର୍ଷିକ ୫% କମ୍ପାଉଣ୍ଡିଂ ହାରରେ ବୃଦ୍ଧି ପାଇଥାଏ, ଯାହା ଗ୍ରାହକମାନଙ୍କୁ ମୁଦ୍ରାସ୍ଫୀତି ପରିଚାଳନା କରିବାରେ ସାହାଯ୍ୟ କରେ । ଏହା ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଏବଂ ବିତରଣ ଅଧିକାରୀ ଶ୍ରୀ ଅମିତ ପାଲଟା କହିଛନ୍ତି ଯେ, 'ଆମର ପ୍ରଡକ୍ଟ ପୋର୍ଟଫୋଲିଓରେ ନୂଆ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟକୁ ଯୋଗ କରି ଆମେ ଆମ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଭିନବତାର ପରମ୍ପରାକୁ ଆଗକୁ ବଢ଼ାଉଛୁ । ଏହି ଅନନ୍ୟ ଉତ୍ପାଦ ଆମର ଗ୍ରାହକମାନଙ୍କୁ ନିଶ୍ଚିତ ଆୟର ଲାଭ ପାଇବାକୁ ଅନୁମତି ଦିଏ ଯାହାକୁ ସେମାନେ ସେମାନଙ୍କ ଜୀବନ ଲକ୍ଷ୍ୟ ଏବଂ ନଗଦ ପ୍ରବାହ ଆବଶ୍ୟକତା ଅନୁଯାୟୀ କଷ୍ଟମାଇଜ୍ କରିପାରିବେ ।

## କଳିଙ୍ଗ ନଗରର ଭିସା ଷ୍ଟିଲ୍‌ରେ ବିପିଏନ୍‌ଏସ୍‌ଆଇ ଦ୍ୱାରା କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଭୁବନେଶ୍ୱର ଏହାର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମର ଅଂଶ ଭାବରେ ୪ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଭିସା ଷ୍ଟିଲ୍ ଲିମିଟେଡ୍, କଳିଙ୍ଗ ନଗର, ଡୁବୁରିରେ ଆରମ୍ଭ ହୋଇଥିବା ୪ ଦିନିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ପ୍ରଥମ ଦିନ ଆୟୋଜନ ଏବଂ ପରିଚାଳନା କରିଛି । ଏହି




ଉଦଘାଟନୀ ଅଧିବେଶନରେ ସନ୍ଦୀପ ମିଶ୍ର, ଜିଏମ୍ (ଏଚ୍‌ଆର) ଅଂଶଗ୍ରହଣକାରୀ ମାନଙ୍କୁ ଏହି ୪ ଦିନିଆ କର୍ମଶାଳାର ଗୁରୁତ୍ୱ ବିଷୟରେ ସମ୍ବୋଧିତ କରିଥିଲେ ଏବଂ ବିପିଏନ୍‌ଏସ୍‌ଆଇ ଦ୍ୱାରା କମ୍ପାନୀର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ଅର୍ଥାତ୍ ଜିଇଟିଏସ୍‌କୁ ତାଲିମ ଦେବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ । ଭରତ ଚନ୍ଦ୍ର ସାହୁ, ସିନିୟର ଜିଏମ୍ (ଫେରୋ କ୍ରୋମ୍ ପ୍ଲାଣ୍ଟ) ଅଂଶଗ୍ରହଣକାରୀ ମାନଙ୍କୁ ପ୍ରଖ୍ୟାତ ଟେକ୍ନୋକ୍ରାଟଙ୍କଠାରୁ ଏହି ବିଷୟ ଶିଖିବାକୁ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କର ଗୁଣବତ୍ତା ବୃଦ୍ଧି କରିବ । ବିପିଏନ୍‌ଏସ୍‌ଆଇର ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ସତ୍ୟପ୍ରିୟ ଶତପଥୀ କାର୍ଯ୍ୟକ୍ରମ ସୂଚୀ ବିଷୟରେ ସୂଚନା ଦେଇଥିଲେ । ଡକ୍ଟର ଶାନ୍ତନୁ ମଣ୍ଡଳ, ଆସିଷ୍ଟାଣ୍ଟ ପ୍ରଫେସର ଆଇଆଇଟି ଭୁବନେଶ୍ୱର ଏବଂ ସୁଶ୍ରୀ ଶାଶ୍ୱତୀ ମହାନ୍ତି, ୱାଇପି ବିପିଏନ୍‌ଏସ୍‌ଆଇ ଅଂଶଗ୍ରହଣକାରୀ ମାନଙ୍କୁ ଡିଆରଆଇ ଉତ୍ପାଦନ ପ୍ରକ୍ରିୟା ବିଷୟରେ ଶିକ୍ଷା ଦେଇଥିଲେ । ସତ୍ୟପ୍ରିୟ ଶତପଥୀ କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ଡିଆରଆଇ ପ୍ରକ୍ରିୟା ଉପରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା ବିଷୟରେ ଶିକ୍ଷା ଦେଇଥିଲେ । ଅପରାହ୍ନରେ, ବିଆଇଏସ୍ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ବୈଜ୍ଞାନିକ ଏବଂ ନିର୍ଦ୍ଦେଶକ ଦିପକ ପାତ୍ର ବିଭିନ୍ନ ଇସ୍ପାତ ଉତ୍ପାଦର ବିଆଇଏସ୍ ଏବଂ ଏଚ୍‌ଏସ୍ କୋଡ୍ ଉପରେ ଏକ ବିସ୍ତୃତ ଶ୍ରେଣୀ ପ୍ରଦାନ କରିଥିଲେ । ଅଧିବେଶନର ଶେଷରେ, ଡକ୍ଟର ସାନ୍ତାନୁ ମଣ୍ଡଳ ଫେରୋ ମିଶ୍ରଧାତୁ ଉତ୍ପାଦନ ପ୍ରକ୍ରିୟା ଉପରେ ବକ୍ତୃତା ପ୍ରଦାନ କରିଥିଲେ । ଶେଷରେ, ପ୍ରଥମ ଦିନର କର୍ମଶାଳା ସଫଳତାର ସହିତ ସମାପ୍ତ ହୋଇଛି ।

## ବିଡାନାସୀ ନୂଆସାହି ବସ୍ତି ବାସିନ୍ଦାଙ୍କୁ ଥଇଥାନ ଦାବିରେ ଧାରଣା

କଟକ ,(ସବ୍ୟୁ):ବିଡାନାସୀ ନୂଆସାହି ବସ୍ତିର ୧୭ ପରିବାରକୁ ଦୁଇ ବର୍ଷ ରୁ ଉର୍ଦ୍ଧ ହେବ ଉଚ୍ଛେଦ ସିଡିଏ ଓ ସିଏମସି ଦ୍ୱାରା କରାଯାଇଥିଲା । ତା ପରେପରେ ସେ ପରିବାର ଗୁଡିକୁ ସିଏମସି ପକ୍ଷରୁ ଜାଗା ମିଶନରେ ସାମିଲ କରାଯାଇଥିଲା । ଜାଗା ମିଶନ ସର୍ଭେ ସହ ଡ୍ରୋନ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା । ସିଏମସିର ତଦାରଖ ଦଳ ଆସି ତାଲିକା ଯାଞ୍ଚ ପରେ ସେହି ୧୭




ପରିବାରଙ୍କ ଧବଳେଶ୍ୱର ଗଡାରେ ଥଇଥାନ ପାଇଁ ମେୟର ଏବଂ କମିଶନର ଯୋଗ୍ୟ ବିବେଚିତ ପରିବାର ବୋଲି ରିପୋର୍ଟରେ ମଞ୍ଜୁରୀ ଦେଇଥିଲେ । ଦୁଖର ବିଷୟ ଅସହାୟ ଅବସ୍ଥାରେ ଥିବା ସେ ପରିବାର ଗୁଡିକୁ ଆଦି ପର୍ଯ୍ୟନ୍ତ ଥଇଥାନ କରାଯାଇ ନାହିଁ । ଏହାର ପ୍ରତିବାଦ କରି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିଡାନାସୀ ନୂଆସାହିର ବହୁ ସଂଖ୍ୟାରେ ବସ୍ତି ବାସିନ୍ଦା ଗଣ ଧାରଣାରେ ବସିଛନ୍ତିଛ କମିଶନର ନିର୍ଭର ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ । ବସ୍ତି ବାସିନ୍ଦାମାନଙ୍କୁ ଜାଗା ମିଶନରେ ସାମିଲ ଥିବା ୧୭ଟି ପରିବାରକୁ ସିଏମସି ଘୋଷଣା ଅନୁଯାୟୀ ଧବଳେଶ୍ୱର ଗଡାରେ ଥଇଥାନ ଓ ବସ୍ତି ବାସିନ୍ଦାମାନଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ ଜାଗା ଦେବା ସହ ପଟ୍ଟା ଦେବା ଇତ୍ୟାଦି ଦାବି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କରାଯାଇଛି । ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ବାମପନ୍ଥୀ ନେତା ବିଶ୍ୱାବସୁ ଦାସ ଧାରଣା ସ୍ଥଳରେ ବକ୍ତବ୍ୟ ଦେଇଥିଲେ । ବସ୍ତି ନେତା ଦିପକ ଦାସ, ରଘୁନାଥ ପତି, ସୁକାନ୍ତ ମହାରଣା, ଯୁଧିଷ୍ଠିର ବାରିକ, ପ୍ରକାଶ ଚନ୍ଦ୍ର ମଲିକ, ପ୍ରଭା ମଲିକ, ସଂଜୟ ମଲ୍ଲିକ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅପରାହ୍ନରେ ସିଏମସି କମିଶନର ଓ ମେୟରଙ୍କ ସହ ଆଲୋଚନା ଏବଂ ଉଭୟଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା ।

## ପୋକୋର ସର୍ବଶେଷ ସ୍ମାର୍ଟଫୋନ୍ ଏମ୍‌୭, ୫ଜିର ବଜାର ପ୍ରବେଶ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଉପଭୋକ୍ତା ଟେକ୍ନୋଲୋଜି ବ୍ରାଣ୍ଡ ମଧ୍ୟରୁ ପୋକୋ ଏହାର ସର୍ବଶେଷ ସ୍ମାର୍ଟଫୋନ୍ ପୋକୋ ଏମ୍‌୭, ୫ଜିର ବଜାର ପ୍ରବେଶ କରିବାକୁ ଯାଉଛି । ଯାହା ବିଗ୍ ଶୋକୁ ସେଗମେଣ୍ଟକୁ ଆଣିଛି । ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଏବଂ ନିରବିହୀନ ମଲ୍ଟିଟାସ୍କିଂ ଉପରେ ଧ୍ୟାନ ଦେଇ, ପୋକୋ ଏମ୍‌୭ ୫ ଜି ଏହାର ସେଗମେଣ୍ଟରେ ଏକମାତ୍ର ସ୍ମାର୍ଟଫୋନ୍ ଭାବରେ ୧୨ଜିବି ରାମ (୬ ଜିବି ଜିବି ଟର୍ବୋରାମ) ଏବଂ ସ୍ନାପଡ୍ରାଗନ୍ ୪ ଜେନ ୨ ସଞ୍ଚାଳକକୁ ଦର୍ଶାଉଛି ।

ଏକ ଅନୁପଯୁକ୍ତ ଉପଭୋକ୍ତା ଅଭିଜ୍ଞତା ପ୍ରଦାନ କରିବାକୁ ପରିକଳ୍ପିତ, ପୋକୋ ଏମ୍ ୭ ୫ ଜି ନିରବିହୀନ ମଲ୍ଟିଟାସ୍କିଂ, ସୁଗମ କାର୍ଯ୍ୟଦକ୍ଷତା ଏବଂ ଅନୁପଯୁକ୍ତ ଦକ୍ଷତା ବିତରଣ କରିଥାଏ, ଯାହାକି ଏହାକୁ ନିଜ ବର୍ଗରେ ଏକ ଖେଳ ପରିବର୍ତ୍ତନକାରୀ କରିଥାଏ ଗତକାଲି ପୋକୋ ଇଣ୍ଡିଆର ସୋସିଆଲ ମିଡିଆରେ ଏକ ସ୍ୱତନ୍ତ୍ର କେଭି ଡ୍ରପ୍ ମାଧ୍ୟମରେ ଡିଭାଇସର ପ୍ରଥମ ଲୁକ୍ ଉନ୍ମୋଚିତ ହେବା ସହିତ ଉତ୍ସାହ ସୃଷ୍ଟି ହୋଇସାରିଛି ।

### ବିଶ୍ୱ ମହିଳା ଦିବସ ୨୦୨୫ ଉପଲକ୍ଷେ

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ୱାକାଥନ୍

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ମହିଳା ଦିବସ ୨୦୨୫ ଉପଲକ୍ଷେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଏକ ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ସହୀଦ ନଗର ପୂଜା ମଣ୍ଡପ ଠାରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୩ କି.ମି ପର୍ଯ୍ୟନ୍ତ ଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ନାରୀ




ଅଧିକାର, ସ୍ୱାସ୍ଥ୍ୟ ଓ ସଶକ୍ତିକରଣ ଉପରେ ସ୍ଲୋଗାନ ଦେଇଥିବା ସହ ବ୍ୟାନର ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ଭେଶ ରଞ୍ଜନ, ଉପ ଅଞ୍ଚଳ ମୁଖ୍ୟ ୱାଇ ଭେଙ୍କଟେସ୍ୱରଲୁ, ଉପ ଅଞ୍ଚଳ ମୁଖ୍ୟ ହରିନ୍ଦର ସିଂ ସାନ୍ଧୁଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ମହିଳା ଅନ୍ତର୍ଭୁକ୍ତିକରଣ ତଥା ନାରୀ ସହାୟକ ସମାଜର ଗଠନର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ୱାକାଥନ୍ ମହିଳା ଦିବସର ଅର୍ଥକୁ ଯଥାର୍ଥ କରିବା ସହିତ ଲିଙ୍ଗଗତ ସମାନତା ଓ ସାମାଜିକ ପ୍ରଗତି ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଥିଲା ।

# ପାକିସ୍ତାନୀ କହିବା ଫୌଜଦାରୀ ମାମଲା ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : କାହାକୁ ପାକିସ୍ତାନୀ ଏବଂ ମିଆଁ-ତିଆଁ କହିବା ଫୌଜଦାରୀ ମାମଲା ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି । ଜଣେ ୮୦ ବର୍ଷର ବୃଦ୍ଧଙ୍କୁ ଏଭଳି ସମ୍ବୋଧନ ନେଇ ଆସିଥିବା ମାମଲାରେ ସୁପ୍ରିମ୍‌କୋର୍ଟ ଏଭଳି ରାୟ ଦେଇଛନ୍ତି । ଆବେଦନକାରୀ ଦର୍ଶାଇଥିଲେ ଯେ ତାଙ୍କୁ ଏଭଳି ଭାଷାରେ ସମ୍ବୋଧନ କରିବା ଦ୍ୱାରା ତାଙ୍କ ଧାର୍ମିକ ଭାବନା ଆହତ ହୋଇଛି । ତେବେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ନିଃସନ୍ଦେହ ଏଭଳି ମନ୍ତବ୍ୟ ଅତ୍ୟନ୍ତ ଅରୁଚିକର । ତେବେ କୌଣସି ଧାର୍ମିକ ଭାବନାକୁ ଏହା ଆଘାତ କରେନାହିଁ ବୋଲି ଜଷ୍ଟିସ୍ ବିଭି ନାଗରନ୍ ଓ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ।



ଝାଡଖଣ୍ଡର ବୋକାରୋରେ ଏକ ଏତଲା ମହମ୍ମଦସାମୀ ଉଦ୍ଦିନ୍ ରୁଜୁ କରିଥିଲେ । ଏଥିରେ ହରିନନ୍ଦନ ସିଂହ ନାମକ ୮୦ ବର୍ଷୀୟ ବୃଦ୍ଧ ତାଙ୍କୁ ସାମ୍ପ୍ରଦାୟିକ ଭାଷାରେ ଗାଳିଗୁଲଜ କରି ଅପମାନ କରିଥିଲେ । ଅଫିସରେ କାର୍ଯ୍ୟ କରିବା ସମୟରେ ତାଙ୍କୁ ଏଭଳି ମନ୍ତବ୍ୟ ଦିଆଯାଇଥିଲା । ଏହି ମାମଲାର ତଦନ୍ତ କରାଯାଇ ପୋଲିସ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ମାଜିଷ୍ଟ୍ରେଟ୍ ୨୦୨୧ ଜୁଲାଇରେ ଏହାକୁ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରି ଅଭିଯୁକ୍ତଙ୍କୁ ସମନ କରିଥିଲେ ।

ତେବେ ସିଂହ ଏଭଳି ଅଭିଯୋଗକୁ ଖାରଜ କରିଥିଲେ । ଏ ସମ୍ପର୍କରେ ଝାଡଖଣ୍ଡ ହାଇକୋର୍ଟରେ ସେ ବିଫଳ ହେବାପରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ । ସୁପ୍ରିମ୍‌କୋର୍ଟ ପକ୍ଷରୁ ଏହାକୁ ବିଚାର କରାଯାଇଥିଲା । ଶ୍ରୀ ସିଂହ ଯେଉଁ ମାନହାନୀ ସୂଚକ ମନ୍ତବ୍ୟ ଦେଇଛନ୍ତି ତାହା ଆଇପିସିର ଧାରା ୨୯୮ ଅନୁଯାୟୀ କୌଣସି ଅପରାଧକୁ ଦର୍ଶାଉନାହିଁ । ଖଣ୍ଡପୀଠ କହିଥିଲେ ଯେ ଅପରାଧିକ ଶକ୍ତି ପ୍ରୟୋଗ କଲାଭଳି କୌଣସି ତଥ୍ୟ ମିଳୁନାହିଁ ।

# ବିଦେଶୀ ନିବେଶକ ଚୀନ ମୁହାଁ

## ଭାରତରୁ ଉଠାଇ ନେଉଛନ୍ତି ଜମାରାଶି

ନୂଆଦିଲ୍ଲୀ: ଭାରତଠୁ ମୁହଁ ଫେରାଇ ନେଉଛନ୍ତି ବିଦେଶୀ ନିବେଶକ । ଗତ ୫ ମାସ ମଧ୍ୟରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପ୍ରାୟ ୩୭ ବିଲିୟନ ଡଲାର ପ୍ରତ୍ୟାହାର କରିସାରିଛନ୍ତି । ତେବେ ଏଫ୍ଆଇଆଇ ୩୪,୫୭୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ । ଏହା ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଟଙ୍କା ପ୍ରତ୍ୟାହାର କରିବା ପରେ କେଉଁଠି ନିବେଶ କରୁଛନ୍ତି ? ବର୍ତ୍ତମାନ, ବିଦେଶୀ ନିବେଶକଙ୍କ ମଧ୍ୟରେ ଏକ ଟ୍ରେଣ୍ଡ ଚାଲିଛି 'ଭାରତରେ ବିକ୍ରି କରନ୍ତୁ, ଚୀନରେ କିଣନ୍ତୁ' । ଏହି ନାରା ବା ଟ୍ରେଣ୍ଡ ଯୋଗୁ, ଭାରତୀୟ ବଜାର ନିରନ୍ତର ଭାବେ ତଳକୁ ଖସି ଖସି ଚାଲିଛି ।




ଅନ୍ୟପଟେ ଚୀନ୍ ବଜାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଅକ୍ଟୋବର ୨୦୨୪ ପରଠାରୁ ଭାରତୀୟ ବଜାରର ମାର୍କେଟ୍ କ୍ୟାପ୍ ଯଥେଷ୍ଟ ହ୍ରାସ ପାଇଛି । କିନ୍ତୁ ଅନ୍ୟପଟେ ଚୀନର ମାର୍କେଟ୍ କ୍ୟାପ୍ ଲଗାତାର ବୃଦ୍ଧି ପାଇ ପ୍ରାୟ ୨ ଟ୍ରିଲିୟନ ଡଲାର ବୃଦ୍ଧି ହୋଇଛି । ଗତ କିଛି ମାସ ମଧ୍ୟରେ ଚୀନର ସେୟାର ବଜାର ଏକ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି, ଯାହା ନିବେଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଗୋଟିଏ ମାସରେ ୧୬ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଭାରତର ନିଫ୍ଟି ୨ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଚୀନ୍ କମ୍ପାନୀଗୁଡ଼ିକର କମ ମୂଲ୍ୟାଙ୍କନ ଏବଂ ଅଧିକ ଆୟ ନିବେଶକମାନଙ୍କୁ ଆକର୍ଷିତ କରିଛି, ବିଶେଷକରି ଆଲିବାବା ଏବଂ ଲେନୋଭୋ ଭଳି କମ୍ପାନୀଗୁଡ଼ିକର ପ୍ରଦର୍ଶନ ଚୀନ୍ ବଜାରକୁ ବିଦେଶୀ ନିବେଶକମାନଙ୍କୁ ଆକର୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଭାରତୀୟ ଷ୍ଟକ୍ ବଜାରରେ ଗତ କିଛି ମାସ ମଧ୍ୟରେ ଏକ ବଡ଼ ହ୍ରାସ ଘଟିଛି, ଯାହା ଭାରତୀୟ ବଜାର ପ୍ରତି ବିଦେଶୀ ନିବେଶକଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛି । ଅକ୍ଟୋବର ୨୦୨୪ ପରଠାରୁ ଭାରତୀୟ ଷ୍ଟକ୍ ବଜାର ଏକ ଟ୍ରିଲିୟନ ଡଲାରରୁ ଅଧିକ ପୁଞ୍ଜି ହରାଇଛି, ଯେତେବେଳେ ଚୀନ୍ ସେହି ସମୟ ମଧ୍ୟରେ ଦୁଇ ଟ୍ରିଲିୟନ ଡଲାର ଲାଭ କରିଛି । ଏହି ହ୍ରାସ ଏବଂ ଅନିଶ୍ଚିତତା ନିବେଶକମାନଙ୍କୁ ଭାରତୀୟ ବଜାରରୁ ଦୂରେଇ ନେଉଛି ।

# ସିଂହ ଗଣନା ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଗିର: ଚଳିତ ବର୍ଷ ମେ ମାସରେ ଭାରତରେ ଏସୀୟ ସିଂହ ସଂଖ୍ୟା ଗଣନା ହେବ । ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାସନରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକରେ ଅଧ୍ୟକ୍ଷତା କରି ଏହି ଘୋଷଣା କରିଛନ୍ତି ।

ସକାଳେ ଗିର ଜାତୀୟ ଉଦ୍ୟାନରେ ସିଂହ ସଫାରି ବୁଲିବା ପରେ ମୋଦୀ ଗୁଜରାଟର ଜୁନାଗଡ଼ ଜିଲ୍ଲାର ସାସନଠାରେ ଏନ୍‌ବିଡବ୍ଲ୍ୟୁଏଲ୍ ବୈଠକକୁ ଯାଇଥିଲେ । ବୈଠକରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।



ଏହି ଅବସରରେ ମୋଦୀ ଜୁନାଗଡ଼ଠାରେ ନ୍ୟାସନାଲ ରେଫରାଲ ସେଣ୍ଟର-ୱାଇଲ୍ଡ ଲାଇଫର ଶିଳାନ୍ୟାସ କରିବା ସହ ଚଳିତ ବର୍ଷ ମେ ମାସରେ ହେବାକୁ ଥିବା ୧୬ଶ ଏସୀୟ ସିଂହ ସଂଖ୍ୟା ଗଣନା ଘୋଷଣା କରିଥିଲେ । ତାମିଲନାଡୁର କୋଏମ୍ବାଟୁରଠାରେ ମାନବ-ବନ୍ୟଜନ୍ତୁ ସଂଘର୍ଷ ପରିଚାଳନା କେନ୍ଦ୍ର, ଏସ୍ଏସିଓଏନ୍ ପ୍ରତିଷ୍ଠା ପାଇଁ ଘୋଷଣା କରିବା ସହ ନଦୀ ଡଲଫିନ୍ ଉପରେ ଏକ ପୁସ୍ତକ ଉନ୍ମୋଚନ କରିଥିଲେ ।

ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ସରକାରଙ୍କୁ ପରାମର୍ଶ ଦେଉଥିବା ଏକ ବୈଧାନିକ ସଂସ୍ଥା ଏନ୍‌ବିଡବ୍ଲ୍ୟୁଏଲର ସେନା ମୁଖ୍ୟ, ବିଭିନ୍ନ ରାଜ୍ୟର ସଦସ୍ୟ, ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଏବଂ ବିଭିନ୍ନ ରାଜ୍ୟର ସଚିବଙ୍କୁ ମିଶାଇ ୪୭ ଜଣ ସଦସ୍ୟ ଅଛନ୍ତି । ପ୍ରଧାନମନ୍ତ୍ରୀ ଏନ୍‌ବିଡବ୍ଲ୍ୟୁଏଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବୋର୍ଡର ଉପାଧ୍ୟକ୍ଷ ଅଟନ୍ତି ।

# ହିମାନୀଙ୍କୁ ମୋବାଇଲ୍ ଚାଜର୍ ତାରରେ ହତ୍ୟା

ନୂଆଦିଲ୍ଲୀ: ଜଣେ ଯୁବ କଂଗ୍ରେସ କର୍ମୀ, ଉଦୀୟମାନ ରାଜନେତା ଏବଂ ସୋସିଆଲ ମିଡିଆ କ୍ରିଏଟର ହିମାନୀ ନରୱାଲଙ୍କୁ ହତ୍ୟା ମାମଲାରେ ହରିୟାଣା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ଝାଜ୍ଜର ଜିଲ୍ଲାର । ସେ ମୋବାଇଲ ଚାର୍ଜର ବ୍ୟବହାର କରି ହିମାନୀଙ୍କୁ ହତ୍ୟା କରିଛି ବୋଲି ପୁଲିସ କହିଛି । ଅଭିଯୁକ୍ତ ବିବାହିତ ଏବଂ ସେ ଝାଜ୍ଜରରେ ଏକ ମୋବାଇଲ ଦୋକାନ ଖୋଲିଛି । ସୋସିଆଲ ମିଡିଆ ଦ୍ୱାରା ହିମାନୀ ଏବଂ ଅଭିଯୁକ୍ତର ଦେଖା ହୋଇଥିଲା । ଅଭିଯୁକ୍ତର ନାଁ ସଚିନ ବୋଲି ଜଣାପଡ଼ିଛି । ହିମାନୀ ବିଜୟ ନଗର ରୋହତକରେ ଏକାକୀ ରହନ୍ତି ।



ଫେବୃଆରୀ ୨୭ ତାରିଖରେ ସଚିନ ହିମାନୀଙ୍କ ନିକଟକୁ ତାଙ୍କ ଘରକୁ ଆସିଥିଲେ । ସେମାନଙ୍କ ମଧ୍ୟରେ କ'ଣ ବଚସା ହୋଇଥିଲା ଏବଂ ସଚିନ ତାଙ୍କୁ ମୋବାଇଲ୍ ଚାର୍ଜର ତାରରେ ହତ୍ୟା କରିଥିଲା ବୋଲି ପୁଲିସ କହିଛି । ଅଭିଯୁକ୍ତ ଏହାପରେ ହିମାନୀଙ୍କ ଫୋନ୍, ଗହଣା ଏବଂ ଲାପଟପ୍ ନେଇଯାଇଥିଲା । ହିମାନୀଙ୍କ ମର ଶରୀରକୁ ସେ ଏକ ସୁଟକେସରେ ପୂରାଇ ସାମ୍ପଲା ବସ୍ ଷ୍ଟାଣ୍ଡ୍ ନିକଟ ଏକ ବୁଦା ମୂଳରେ ଫୋପାଡ଼ି ଦେଇ ଯାଇଥିଲା । ପୁଲିସ ସୂଚନାନୁଯାୟୀ ହିମାନୀ ଏବଂ ସଚିନଙ୍କ ମଧ୍ୟରେ ଆର୍ଥିକ କାରବାର ହୋଇଥିଲା । ସେଦିଗରେ ମଧ୍ୟ ପୁଲିସ ତଦନ୍ତ କରିବ । ପୁଲିସ ଅଭିଯୁକ୍ତର ହାତରେ କାମୁଡ଼ା ଦାଗ ଚିହ୍ନଟ କରିଛି ।

ଉଲ୍ଲେଖଯୋଗ୍ୟ ଯେ ହରିୟାଣା ପୁଲିସ ଏହି ମାମଲାର ତଦନ୍ତ ପାଇଁ ଏକ ଏସ୍ଆଇଟି ଗଠନ କରିଛି । ଆଜି ପୁଲିସ ସଚିନର ବୟାନ ରେକର୍ଡ କରିବା ସମୟରେ ସେ କହିଛି ଯେ ହିମାନୀ ତାକୁ ବ୍ଲାକମେଲ୍ କରିବାରୁ ଏବଂ ଦାବାବଟି ମାଗିବାରୁ ସେ ହତ୍ୟା କରିଦେଇଛି । ଅନ୍ୟପକ୍ଷେ ହିମାନୀଙ୍କ ମା' କହିଛନ୍ତି, ଖୁବ୍ କମ୍ ସମୟ ମଧ୍ୟରେ ହିମାନୀ ତାଙ୍କ ରାଜନୈତିକ କ୍ୟାରିୟରରେ ଆଗକୁ ବଢ଼ିବାରୁ ଶତ୍ରୁତା କରି ତାଙ୍କୁ ହତ୍ୟା କରାଯାଇଛି । ହିମାନୀ କଂଗ୍ରେସର ଜଣେ ସକ୍ରିୟ କର୍ମୀ ଏବଂ ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରାରେ ମଧ୍ୟ ସେ ଯୋଗ ଦେଇଥିଲେ ।

# ତମ ବାପାଙ୍କୁ ମୁଁ ଗଢିଥିଲି, ତୁମକୁ ବି : ନୀତୀଶ

ପାଟନା : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ବିଧାନସଭାରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି । ବିଶେଷକରି ସେ ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ୍ କରିଥିଲେ । ସେ କହିଥିଲେ, ପୂର୍ବରୁ ବିହାରରେ କ'ଣ ଥିଲା? ମୁଁ ଆପଣଙ୍କ ପିତା(ଲାଲୁ)ଙ୍କୁ ବି ଗଢିଥିଲି । ତୁମେ ଦୁଇଥର ଗଡ଼ବଡ଼ କରିଥିଲ, ସେଥିପାଇଁ ହଟାଇଦେଇଥିଲୁ ।



ମୁଖ୍ୟମନ୍ତ୍ରୀ ନୀତୀଶ କହିଛନ୍ତି, ଆମେ ବିହାରରେ ଡାକ୍ତରଖାନା ନିର୍ମାଣ କରିଛୁ, ରାସ୍ତା ନିର୍ମାଣ କରିଛୁ ଏବଂ ପୋଲିସ ଫୋର୍ସ ସଂଖ୍ୟା ବୃଦ୍ଧି କରିଛୁ । ଏବେ ୪ ଘଣ୍ଟା ମଧ୍ୟରେ ବିହାରର ଯେକୌଣସି ପ୍ରାନ୍ତରୁ ପାଟନାରେ ପହଞ୍ଚିବା ସମ୍ଭବ । ସେ ଆହୁରି ମଧ୍ୟ କହିଥିଲେ, ଆରଜେଡି ଶାସନ କାଳରେ କିଛି ହୋଇନଥିଲା । କେବଳ ଜାତି ଓ ଧର୍ମକୁ ନେଇ ବିବାଦ ଲାଗି ରହିଥିଲା । ଏପରିକି ତୁମ ଜାତିର ଲୋକମାନେ ମୋତେ ପଚାରୁଥିଲେ ଯେ ମୁଁ କାହିଁକି ଏପରି କରୁଛି, କିନ୍ତୁ ତଥାପି ମୁଁ ତାଙ୍କୁ ଗଢିଥିଲି ।

# ପୁଟିନଙ୍କଠାରୁ ବେଆଇନ ପ୍ରବାସୀ ବଡ଼ ବିପଦ: ଟ୍ରମ୍ପ

ୱାଶିଂଟନ: ବେଆଇନ ପ୍ରବାସୀଙ୍କ ବିରୋଧରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର କହିଛନ୍ତି ଯେ ତାଙ୍କର ପ୍ରାଥମିକ ଚିନ୍ତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନୁହନ୍ତି ବରଂ ବେଆଇନ ପ୍ରବାସକୁ ରୋକିବା ।



ସୋସିଆଲ୍ ମିଡିଆ ଟ୍ରୁଥରେ ଏକ ପୋଷ୍ଟରେ ଟ୍ରମ୍ପ୍ ଲେଖିଛନ୍ତି, 'ଆମେ ପୁଟିନଙ୍କ ବିଷୟରେ ଚିନ୍ତା କରିବା ପାଇଁ କମ୍ ସମୟ ବିତାଇବା ଉଚିତ ଏବଂ ପ୍ରବାସୀ ଦୁଷ୍କର୍ମକାରୀ ଗ୍ୟାଙ୍ଗ୍, ଡ୍ରଗ୍ସ ମାଫିଆ, ହତ୍ୟାକାରୀ ଓ ମାନସିକ ରୋଗୀମାନେ ଆମ ଦେଶରେ ପ୍ରବେଶ କରିବା ବିଷୟରେ ଚିନ୍ତା କରିବା ଉଚିତ ।

ଏହିଭଳି ଲୋକ ଆମ ଦେଶକୁ ୟୁରୋପ ଭଳି କରିଦେବେ । ଏହା ପୂର୍ବରୁ ଟ୍ରମ୍ପ ଅନ୍ୟ ଏକ ପୋଷ୍ଟରେ ଦାବି କରିଥିଲେ ଯେ ସେ ତାଙ୍କ କାର୍ଯ୍ୟକାଳର ପ୍ରଥମ ମାସ ମଧ୍ୟରେ ବେଆଇନ ପ୍ରବାସୀଙ୍କ ସଂଖ୍ୟାକୁ ଐତିହାସିକ ସର୍ବନିମ୍ନ ସ୍ତରକୁ ଆଣିବାରେ ସଫଳ ହୋଇଛନ୍ତି । ତାଙ୍କ ପୂର୍ବବର୍ତ୍ତୀ ଜୋ ବାଇଡେନଙ୍କ ତ୍ରୁଟିପୂର୍ଣ୍ଣ ଇମିଗ୍ରେସନ ନୀତି ଯୋଗୁ ଆମ ଦେଶରେ ବେଆଇନ ପ୍ରବାସୀ ସମସ୍ୟା ଦେଖାଦେଇଛି ବୋଲି ଟ୍ରମ୍ପ କହିଛନ୍ତି ।

ମୋ ପ୍ରଶାସନର ନୀତି ଯୋଗୁଁ ସମସ୍ତ ବେଆଇନ ପ୍ରବାସୀଙ୍କ ପାଇଁ ସୀମା ବନ୍ଦ ରହିଛି । ଯିଏ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିବାକୁ ଚେଷ୍ଟା କରିବ, ତାଙ୍କୁ ଆପରାଧିକ ଦଣ୍ଡ ସହ ତୁରନ୍ତ ଦେଶାନ୍ତର କରାଯିବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି ।

# ଚୀନ ପ୍ରତିରକ୍ଷା ବଜେଟ ବଢ଼ିବ

ବେଜିଂ: ଚୀନ୍ ନିଜର ପ୍ରତିରକ୍ଷା ବଜେଟ୍ ବଢ଼ାଇବ ବୋଲି ସଙ୍କେତ ଦେଇଛି । ନ୍ୟାସନାଲ ପିପୁଲ୍ସ କଂଗ୍ରେସରେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗଙ୍କ ଦ୍ୱାରା ଉପସ୍ଥାପିତ ହେବାକୁ ଥିବା ମୁଖ୍ୟ ବଜେଟର ଏକ ଅଂଶ ଭାବରେ ବୁଧବାର ଚୀନ୍ ଏହାର ପ୍ରତିରକ୍ଷା ଖର୍ଚ୍ଚର ବିବରଣୀ ଉପସ୍ଥାପନ କରିବ । ଗତ ବର୍ଷ ଚୀନ୍ ନିଜର ପ୍ରତିରକ୍ଷା ବଜେଟ୍ କୁ ୭.୨ ପ୍ରତିଶତ ବୃଦ୍ଧି କରି ପାଖାପାଖି ୨୩୨ ବିଲିୟନ ଆମେରିକୀୟ ଡଲାର (୧.୬୭ ଟ୍ରିଲିୟନ ୟୁଆନ୍)କୁ ବୃଦ୍ଧି କରିଥିଲା, ଯାହା କି ଭାରତର ପ୍ରତିରକ୍ଷା ବଜେଟର ତିନି ଗୁଣରୁ ଅଧିକ ।



ଚୀନ୍ ତା'ର ସମସ୍ତ ସଶସ୍ତ୍ର ବାହିନୀର ବ୍ୟାପକ ଆଧୁନିକୀକରଣ ଜାରି ରଖିଛି । ବିମାନବାହୀ ଜାହାଜ ନିର୍ମାଣ, ଉନ୍ନତ ନୌସେନା ଜାହାଜ ଏବଂ ଆଧୁନିକ ଷ୍ଟେଲଥ୍ ବିମାନର ଦ୍ରୁତ ନିର୍ମାଣ ସମେତ ବ୍ୟାପକ ସାମରିକ ଆଧୁନିକୀକରଣ ପରିପ୍ରେକ୍ଷୀରେ ଚୀନର ପ୍ରତିରକ୍ଷା ବଜେଟରେ ଥିବା ତଥ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖୁଛି । ନ୍ୟାସନାଲ ପିପୁଲ୍ସ କଂଗ୍ରେସ (ଏନପିସି)ର ମୁଖପାତ୍ର ଲୁ କିନଜିଆନ ଗଣମାଧ୍ୟମକୁ କହିଛନ୍ତି ଯେ ଶାନ୍ତି ରକ୍ଷା ପାଇଁ ଶକ୍ତି ଆବଶ୍ୟକ ।''

# ପେଟିଏମରେ ୬୧୧ କୋଟିର ଅନିୟମିତତା


ନୂଆଦିଲ୍ଲୀ : ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଫେମା), ୧୯ର ଉଲ୍ଲଂଘନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୱାନ୍୯୭ କମ୍ୟୁନିକେସନ୍ ଲିମିଟେଡ୍ (ପେଟିଏମର ମୂଳ କମ୍ପାନୀ) ଏବଂ ଏହାର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ସଂପୃକ୍ତ କମ୍ପାନିଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ (ଏସସିଏନ୍) ଜାରି କରିଛି । ଏହି ମାମଲାରେ ସମୁଦାୟ ୬୧୧ କୋଟି ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ।




ଇଡିର ଅନୁସନ୍ଧାନରୁ ଜଣାପଡିଛି ଯେ ୱାନ୍୯୭ କମ୍ୟୁନିକେସନ୍ ଲିମିଟେଡ୍ (ଓସିଏଲ୍) ସିଙ୍ଗାପୁରରେ ବିଦେଶୀ ପୁଞ୍ଜିନିବେଶ କରିଥିଲା କିନ୍ତୁ ଆବଶ୍ୟକ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ରିପୋର୍ଟ କରିନଥିଲା । ଏହାବ୍ୟତୀତ କମ୍ପାନୀ ବିଦେଶୀ ନିବେଶକଙ୍କଠାରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଥିଲେ ମଧ୍ୟ ଆରବିଆଇ ଦ୍ୱାରା ଧାର୍ଯ୍ୟ ନିୟମପାଳନ କରିନଥିଲା । ଇଡିର ଅନୁସନ୍ଧାନରୁ ଜଣାପଡିଛି ଯେ ୱାନ୍୯୭ କମ୍ୟୁନିକେସନ୍ ଲିମିଟେଡ୍ (ଓସିଏଲ୍) ସିଙ୍ଗାପୁରରେ ବିଦେଶୀ ପୁଞ୍ଜିନିବେଶ କରିଥିଲା । କିନ୍ତୁ ଆବଶ୍ୟକ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)କୁ ରିପୋର୍ଟ କରିନଥିଲା । ଏହାବ୍ୟତୀତ କମ୍ପାନୀ ବିଦେଶୀ ନିବେଶକଙ୍କଠାରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଥିଲେ ମଧ୍ୟ ଆରବିଆଇ ଦ୍ୱାରା ଧାର୍ଯ୍ୟ ନିୟମପାଳନ କରିନଥିଲା । ଇଡି ଏହି ନୋଟିସ୍ ଜାରି କରି ଫେମା, ୧୯ ଅଧୀନରେ ବିଚାର (ନ୍ୟାୟିକ ପ୍ରକ୍ରିୟା) ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି । ଯଦି ତଦନ୍ତରେ ଉଲ୍ଲଂଘନ ପ୍ରମାଣିତ ହୁଏ, ତେବେ ଏହି କମ୍ପାନୀଗୁଡ଼ିକ ଉପରେ ପ୍ରବଳ ଜରିମାନା ଆଦାୟ କରାଯାଇପାରେ ।

# ରୁଷ୍ ବିରୋଧରେ ପେଣ୍ଟାଗନର 'ସାଇବର ଗୁଇନ୍ଦାଗିରି' ବନ୍ଦ ନିର୍ଦ୍ଦେଶ

ୱାସିଂଟନ୍: ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବା ପରେ ରୁଷ୍ ପ୍ରତି ଆମେରିକାର ଅନେକ କୂଟନୈତିକ ନୀତିରେ ପରିବର୍ତ୍ତନ ଆସିଛି । ନିକଟରେ ରୁଷ୍ ବିରୋଧରେ ଆମେରିକା ଚଳାଇଥିବା 'ସାଇବର ଗୁଇନ୍ଦାଗିରି' ବନ୍ଦ କରିବାକୁ ଆମେରିକା ପ୍ରତିରକ୍ଷା ବିଭାଗ ମୁଖ୍ୟ ପିଟେ ହେଗ୍ସେଥ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ପେଣ୍ଟାଗନ୍‌ର ସାଇବର କମାଣ୍ଡ ମୁଖ୍ୟ ଜେନେରାଲ୍ ତିମୋଥି ହଗ୍‌ଙ୍କୁ ପ୍ରତିରକ୍ଷା ସଚିବ ହେଗ୍ସେଥ୍ ରୁଷ୍ ବିରୋଧରେ ସାଇବର ପ୍ରତିରକ୍ଷା ଓ ଗୁଇନ୍ଦା ଅଭିଯାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ରୁଷ୍ ପକ୍ଷରୁ ଆମେରିକା ପ୍ରତି କେଣସି ସାଇବର ଆକ୍ରମଣର ଭୟ ନଥିବାରୁ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଅପରପକ୍ଷରେ ଆମେରିକାର ବିଦେଶ ବିଭାଗର ଡେପୁଟି ଆସିଷ୍ଟାଣ୍ଟ ସେକ୍ରେଟାରି (ଅନ୍ତଃରାଷ୍ଟ୍ରୀୟ ସାଇବର ସ୍ପେସ୍ ସିକ୍ୟୁରିଟି) ଲେସିଲ୍ ଫ୍ରାନ୍ସ କହିଛନ୍ତି, ବିପଦ ରୁଷ୍ ଠାରୁ ନୁହେଁ ବରଂ ଚୀନ ଓ ଇରାନ୍ ଠାରୁ ରହିଛି ।

ତେବେ ରାଜନୈତିକ ସମୀକ୍ଷକଙ୍କ ମତାନୁସାରେ, ୟୁକ୍ରେନ୍ ସହ ଯୁଦ୍ଧବିରତି ଚୁକ୍ତି ଓ ରୁଷ୍ ସହ ନିକଟତର ହେବା ନିମନ୍ତେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଭଳି 'ବୃହତ୍ତର ପଦକ୍ଷେପ' ନେଇଛନ୍ତି ।

# କଳାପଟି ପିନ୍ଧିଲେ ଭାରତୀୟ ଖେଳାଳି



ଦୁବାଇ, ୪।୩ (ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଛି । ଏହି ମ୍ୟାଚ୍‌ରେ ଭାରତୀୟ ଖେଳାଳି ହାତରେ କଳାପଟି ପିନ୍ଧି ପଡ଼ିଆକୁ ଓହ୍ଲାଇଛନ୍ତି । ଘରୋଇ କ୍ରିକେଟର କିମ୍ବଦନ୍ତୀ ଖେଳାଳି ଶିବାଲ କରଙ୍କ ସ୍ମୃତି ଓ ସମର୍ଥନରେ ବାମ ହାତରେ କଳାପଟି ପିନ୍ଧିଥିଲେ । ବାର୍ଦ୍ଧକ୍ୟଜନିତ କାରଣରୁ ଶିବାଲକରଙ୍କ ନିଧନ ହୋଇଥିଲା । ମୁମ୍ବାଇରେ ୮୪ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବିସିସିଆଇ ଟ୍ୱିଟରରେ ଏକ ପୋଷ୍ଟ କରି ଲେଖିଛି ଶିବାଲ କରଙ୍କ ସମ୍ମାନରେ ଭାରତୀୟ ଦଳର ଖେଳାଳି ହାତରେ କଳାପଟି ପିନ୍ଧି ଖେଳିଛନ୍ତି । ଘରୋଇ କ୍ରିକେଟରେ ଶିବାଲକର ଜଣେ ଚମତ୍କାର ସ୍ପିନର ଥିଲେ । ତାଙ୍କୁ ଭାରତ ପାଇଁ ଖେଳିବାର ସୁଯୋଗ ମିଳି ନଥିଲା । କାରଣ ସେ ବିଷନସିଂ ବେଦୀଙ୍କ ଭଳି ମହାନ ଖେଳାଳିଙ୍କ ଯୁଗରେ ଖେଳୁଥିଲେ । ଶିବାଲକର ୧୨୪ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ୫୮୯ ୱିକେଟ ନେଇଥିଲେ । ସେ ୧୯୬୧ରୁ ୧୯୮୮ ସିଜନ ଯାଏଁ ଘରୋଇ କ୍ରିକେଟ ଖେଳିଥିଲେ । ବାମହାତୀ ସ୍ପିନର ୨୨ ବର୍ଷ ବୟସରେ ରଣଜୀ ଟ୍ରଫିରେ ଡେବ୍ୟୁ କରି ୪୮ ବର୍ଷ ଯାଏଁ ଖେଳିଥିଲେ । ରଣଜୀରେ ସେ ୩୬୧ ୱିକେଟ ନେଇଥିଲେ । ଏଥିରେ ସେ ୧୧ଥର ୧୦ ୱିକେଟ ନେଇଥଲେ । ସେହିପରି ଲିଷ୍ଟ -ଏ'ରେ ୧୨ଟି ମ୍ୟାଚ୍ ଖେଳି ୧୬ ୱିକେଟ ନେଇଥିଲେ । ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୭ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ (ବିସିସିଆଇ) ତାଙ୍କୁ ସିକେ ନାୟୁଡୁ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲା ।

## ଚାମ୍ପିଅନ୍ସ ଟ୍ରଫି

# ପ୍ରତିଶୋଧ ନେଲା ଭାରତ

ଦୁବାଇ, ୪।୩ (ଏଜେନ୍ସି): ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ । ମଙ୍ଗଳବାର ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ହରାଇଛି ଭାରତ । ତେଣୁ ପରାଜୟ ସହ ଚଳିତ ଚାମ୍ପିଅନ୍ସ ଟ୍ରଫିରୁ ଅଭିଯାନ ଶେଷ କରିଛି ଅଷ୍ଟ୍ରେଲିଆ । ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ଦଳ ୪୯.୩ ଓଭରରେ ୨୬୪ ରନ କରି ଅଲଆଉଟ୍ ହୋଇଥିଲା । ଏହାର ଜବାବରେ ଭାରତ ୪୮.୧ ଓଭରରେ ୨୬୭/୬ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ୯୮ ବଲରୁ ୮୪ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।



୨୬୫ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତର ଦୁଇ ଓପନର ରୋହିତ ଶର୍ମା ଓ ଶୁଭମନ ଗିଲ ପ୍ରଥମ ୱିକେଟ ପାଇଁ ୩୦ ରନ ଯୋଡ଼ିଥିଲେ । ଗିଲ୍ ୮ ରନ କରି ପାଭିଲିଅନ ଫେରିଥିଲେ । ରୋହିତ ପୁଣିଥରେ ମିଳିଥିବା ଭଲ ଆରମ୍ଭକୁ ବଡ଼ ସ୍କୋର୍‌ରେ ପରିଣତ କରିପାରି ନଥିଲେ । ଦୁଇଥର ତାଙ୍କୁ ଜୀବନ ଦାନ ମିଳିଥିଲା । ସେ ୨୯ ବଲ୍‌ରୁ ୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୨୮ ରନ କରିଥିଲେ । ୪୩ ରନ୍‌ରେ ଦୁଇ ଓପନର ଆଉଟ ହେବାପରେ କୋହଲି ଓ ଶ୍ରେୟାସ ଆୟର ବ୍ୟାଟିଂ ମଙ୍ଗ ଧରିଥିଲେ । ଉଭୟ ତୃତୀୟ ୱିକେଟ ପାଇଁ ୯୧ ରନର ଦଳ ବିଜୟର ମୂଳଦୁଆ ପକାଇଥିଲେ । ୧୩୪ ରନରେ ଆୟର ବ୍ୟକ୍ତିଗତ ୪୫ ରନ କରି ପାଭିଲିଅନ ଫେରିଥିଲେ । ଅନ୍ୟପଟେ ବିରାଟ କୋହଲି ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ । କୋହଲି ଓ ଅକ୍ଷର ପଟେଲ ୪ର୍ଥ ୱିକେଟ ପାଇଁ ୪୪ ରନ ସଂଗ୍ରହ କରିଥିଲେ । ଅକ୍ଷର ୨୭ ରନ କରି ପାଭିଲିଅନ ଫେରିଥିଲେ । ଭାରତ ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ କୋହଲି ବଡ଼ ସଟ୍ ଖେଳିବାକୁ ଯାଇ ୮୪ ରନ କରି ଆଉଟ୍ ହୋଇଥିଲେ । ଶେଷଆଡ଼କୁ ମ୍ୟାଚ୍ ରୋମାଞ୍ଚକର ମୋଡ଼ ନେଇଥିଲା । ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରଣ ୨୮ ରନର ଇନିଂସ୍ ଖେଳି ବିଜୟ ସୁନିଶ୍ଚିତ କରିଥିଲେ । ରାହୁଲ ବିଜୟସୂଚକ ଛକା ମାରି ମ୍ୟାଚ୍ ଫିନିସ୍ କରିଥିଲେ । ରାହୁଲ ୩୪ ବଲରୁ ଦୁଇଟି ଛକା ସହ ୪୨ ରନ କରିଥିଲେ ।

ଏହାପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପାଇଁ ଓପନର ଟ୍ରେଭିସ୍ ହେଡ୍ ୩୪ ରନ, ଅଧିନାୟକ ଷ୍ଟିଭେନ ସ୍ମିଥ୍ ୯୬ ବଲ୍‌ରୁ ୭୩ ରନ, ମାର୍ନସ ଲୁବାସେନ ୨୯, ଜୋସ ଇଙ୍ଗିଲିସ ୧୧, ଆଲେକ୍ସ କାରେ ୬୧, ବେନ୍ ଡର୍ସୁଇ ୧୯, ନାଥନ ଇଂଲିସ୍ ୧୦ ରନ କରିଥିଲେ । ତେଣୁ ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୬୪ ରନରେ ସୀମିତ ରହିଥିଲା । ଭାରତର ମହମ୍ମଦ ସାମିଙ୍କୁ ୩ ୱିକେଟ, ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ, ହାର୍ଦ୍ଦିକ ପାଣ୍ଡ୍ୟା ତଥା ଅକ୍ଷର ପଟେଲଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

# ତୃଣମୂଳ ସ୍ତରରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ସାମଗ୍ରିକ ବିକାଶ ଆମର ପ୍ରାଥମିକତା : କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୪।୩ (ସବ୍ୟୁ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଓ ଯୁବସେବା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଗାମୀ ଦିନରେ ବ୍ଲକସ୍ତରରେ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ସମ୍ବନ୍ଧୀୟ ମାଷ୍ଟର ପ୍ଲାନର ସମୀକ୍ଷା କରିବା ସହିତ ତୃଣମୂଳ ସ୍ତରରେ କିପରି କ୍ରୀଡ଼ାର ବିକାଶ କରାଯାଇ ପାରିବ ସେ ସମ୍ବନ୍ଧରେ ସୁବିସ୍ତୃତ ଆଲୋଚନା କରିଥିଲେ ।




କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ବ୍ଲକସ୍ତରରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି । ଓଡ଼ିଶାର ପ୍ରତିଟି ବ୍ଲକରେ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯାଇଛି । ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା । କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା, କ୍ରୀଡ଼ା ପ୍ରତିଭାର ବିକାଶ କରିବା ସହିତ କ୍ରୀଡ଼ାବିତମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଉପରେ ଆମେ ଗୁରୁତ୍ୱାରୋପ କରୁଛୁ ।

ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସିଏମ-ଟ୍ରଫି ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଛି । ନିକଟ ଅତୀତରେ କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ହକି ପ୍ରୋ ଲିଗ ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ମଧ୍ୟ ସଫଳ ଭାବରେ କରାଯାଇଛି । ଚଳିତ ବର୍ଷ ନ୍ୟାସନାଲ ଗେମ୍ସରେ ଓଡ଼ିଶାର କ୍ରୀଡ଼ାବିତମାନେ ଭଲ ପ୍ରଦର୍ଶନ କରିବା ସହିତ ନ୍ୟାସନାଲ ଗେମ୍ସରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି । ଆଗାମୀ ଦିନରେ ଓଡ଼ିଶାର କ୍ରୀଡ଼ାବିତମାନେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା କ୍ରୀଡ଼ା ପ୍ରତିଯୋଗିତାରେ ପଦକ ଜିତି ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିବେ ତାହା ଲକ୍ଷ୍ୟ ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

ଏଥିସହିତ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ଏବଂ ତ୍ୱରାନ୍ୱିତ ଭାବେ ସମ୍ପାଦନ କରିବା ପାଇଁ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜିର ବୈଠକରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସାଉଥ୍ ଫିଲ୍ମରେ ଏଣ୍ଟ୍ରି କରିବେ ୱାର୍ଣ୍ଣର





ହାଇଦ୍ରାବାଦ, ୪।୩ (ଏଜେନ୍ସି): ଭାରତୀୟ ସିନେମାରେ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ଏଣ୍ଟ୍ରି କରିବାକୁ ଯାଉଛନ୍ତି । ସେ ସାଉଥ୍ ଫିଲ୍ମରେ ନିଜ ଅଭିନୟ ଯାଦୁ ଦେଖାଇବେ । ଡେଭିଡ ୱାର୍ଣ୍ଣର ଭାରତୀୟ ସିନେମାକୁ ପ୍ରସନ୍ଦ କରନ୍ତି । ସମୟ ସମୟରେ ଭାରତୀୟ ସିନେମାର ଆକ୍ସନ, ଦୃଶ୍ୟ ଏବଂ ଗୀତରେ ରିଲ୍ସ ତିଆରି କରି ପ୍ରଶଂସକଙ୍କୁ ଏଣ୍ଟରଟେନ୍ କରିଥାନ୍ତି । ଏବେ ୱାର୍ଣ୍ଣର ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ଆଣିଛନ୍ତି । ସେ ସାଉଥ୍ ସିନେ ଜଗତର ଲୋକପ୍ରିୟ ଅଭିନେତା ନୀତିନଙ୍କ ଆଗାମୀ ଫିଲ୍ମ ରବୀନ ହୁଡ୍‌ରେ ନଜର ଆସିବେ । ଏନେଇ ରବୀନ ହୁଡ୍‌ର ନିର୍ମାତା ସୂଚନା ଦେଇଛନ୍ତି ।

ଫିଲ୍ମ ରବୀନ ହୁଡ୍ ଭେଙ୍କି କୁଡୁମୁଲ୍ଲାଙ୍କ ଦ୍ୱାରା ନିର୍ମିତ ଏବଂ ଏହା ମୈତ୍ରୀ ମୁଭି ମେକର୍ସ ବ୍ୟାନରରେ ନିର୍ମିତ ହେଉଛି । ଏହି ବ୍ୟାନରରେ ପୁଷ୍ପା ଭଳି ମେଗା ମେଗା ବ୍ଲକ୍ ବଷ୍ଟର ଫିଲ୍ମ ନିର୍ମିତ ହୋଇଛି । ଏହି ଫିଲ୍ମରେ ନୀତଙ୍କ ବିପକ୍ଷରେ ଅଭିନେତ୍ରୀ ଶ୍ରୀଲିଲା ମୁଖ୍ୟ ଚରିତ୍ରରେ ଅଭିନୟ କରିବେ । ଏହି ଫିଲ୍ମଟି ତେଲଗୁ ଭାଷାରେ ନିର୍ମିତ ହେବ । ଡେଭିଡ୍ ୱାର୍ଣ୍ଣର ଏହି ଫିଲ୍ମରେ ନଜର ଆସିବେ । ଫିଲ୍ମଟି ୨୮ ମାର୍ଚ୍ଚରେ ପରଦାକୁ ଆସିବାକୁ ଯାଉଛି । ୱାର୍ଣ୍ଣରଙ୍କୁ ନେଇ ସୋସିଆଲ ମିଡିଆରେ ଜୋରଦାର ଆଲୋଚନା ଚାଲିଛି । ଡେଭିଡ୍ ୱାର୍ଣ୍ଣର ଫିଲ୍ମ ରବିନ ହୁଡ୍‌ରେ କ୍ୟାମିଓ କରିବାକୁ ଥିବାବେଳେ ସେ ପ୍ରତିଦିନ ୧କୋଟି ଟଙ୍କା ଫିସ୍ ନେବେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ ।

# ଆଇପିଏଲ୍ ପାଇଁ ବିସିସିଆଇର ନୂଆ ନିୟମ

ନୂଆଦିଲ୍ଲୀ, ୪।୩ (ଏଜେନ୍ସି): ଆଇପିଏଲ୍ ୨୦୨୫ ପାଇଁ ବିସିସିଆଇ ନୂଆ ନିୟମ ଲାଗୁ କରିଛି । ମାର୍ଚ୍ଚ ୨୨ରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ଅଭ୍ୟାସ ପାଇଁ ଦୁଇଟି ନେଟ୍ ଓ ରେଞ୍ଜ୍ ହିଟିଂ ପାଇଁ ସ୍କୋୟାର ୱିକେଟ ମିଳିବ । ମୁମ୍ବାଇ ଭେନ୍ୟୁ ପାଇଁ ଯଦି ଦୁଇଟି ଟିମ୍ ଏକତ୍ର ଅଭ୍ୟାସ କରିବେ, ତେବେ ଦୁଇଟି ଲଖାଏ ୱିକେଟ ମିଳିବ । ଓପନ ନେଟ୍ ପାଇଁ କାହାକୁ ଅନୁମତି ମିଳିବ ନାହିଁ । ଯଦି କୌଣସି ଟିମ୍ ଶୀଘ୍ର ଅଭ୍ୟାସ ଶେଷକରେ ତେବେ ଅନ୍ୟ ଟିମ୍‌କୁ ଏହି ପିଚ୍‌ରେ ଅଭ୍ୟାସ କରିବାକୁ ଅନୁମତି ମିଳିବ ନାହିଁ ।

ମ୍ୟାଚ୍ ଦିନ କୌଣସି ଦଳ ଅଭ୍ୟାସ କରିପାରିବେ ନାହିଁ । ସେଦିନ ଫିଟ୍‌ନେସ ଟେଷ୍ଟ ହେବ ନାହିଁ । ଅଭ୍ୟାସ ଦିନ ମାନ୍ୟତାପ୍ରାପ୍ତ କର୍ମଚାରୀଙ୍କୁ ଡ୍ରେସିଂ ରୁମ୍ ଓ ପଡ଼ିଆକୁ ଯିବାପାଇଁ ଅନୁମତି ମିଳିବ । ଖେଳାଳିଙ୍କ ପରିବାର ସଦସ୍ୟ ଓ ବନ୍ଧୁ ଅନ୍ୟ ବାହାନରେ ଯାତ୍ରା କରିବେ । ମ୍ୟାଚ୍ ଦିନ ଅଭ୍ୟାସ, ଫିଟ୍‌ନେସ୍ ପରୀକ୍ଷଣ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁରୋଧ ପାଇଁ ଭେନ୍ୟୁ ମ୍ୟାନେଜରଙ୍କ ସହ ଯୋଗାଯୋଗ କରାଯାଇ ପାରିବ । ଏହା ବ୍ୟତୀତ ଅନ୍ୟ କେତେଗୁଡ଼ିଏ କଟକଣା ମଧ୍ୟ ଲାଗୁ କରାଯାଇଛି ।

# ସେକ୍ରେଟାରୀଏଟ୍ କପ୍ କ୍ରିକେଟ: ଡିସିବି ବ୍ୟାଙ୍କ ବିଜୟୀ

ଭୁବନେଶ୍ୱର, ୪।୩ (ସବ୍ୟୁ): ଓଡ଼ିଶା ସେକ୍ରେଟାରୀ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ହାଇଟେକ୍ ଗ୍ରାଉଣ୍ଡରେ ଚାଲିଥିବା ୨୦ତମ ସେକ୍ରେଟାରୀଏଟ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳ ଡାଇରେକ୍ଟରେଟ୍ ଅଫ୍ ଏଗ୍ରିକଲ୍ଟର ଦଳକୁ ୫ ୱିକେଟରେ ହରାଇଛି ଡିସିବି ବ୍ୟାଙ୍କ । ଏହି ମ୍ୟାଚ୍‌ରେ ଏଗ୍ରିକଲଚର ଦଳ ୧୭ ଓଭରରେ ୭୬ ରନ କରି ଅଲଆଉଟ ହୋଇଥିଲା । ସାର୍ଥକ ସର୍ବାଧିକ ୩୦ ରନ କରିଥିଲେ । ଡିବିସି ବ୍ୟାକ୍ ପକ୍ଷରୁ ଡି. ମହାନ୍ତି, ୯ ରନ୍ ଦେଇ ୫ ୱିକେଟ ଅକ୍ତିଆର କରିଥିଲେ ।

ଜବାବରେ ଡିସିବି ବ୍ୟାଙ୍କ ୧୨.୩ ଓଭରରେ ୭୯/୫ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଡିସିବି ବ୍ୟାଙ୍କର ଡି. ମହାନ୍ତିଙ୍କୁ ଉଚ୍ଚକୋଟିର ବୋଲିଂ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଅମ୍ପାୟାର ପ୍ରଦୀପ୍ତ ମିଶ୍ର ଓ ସୁମନ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ ।



# ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ
# ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର, ୪।୩ (ସବ୍ୟୁ): ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମହେନ୍ଦ୍ର କୁମାର ଜେନା ସ୍ମାରକୀ ଟୁର୍ଣ୍ଣାମେଣ୍ଟର ପଞ୍ଚମ ମ୍ୟାଚ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂ ୨ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି ।

ଗ୍ରୁପ୍-ଏ'ର ଅନ୍ତିମ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ୩୧.୪ ଓଭରରେ ସମସ୍ତ ୱିକେଟ ହରାଇ ୧୬୪ ରନ କରିଥିଲା । ରାମେଶ୍ୱର ପକ୍ଷରୁ ସାରଂଶ କୁମାର ୬୭ ଓ ସମ୍ବିତ ବରାଳ ୫୩ ରନ କରିଥିଲେ । ପାରାମାଉଣ୍ଟ ପକ୍ଷରୁ ସାଇ ଶୁଭମ ୪ ୱିକେଟ ଓ ସ୍ୱୟଂ ରାଉତରାୟ ୨ ୱିକେଟ ଅକ୍ତିଆର କରିଥିଲେ ।

୧୬୫ ରନର ବିଜୟଲକ୍ଷ୍ୟକୁ ପିଛା କରି ପାରାମାଉଣ୍ଟ ଦଳ ୩୪.୪ ଓଭରରେ ୮ ୱିକେଟ ହରାଇ ବିଜୟଲକ୍ଷ୍ୟକୁ ହାସଲ କରିଥିଲା । ଅଂଶୁମାନ ସାହୁ ଅପରାଜିତ ୬୦, ସୁଦର୍ଶନ ସ୍ୱାଇଁ ୩୩ ରନ କରିଥିଲେ । ରାମେଶ୍ୱରର ଆଶୁତୋଷ ନାୟକ ୩ଟି ଓ ଶୁଭ୍ରକାନ୍ତ ପରିଡ଼ା ୨ ୱିକେଟ ଅକ୍ତିଆର କରିଥିଲେ । ଅଂଶୁମାନଙ୍କ ଲଢୁଆ ଇନିଂସ୍ ବଳରେ ପାରାମାଉଣ୍ଟ ୩ୟ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି ।

ଅଂଶୁମାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୂର୍ବତନ କ୍ରିକେଟର ଓ ସାଇ କ୍ରିଷ୍ଣା ହୋମ୍ସର ଶିଦ୍ଧିଶେଖର ଗରାବଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଅମ୍ପାୟାର ଅଜୟ ନାୟକ ଏବଂ ସିପି ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ । ବୁଧବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଟାଉନ କ୍ଲବ୍‌କୁ ଭେଟିବ ମୁକ୍ତେଶ୍ୱର କ୍ରିକେଟ କ୍ଲବ ।

# ସର୍ବଭାରତୀୟ ବେସାମରିକ ଖୋଖୋ ପାଇଁ ଖେଳାଳି ଚୟନ

ଭୁବନେଶ୍ୱର, ୪।୩ (ସବ୍ୟୁ): ନୂଆଦିଲ୍ଲୀର ବିନୟମାର୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହେବାକୁ ଥିବା ସର୍ବଭାରତୀୟ ବେସାମରିକ ହକି ପ୍ରତିଯୋଗିତା (୨୧ରୁ ୨୫ ତାରିଖ) ପାଇଁ ଖେଳାଳି ଚୟନ ପ୍ରକ୍ରିୟା ରବିବାର ସକାଳ ୯ଟାରେ ଲୋକସେବା ଭବନ ୫ ନମ୍ବର ଗେଟ୍ ପାଖରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରୀରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ ।

ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ କିମ୍ବା ଅଫିସ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ତଥା ଏନ୍‌ଓସି ସାଙ୍ଗରେ ଆଣି ନାମ ପଞ୍ଜୀକରଣ କରାଇବା ସହ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ଅଧିକ ସୂଚନା ପାଇଁ ହରପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ମୋତିଲାଲ୍ କାଲୋ (୯୯୩୭୨୬୧୩୨୯) ଏବଂ ଅକ୍ଷୟ ପରିଜା (୬୩୭୧୪୫୩୩୫୪)ଙ୍କୁ ଯୋଗାଯୋଗ କରିପାରିବେ ।


## ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541